

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-131 ♦FRIDAY ♦7 NOVEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୩୧ ♦ଶୁକ୍ରବାର ♦୭ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ବିହାର ନିର୍ବାଚନ

# ୭୩ ବର୍ଷରେ ସର୍ବାଧିକ ମତଦାନ

### ପ୍ରଥମ ପର୍ଯ୍ୟାୟରେ ୬୪ ପ୍ରତିଶତ ମତଦାନ



■ **ପାଟନା, ୬।୧୧ (ଏଜେନ୍ସି)** : ବିହାର ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟ ମତଦାନ ଆଜି ଶେଷ ହୋଇଛି । ୩ କୋଟି ୭୫ ଲକ୍ଷ ମତଦାତାଙ୍କ ମଧ୍ୟରୁ ୬୪.୪୬ ପ୍ରତିଶତ ଭୋଟର ସନ୍ଧ୍ୟା ସୁଦ୍ଧା ମତଦାନ କରିଛନ୍ତି, ଯାହା ଗତ ୭୩ ବର୍ଷରେ ସର୍ବାଧିକ। ଏହି ୨୦୨୦ ନିର୍ବାଚନ ତୁଳନାରେ ୮.୭୮ ପ୍ରତିଶତ ଅଧିକ । ୨୦୨୦ରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ୫୫.୬୮ ପ୍ରତିଶତ ମତଦାନ ହୋଇଥିଲା । ଏହାସହିତ ୨୪୩ ସଭ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାର ୧୨୧ଟି ଆସନରେ ୧୩୧୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି । ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଆସନ୍ତା ୧୧ ତାରିଖରେ ହେବ । ଏଥିପାଇଁ ପ୍ରଚାର ଅଭିଯାନ ଜୋରଦାର ଚାଲିଛି ।

ସୂଚନାଯୋଗ୍ୟ ଯେ ଗତ ୨୦୨୦ରେ ହୋଇଥିବା ନିର୍ବାଚନରେ ଏହି ୧୨୧ ଆସନ ମଧ୍ୟରୁ ଆରଜେଡି ମେଣ୍ଟକୁ ୬୩ ଆସନ ମିଳିଥିବା ବେଳେ ବିଜେପି ମେଣ୍ଟକୁ ମିଳିଥିଲା ୫୫ ଆସନ । ପ୍ରଥମ ପର୍ଯ୍ୟାୟ ମତଦାନରେ ଆଜି ସକାଳୁ ମତଦାନ କେନ୍ଦ୍ରମାନଙ୍କରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଆରଜେଡି ନେତା ଲାଲୁ ପ୍ରସାଦ ଯାଦବ, ତେଜସ୍ୱୀ ଯାଦବ, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ ମତଦାନ କେନ୍ଦ୍ର ଯାଇ ଭୋଟ ଦେଇଥିବା 'ଏକ୍ସ'ରେ ସେୟାର କରିଛନ୍ତି । କାଁଭାଁ ହିଂସାକାଣ୍ଡକୁ ଛାଡ଼ିଦେଲେ ଆଜିର ମତଦାନ ମୋଟାମୋଟି ରୂପେ ଶାନ୍ତିପୂର୍ଣ୍ଣ ରହିଛି । କୌଣସି ସ୍ଥାନରେ ବଡ଼ ଧରଣର ହିଂସାକାଣ୍ଡ ଘଟିନାହିଁ ।

ରାଜ୍ୟରେ ଏଥର ନିର୍ବାଚନରେ ମୁଖ୍ୟ ମୁକାବିଲା ଏନ୍‌ଡିଏ ଏବଂ ଇଣ୍ଡିଆ ମେଣ୍ଟ ମଧ୍ୟରେ ହେଉଛି । ବେକାରୀ ସମସ୍ୟା, ଦୁର୍ନୀତି, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ ରହିଛି । ବିହାରରେ ବିବାଦୀୟ ଏସ୍‌ଆଇଆର ପରେ ପ୍ରଥମ ଥର ଲାଗି ମତଦାନ ହେଉଛି । ଏହି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ୬୫ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି । ଏଥିମଧ୍ୟରେ ଅନେକ ଭୋଟରଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ କେତେକ ଅନ୍ୟ ରାଜ୍ୟକୁ ଚାଲିଯାଇଛନ୍ତି ବୋଲି ନିର୍ବାଚନ କମିସନ କହିଛନ୍ତି । କିନ୍ତୁ ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଗରିବ ଓ ସଂଖ୍ୟାଲଘୁ ସଂପ୍ରଦାୟ ଭୋଟରଙ୍କ ନାମକୁ କାଟି ଦିଆଯାଇଛି ।

ଇତିମଧ୍ୟରେ କେତେକ ବିଜେପି ନେତା ଦୁଇଟି ରାଜ୍ୟରେ ମତଦାନ କରୁଥିବା ନେଇ କଂଗ୍ରେସ ଅଭିଯୋଗ କରିଛି । ଆରଏସଏସ୍ ନେତା ତଥା ରାଜ୍ୟସଭା ସାଂସଦ ରାକେଶ ସିହ୍ନାଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିଛି । ଗତ ଫେବୃରାରୀ ମାସରେ ଦିଲ୍ଲୀ ବିଧାନସଭା ପାଇଁ ହୋଇଥିବା ନିର୍ବାଚନରେ ସିହ୍ନା ଭୋଟ୍ ଦେଇଥିବା ବେଳେ ଆଜି ପୁଣି ବିହାର ବିଧାନସଭା ନିର୍ବାଚନରେ ମତଦାନ କରିଛନ୍ତି । ସିହ୍ନା ନିଜେ ସେୟାର କରିଥିବା ଫଟୋକୁ ଆଜି କଂଗ୍ରେସ ଦେଖାଇଛି । କଂଗ୍ରେସ କହିଛି ଯେ ଦିଲ୍ଲୀରେ ମତଦାନ କରିଥିବା ସିହ୍ନା ବିହାରରେ କେମିତି ମତଦାନ କଲେ । କେବଳ ସିହ୍ନା ନୁହେଁ, ବିଜେପିର ଆଉ କେତେକ ନେତା ମଧ୍ୟ ଏଭଳି ମତଦାନ କରିଥିବା କଂଗ୍ରେସ କହିଛି । ଏହା ଭୋଟଚୋରି ନୁହେଁ ତ ଆଉ କ'ଣ ବୋଲି ପ୍ରଶ୍ନ କରିଛି କଂଗ୍ରେସ ।

# ଘାଟି ଚଢୁଚଢୁ ଜଳିଗଲା ବସ୍

### ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



■ **ପଟ୍ଟାଙ୍ଗି, ୬।୧୧ (ସମିସ)**: ଆନ୍ଧ୍ରର ବିଜୟନଗରରୁ ଓଡ଼ିଶା ଆସୁଥିବା ଏକ ଓଏସ୍‌ଆର୍‌ଟିସି ବସ୍ ନିଆଁ ଲାଗି ଜଳିଯାଇଛି । ଇଞ୍ଜିନ୍ ନିକଟରେ ସର୍ଟସର୍କିଟ୍ ହୋଇ ଏହି ଅଘଟଣ ଘଟିଛି । ତେବେ ସୌଭାଗ୍ୟକୁ ବସ୍ ଚାଳକ ଗାଡ଼ିକୁ ରାସ୍ତାପାର୍ଶ୍ୱରେ ଅଟକାଇ ଦେବାରୁ ବସ୍‌ରେ ଥିବା ଯାତ୍ରୀମାନଙ୍କ ଜୀବନ ରକ୍ଷା ପାଇଯାଇଛି ।

ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୫ଟାରେ ଓଏସ୍‌ଆର୍‌ଟିସିର ଏକ ବସ୍ (ଓଡି ୧୦ ଏସ ୬୭୫୪) ଆନ୍ଧ୍ରପ୍ରଦେଶର ବିଜୟନଗର ଡିପୋରୁ ଯାତ୍ରୀଙ୍କୁ ଧରି ଜୟପୁର ଅଭିମୁଖେ ଆସୁଥିଲା । ସକାଳ ପ୍ରାୟ ସାଢ଼େ ୭ଟାରେ ବସ୍‌ଟି ଓଡ଼ିଶା ସୀମାନ୍ତ ପାସିପେଣ୍ଟା ଥାନା ଅନ୍ତର୍ଗତ କୋନାଓ୍ୱାଲାସା ଗ୍ରାମ ନିକଟ ସାଲୁର୍ ଘାଟି ଚଢୁଥିବା ବେଳେ ଇଞ୍ଜିନରୁ ଧୂଆଁ ବାହାରୁଥିବା ଚାଳକ ଦେଖିବାକୁ ପାଇଥିଲେ । ତେଣୁ, ସେ ଗାଡ଼ିଟିକୁ ରାସ୍ତାପାର୍ଶ୍ୱରେ ଅଟକାଇ ଯାତ୍ରୀମାନଙ୍କୁ ଓହ୍ଲାଇ ଦେଇଥିଲେ । କିଛି ସମୟ ପରେ ଗାଡ଼ିଟି ହୁତୁହୁତୁ ହୋଇ ଜଳିଥିଲା । ଘାଟି ନିକଟରେ ଏକ ପୁଲିସ ଚେକ୍‌ପୋଷ୍ଟରୁ ଖବର ପାଇ ସାଲୁର ସହରରେ ରହିଥିବା ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା । କିନ୍ତୁ ସେତେବେଳକୁ ବସ୍‌ଟି ସଂପୂର୍ଣ୍ଣ ଜଳି ଯାଇଥିଲା । ପାସିପେଣ୍ଟା ପୁଲିସ ଏକ ମାମଲା ରୁଜୁ କରି ଅଧିକ ଯାଞ୍ଚ ଚଳାଇଛି ।

# ଆଜି ନୂଆପଡ଼ାରେ ନବୀନ ଶୋ'



### ସକାଳେ ୨ ଏନ୍‌ଏସିରେ ୬ ପଥପ୍ରାନ୍ତ ସଭା

### ଅପରାହ୍ନରେ ପାରକୋଡ଼ରେ ଜନସମାବେଶ

■ **ନୂଆପଡ଼ା, ୬।୧୧ (ସମିସ)**: ଆସନ୍ତାକାଲି ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନିମନ୍ତେ ପ୍ରଚାର ନିମନ୍ତେ ଦ୍ୱିତୀୟବାର ନୂଆପଡ଼ା ଆସିବେ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ନୂଆପଡ଼ା ନିର୍ବାଚନମଣ୍ଡଳୀର ନୂଆପଡ଼ାରୁ ଖରିଆର୍ ରୋଡ୍ ପର୍ଯ୍ୟନ୍ତ ଏକ ବିଶାଳ ରୋଡ୍ ଶୋ'ରେ ଯୋଗ ଦେବେ ବୋଲି ନିଜେ ନବୀନ ଦିନକ ତଳେ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ଖରିଆର ରୋଡ୍ ଥାନା ନିକଟରେ ଅସ୍ଥାୟୀ ହେଲିପ୍ୟାଡ଼ରେ ଅବତରଣ କରିବା ପରେ ନବୀନ ୧୧ଟା ୪୦ରୁ ରୋଡ୍ ଶୋ' ଆରମ୍ଭ କରିବେ । ଦାଗା ଛକ, ବିଜୁ ପଟ୍ଟନାୟକ ଛକ, ଲଖମାନିଆ ପେଟ୍ରୋଲପମ୍ପ ଛକ ନିକଟରେ ସ୍ଥାନୀୟ ଜନସାଧାରଣଙ୍କ ସମାବେଶକୁ ଉଦ୍‌ବୋଧନ ଦେବେ । ଏହାପରେ ନୂଆପଡ଼ା ଏନ୍‌ଏସି ଅନ୍ତର୍ଗତ ସୂର୍ଯ୍ୟନଗର ଛକ, ଗାୟତ୍ରୀ ମନ୍ଦିର ଛକ, ଏକତା ଛକରେ ମଧ୍ୟ ଅନୁରୂପ ସମବେଶରେ ଉଦ୍‌ବୋଧନ ଦେବେ । ସେହିପରି ଅପରାହ୍ନରେ ନବୀନ ପାରକୋଡ୍ ନିକଟରେ ଏକ ବିଶାଳ ଜନସମାବେଶକୁ ଉଦ୍‌ବୋଧନ କରିବେ ବୋଲି ତାଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି ।

ଗତ ୩ ତାରିଖରେ ନବୀନ ନୂଆପଡ଼ା ଗସ୍ତ ସମୟରେ ଶାସକ ଦଳକୁ ଶାଣିତ ଆକ୍ରମଣ କରିଥିଲେ । ରାଜ୍ୟ ସରକାରଙ୍କୁ 'ନେମ୍ ଚେଞ୍ଜର୍' ଓ 'ରଙ୍ଗବଦଳା' ବୋଲି ଉଲ୍ଲେଖ କରି ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟବାସୀଙ୍କୁ କରାଯାଇଥିବା ପ୍ରତାରଣାକୁ ଗୋଟିଗୋଟି ଗଣିଥିଲେ । ନବୀନଙ୍କ ଏହି ଆକ୍ରମଣାତ୍ମକ ମୁଦ୍ରା ନୂଆପଡ଼ାବାସୀଙ୍କୁ ବେଶ୍ ପ୍ରଭାବିତ କରିଥିବା ବିଜେଡି ମନେ କରୁଛି । ନବୀନଙ୍କ ଗସ୍ତ ନୂଆପଡ଼ା ନିର୍ବାଚନରେ ନିର୍ଣ୍ଣାୟକ ହେବ ବୋଲି ମଧ୍ୟ ବିଭିନ୍ନ ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ନବୀନଙ୍କ ଗସ୍ତ ଉପରେ ସମସ୍ତଙ୍କର ନଜର ରହିଛି ।

# ଖସୁଛି ତାପମାତ୍ରା; ଦୁଇ ସପ୍ତାହ ଶୀତ

■ **ଭୁବନେଶ୍ୱର, ୬।୧୧ (ସମିସ)**: ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ହେବାରେ ଲାଗିଛି । ତାପମାତ୍ରା ହ୍ରାସ ଯୋଗୁଁ ଅନେକ ସ୍ଥାନରେ ଥଣ୍ଡା ବଢ଼ିଛି । ମଙ୍ଗଳବାର ତୁଳନାରେ ଯଦିଓ ବୁଧବାର ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିଛି, ହେଲେ ଶୁକ୍ରବାରଠାରୁ ପୁଣି ତାପମାତ୍ରା ହ୍ରାସ ପାଇବାର ସମ୍ଭାବନା ରହିଛି । ଏହି ତାପମାତ୍ରା ହ୍ରାସର ଧାରା ପ୍ରାୟ ୨ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବାକୁ ଥିବାରୁ ଆଗକୁ ଶୀତର ପ୍ରଭାବ ଲାଗି ରହିବାର ସମ୍ଭାବନା ରହିଛି ।


ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଶୁକ୍ରବାରଠାରୁ ରାଜ୍ୟରେ ରାତିର ତାପମାତ୍ରା ହ୍ରାସ ପାଇବା ଯୋଗୁଁ ଥଣ୍ଡା ବୃଦ୍ଧି ପାଇବ । ରବିବାର ରାତି ସୁଦ୍ଧା ପ୍ରାୟ ୩-୫ ଡିଗ୍ରୀ ତାପମାତ୍ରା କମିବ । ରାଉରକେଲା, ତୁରୁମୁଙ୍ଗା, ବାଲିଗୁଡ଼ା, ଗଜାପୁର(ଗଜପତି)ରେ ତାପମାତ୍ରା ୧୨ ଡିଗ୍ରୀ ପହଞ୍ଚିପାରେ । ସମ୍ବଲପୁର, ଭାବନୀପାଟଣା, ▶ପୃଷ୍ଠା-୭

### ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ରିପୋର୍ଟ

# ବେତନ ଓ ପେନ୍‌ସନରେ ଯାଉଛି ବଜେଟର ୬୨%

### ବିକାଶ ପ୍ରକଳ୍ପ ପାଇଁ ଖର୍ଚ୍ଚ କରିବାକୁ ପଇସା ନାହିଁ

### ରାଜ୍ୟର ସ୍ଥିତିକୁ ଦୁର୍ବଳ କରୁଛି ମାଗଣା ସହାୟତା




■ **ନୂଆଦିଲ୍ଲୀ, ୬।୧୧ (ଏଜେନ୍ସି)**: ସମ୍ପ୍ରତି ଦେଶର ରାଜ୍ୟଗୁଡ଼ିକ ଏକ ଗମ୍ଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି । ଏହି ଅର୍ଥାଭାବ ସ୍ଥିତି ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ବିକାଶ କାର୍ଯ୍ୟକ୍ରମ ପାଇଁ ପାଣ୍ଠି ଯୋଗାଇବାର କ୍ଷମତାକୁ ପ୍ରଭାବିତ କରିଛି । କେବଳ ଦରମା ଓ ପେନସନ ବାବଦରେ ରାଜ୍ୟଗୁଡ଼ିକ ବଜେଟ୍‌ର ୬୨% ବ୍ୟୟ କରୁଛନ୍ତି । ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ଷ୍ଟେଟ୍ ଅଫ୍ ଷ୍ଟେଟ୍ ଫାଇନାନ୍ସ ୨୦୨୫ ଶୀର୍ଷକ ରିପୋର୍ଟରେ ଏହା କୁହାଯାଇଛି ।

ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବଜେଟ୍ ଡକ୍ୟୁମେଣ୍ଟ, ଅଡିଟ୍ ଆକାଉଣ୍ଟରୁ ତଥ୍ୟ ଆଧାରରେ ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି ଯେ ଆର୍ଥିକବର୍ଷ ୨୦୨୪ରେ ଦେଶର ବିଭିନ୍ନ ରାଜ୍ୟଗୁଡ଼ିକ ରାଜସ୍ୱ ଆୟର ୫୩% ପ୍ରତିଶତ ଅର୍ଥ କେବଳ ଦରମା, ପେନସନ ଏବଂ ସୁଧ ଦେୟ ବାବଦ ଖର୍ଚ୍ଚ ହୋଇଛି । ପଞ୍ଜାବ ଭଳି ରାଜ୍ୟରେ ନିଜସ୍ୱ ରାଜସ୍ୱର ୧୦୭% ଅଧିକ ଖର୍ଚ୍ଚ କେବଳ ଏହି କ୍ଷେତ୍ରରେ ବ୍ୟୟ କରିଛି । ସେହିପରି ହିମାଚଳ ପ୍ରଦେଶ (୮୫ ପ୍ରତିଶତ), ତାମିଲନାଡୁ (୭୭ ପ୍ରତିଶତ), କେରଳ (୭୫ ପ୍ରତିଶତ) ଏବଂ ହରିୟାଣା (୭୧ ପ୍ରତିଶତ) ରହିଛି । ରିପୋର୍ଟରେ ଆହୁରିମଧ୍ୟ କୁହାଯାଇଛି ଯେ ▶ପୃଷ୍ଠା-୭







# ପ୍ରଥମ ପ୍ରୟାସରେ ରିକ୍ସାବାଲାଙ୍କ ପୁଅ ଆଇଏଏସ୍



ନୂଆଦିଲ୍ଲୀ, ୬।୧୧(ଏଜେନ୍ସି): ରିକ୍ସାବାଲାଙ୍କ ପୁଅ ହୋଇଥିଲେ ମଧ୍ୟ ପ୍ରଥମ ପ୍ରୟାସରେ ୟୁନିୟନ ପବ୍ଲିକ ସର୍ଭିସ କମିସନ (ୟୁପିଏସ୍‌ସି) ପରୀକ୍ଷାରେ ସଫଳତା ହାସଲ କରି ଆଇଏଏସ୍ ପାଇଛନ୍ତି ଗୋବିନ୍ଦ ଜୟସ୍ୱାଲ। ସେ ଉତ୍ତରପ୍ରଦେଶର ବାରଣାସୀରେ ଅତି ଦରିଦ୍ର ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଦାରିଦ୍ର୍ୟ ତଥା ଆର୍ଥିକ ଅନଟନ ତାଙ୍କ ସ୍ୱପ୍ନକୁ ପୂରଣ କରିବାରେ ବାଧକ ସାଜି ନଥିଲା। ଦୃଢ଼ ଇଚ୍ଛାଶକ୍ତି, ଅଧ୍ୟବସାୟ ଓ କଠିନ ପରିଶ୍ରମ ବଳରେ ମଣିଷ ସବୁକିଛି ହାସଲ କରିପାରିବ ବୋଲି ସେ ପ୍ରମାଣ କରିଥିଲେ। ନିକଟରେ ଏକ ସାକ୍ଷାତକାର ଦେବା ଅବସରରେ ଗୋବିନ୍ଦ ନିଜର ସଂଘର୍ଷ କାହାଣୀ ବଖାଣିଛନ୍ତି। ଯଦି ମୁଁ ଆଇଏଏସ୍ ପାଇଛି, ତେବେ ସମସ୍ତେ ମଧ୍ୟ ପାଇପାରିବେ। କୌଣସି ପ୍ରକାର ସ୍ଥିତିରେ ଖରାପ ପରିସ୍ଥିତିର ଦୋଷ ଦେବା ଉଚିତ୍ ନୁହଁ ବୋଲି ସେ କହିଛନ୍ତି। ଏବେ ସେ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗରେ ଯୁଗ୍ମ ସଚିବ ପଦରେ କାର୍ଯ୍ୟ କରୁଛନ୍ତି।

ବାପା ନାରାୟଣ ଜୟସ୍ୱାଲ ରିକ୍ସା ଟାଣନ୍ତି। ମା'ଙ୍କ ଚିକିତ୍ସା କାରଣରୁ ପରିବାର ଆର୍ଥିକ ସ୍ଥିତି ଖରାପ ହୋଇଯାଇଥିଲା। ଗୋବିନ୍ଦ ୭ମ ଶ୍ରେଣୀରେ ପଢୁଥିବା ବେଳେ ବ୍ରେନ ହାମରେଜ କାରଣରୁ ମା'ଙ୍କ ଦେହାନ୍ତ ହୋଇଥିଲା। ଫଳରେ ସ୍ଥିତି ଆହୁରି ଖରାପ୍ ହୋଇଥିଲା। ଲୋକ ଗୋବିନ୍ଦଙ୍କୁ ଏହି ସ୍ଥିତିରେ ପରିହାସ କରି ବିଭିନ୍ନ ମନ୍ତବ୍ୟ ଦେଉଥିଲେ। ବାପାଙ୍କ ଭଳି ରିକ୍ସା ଟାଣିବାକୁ ଓ ଭଉଣୀମାନଙ୍କ ପର ଘରେ ବାସନ ମାଜିବାକୁ ଲୋକେ ତାଙ୍କୁ ତାଚ୍ଛଲ୍ୟ କରି କହୁଥିଲେ। ଗୋବିନ୍ଦ ଏ ସବୁ ଚୁପ୍‌ଚାପ ଶୁଣି ସହିଯାଉଥିଲେ। କିନ୍ତୁ ନିଜ ଶୈଳୀରେ ସେ ସମସ୍ତଙ୍କୁ ଉଚିତ ଜବାବ ଦେବେ ବୋଲି ମନେମନେ ସ୍ଥିର କରି ନେଇଥିଲେ। ଅଭାବ ଅସୁବିଧା ସତ୍ତ୍ୱେ ନାରାୟଣ କେବେବି ପୁଅ ଓ ୩ ଝିଅଙ୍କ ପାଠ ପଢ଼ାରେ ଅବହେଳା କରିନାହାନ୍ତି। ପାଠ ଓ ଜ୍ଞାନ ବଳରେ ପୁଅ ଓ ଝିଅଙ୍କ ଜୀବନ ସାର୍ଥକ ହେବ ବୋଲି ସେ ଭଲଭାବେ ଅବଗତ ଥିଲେ। ନିଜ ୪ ପିଲାଙ୍କୁ ପଢ଼ାଇବା ପାଇ ସେ ସବୁ ପ୍ରକାର ପ୍ରୟାସ କରିଥିଲେ। କୌଣସି ପ୍ରକାର ଗୋବିନ୍ଦ ଓ ତାଙ୍କ ୩ ଭଉଣୀ ଗ୍ରାଜୁଏସନ କରିଥିଲେ। ପିଲାଟି ବେଳୁ ଗୋବିନ୍ଦ ୟୁପିଏସ୍‌ସି ସିଭିଲ ସର୍ଭିସ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି କରିବା ସହ ଆଇଏଏସ୍ ହେବେ ବୋଲି ସ୍ୱପ୍ନ ଦେଖୁଥିଲେ। ସେ ରିକ୍ସାବାଲାଙ୍କ ପୁଅ ବୋଲି ଜାଣିପାରି ତାଙ୍କ ସାଙ୍ଗଙ୍କ ପରବାର ଲୋକେ ମଧ୍ୟ ତାଙ୍କୁ ଏକାଧିକବାର ଖରାପ ବ୍ୟବହାର କରିଥିଲେ। ସମସ୍ତଙ୍କ କଡ଼ା ଜବାବ ଦେବେ ବୋଲି ସେ ସ୍ଥିର କରିନେଇଥିଲେ। କିନ୍ତୁ ଆଇଏଏସ ହେବାର ରାସ୍ତା ଆଦୌ ସହଜ ନଥିଲା। କୌଣସି କାରଣରୁ ଆହତ ହେବା ପରେ ନାରାୟଣ ଆଉ ରିକ୍ସା ଚଳାଇପାରି ନଥିଲେ। ତେଣୁ ସେ ଜମି ବିକ୍ରି କରି ଗୋବିନ୍ଦଙ୍କୁ ଦିଲ୍ଲୀ ପଠାଇଥିଲେ। ଅର୍ଥାଭାବ କାରଣରୁ ଗୋବିନ୍ଦ ଦିଲ୍ଲୀରେ ଟ୍ୟୁସନ କରି ନିଜେ ପାଠ ପଢ଼ିବା ସହ ନିଜ ପରିବାରକୁ ଟଙ୍କା ପଠାଉଥିଲେ। ସେ ମଧ୍ୟ ଗୋଟିଏ ଓଳି ଖାଇବା ଛାଡି ଦେଇଥିଲେ। ୨୦୦୬ରେ ସେ ପ୍ରଥମଥର ପାଇଁ ଆଇଏସ୍ ପରୀକ୍ଷା ଦେଇଥିଲେ ଓ କୃତକାର୍ଯ୍ୟ ହୋଇଥିଲେ। ସର୍ବଭାରତୀୟ ମାନ୍ୟତାରେ ସେ ୪୮ ତମ ସ୍ଥାନ ଅଧିକାର କରିଥିଲେ।

## ଫିଲିପାଇନ୍ସରେ ବାତ୍ୟା; ୧୧୪ ମୃତ

ମାନିଲା, ୬।୧୧(ଏଜେନ୍ସି): ଫିଲିପାଇନ୍ସରେ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ ଜୁନିଅର ଗୁରୁବାର ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଛନ୍ତି। ବାତ୍ୟା କାଲମାଗୀ ଯୋଗୁଁ ଦେଶରେ ୧୧୪ ଜଣ ଲୋକ ମୃତ୍ୟୁବରଣ କରିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ବାତ୍ୟା କାରଣରୁ ହୋଇଥିବା ବିପର୍ଯ୍ୟୟ ପରିଚାଳନା ବୈଠକରେ ମାର୍କୋସ ଏହି ଘୋଷଣା କରିଥିଲେ। ଚଳିବର୍ଷ କାଲମାନୀ ଦେଶରେ ସର୍ବବୃହତ ପ୍ରାକୃତିକ ବିପର୍ଯ୍ୟୟ ଭାବେ ପରିଗଣିତ ହେଉଛି। ଅଧିକାଂଶ ଲୋକ ଅଚାନକ ଆସିଥିବା ବନ୍ୟାରେ ବୁଡିବା ଯୋଗୁଁ ମୃତ୍ୟୁବରଣ କରିଥିଲେ। ଏବେ ମଧ୍ୟ ୧୨୭ଜଣ ଲୋକ ନିଖୋଜ ଅଛନ୍ତି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ଏମାନଙ୍କ ମଧ୍ୟରେ ଅଧିକାଂଶ ଲୋକ ସେବୁ ପ୍ରଦେଶର ବୋଲି କୁହାଯାଇଛି। ଏହି ବାତ୍ୟାରେ ପାଖାପାଖି ୨୦ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫.୬ ଲକ୍ଷ ଲୋକଙ୍କୁ ଘର ଛାଡିବାକୁ ପଡ଼ିଥିଲା। ଏବେ ୪.୫ ଲକ୍ଷ ଲୋକ ରିଲିଫ୍ ଶିବିରରେ ଶରଣ ନେଇଛନ୍ତି। ଇତିମଧ୍ୟରେ ଆଉ ଏକ ବାତ୍ୟା ପ୍ରଶାନ୍ତ ମହାସାଗରରୁ ଆସିବ ଓ ଏହା ଆସନ୍ତା ସପ୍ତାହରେ ଫିଲିପାଇନ୍ସରେ ଲ୍ୟାଣ୍ଡଫଲ କରିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

## ସୈନିକ ସ୍କୁଲ୍‌ରେ ଛାତ୍ରଙ୍କ ଆତ୍ମହତ୍ୟା

ଇଟାନଗର, ୬।୧୧(ଏଜେନ୍ସି): ଅରୁଣାଚଳ ପ୍ରଦେଶର ଇଷ୍ଟ ସିଆଙ୍ଗ ଜିଲ୍ଲାସ୍ଥିତ ନିଗଲୋକ ସୈନିକ ସ୍କୁଲ୍‌ରେ ଜଣେ ସପ୍ତମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଏନେଇ ଛାତ୍ରଙ୍କ ଭଉଣୀ ତାଡୁ ଲୁନିଆ ସିନିଅର ଛାତ୍ରଙ୍କ ଉପରେ ର‌୍ୟାଗିଂ କରିବାର ଅଭିଯୋଗ ଆଣିଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ଭିଡିଓ ସେୟାର କରି ସେ ଏହି ଅଭିଯୋଗ କରିଛନ୍ତି। ଅକ୍ଟୋବର ୩୧ ରାତିରେ ୧୧ଟାରେ ୧୦ମ ଓ ୮ମ ଶ୍ରେଣୀର ଜୁନିଅର ଛାତ୍ରଙ୍କ କଠୋରୀରେ ପଶିଥିଲେ। ବରିଷ୍ଠ ଛାତ୍ରମାନେ ୭ମ ଶ୍ରେଣୀ ଛାତ୍ରଙ୍କୁ ଡରାଇବା ଓ ଧମକାଇବା ସହ ମୋ ଭାଇକୁ ୧୦ମ ଶ୍ରେଣୀ କୋଠରୀକୁ ନେଇଥିଲେ। ରାତିସାରା ଭାଇକୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ମୋ ଭାଇକୁ ସେମାନେ ଚୋର କହିଥିଲେ ବୋଲି ଲୁନିଆ କହିଛନ୍ତି। ଛାତ୍ରଙ୍କ ସୁସାଇଡ୍ ନୋଟ ମଧ୍ୟ ଜବତ କରାଯାଇଛି। ଏଥିରେ ସିନିଅର ଛାତ୍ରମାନେ ନିର୍ଯାତନା ଦେଉଥିଲେ ଓ ଏବେ କ'ଣ କରିବି ବୋଲି ସେ ଉଲ୍ଲେଖ କରିଛନ୍ତି। ନଭେମ୍ବର ପହିଲାରେ ୧୨ ବର୍ଷର ଜଣେ ଛାତ୍ରଙ୍କ ମୃତଦେହ ପାଣି ଟାଙ୍କିରେ ଦେଖିବାକୁ ମିଳିଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଓ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏହି ମାମଲାରେ ପୁଲିସ ୮ ଜଣ ଛାତ୍ରଙ୍କୁ ଗିରଫ କରିଛି ଓ ଯାଞ୍ଚ ଆରମ୍ଭ କରିଛି।

### ରାଗିଂର ଅଭିଯୋଗ, ୮ ଛାତ୍ର ଗିରଫ

## ପାକିସ୍ତାନରେ ଜେନ୍-ଜେଡ୍ ବିକ୍ଷୋଭ

ଇସଲାମାବାଦ୍, ୬।୧୧(ଏଜେନ୍ସି): ନେପାଳ ଓ ବାଂଲାଦେଶ ପରେ ଏବେ ପାକିସ୍ତାନରେ ସରକାରଙ୍କ ବିରୋଧରେ ଜେନ୍- ଜେଡ୍ ପ୍ରଦର୍ଶନ ଆରମ୍ଭ ହୋଇଛି। ସରକାରଙ୍କ ବିରାଧରେ ଯୁବଗୋଷ୍ଠୀ ସଡ଼କକୁ ଓହ୍ଲାଇଛନ୍ତି। ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଏହି ପ୍ରଦର୍ଶନ ଦେଖିବାକୁ ମିଳିଛି। ଶିକ୍ଷା ବ୍ୟବସ୍ଥାରେ ଉନ୍ନତି, ପରୀକ୍ଷା ଇ- ମାର୍କିଂ ସିଷ୍ଟମରେ ସମସ୍ୟା, ଫି ବୃଦ୍ଧି ଓ ମୌଳିକ ସୁବିଧା ସୁଯୋଗ ନେଇ ଏହି ପ୍ରଦର୍ଶନ ହୋଇଛି। ଏହି ଆନ୍ଦୋଳନ ନଭେମ୍ବର ୪ରେ ପିଓକେ ରାଜଧାନୀ ମୁଜାଫରାବାଦ୍‌ର ୟୁନିଭର୍ସିଟି ଅଫ୍ ଆଜାଦ ଜମ୍ମୁ ଆଣ୍ଡ କଶ୍ମୀରରୁ ଆରମ୍ଭ ହୋଇଥିଲା। ସେମିଷ୍ଟାର ଫିସ୍‌ରେ ଲକ୍ଷ ଲକ୍ଷ ଟଙ୍କା ବୃଦ୍ଧି କରାଯାଇଥିବାରୁ ଛାତ୍ରମାନେ ଏହାର ବିରୋଧ କରିଥିଲେ। ଆନ୍ଦୋଳନ ଅବସରରେ ଜଣେ ଛାତ୍ରଙ୍କ ଦେହରେ ଗୁଳି ବାଜିଥିଲା। ଫଳରେ ଆନ୍ଦୋଳନ ଆହୁରି ଉଗ୍ର ହୋଇଥିଲା। ମୁଜାଫରାବାଦ୍‌ରୁ ବାହାରି ଏହି ଆନ୍ଦୋଳନ ମୀରପୁର, କୋଟଲି, ରାବଲାକୋଟ ଓ ଅନ୍ୟ ସହରକୁ ବ୍ୟାପୀ ଯାଇଥିଲା। ଲାହୋରରେ ମଧ୍ୟ ଇଣ୍ଟରମିଡିଏଟ୍ ଛାତ୍ରମାନେ ଧାରଣା ଦେଇଛନ୍ତି। ଛାତ୍ରମାନେ 'ସ୍ୱାଧୀନତା ଓ ହତ୍ୟାକାରୀ ଜବାବ ଦିଅ, ରକ୍ତର ହିସାବ ଦିଅ' ସ୍ଲୋଗାନ ଦେବା ସହ ପାକ୍ ସେନା ଉପରେ ଅତ୍ୟାଚାର କରୁଥିବାର ଅଭିଯୋଗ କରିଥିଲେ। ପୂର୍ବରୁ ଦରଦାମ ବୃଦ୍ଧି ନେଇ ପିଓକେରେ ୫ ଦିନଧରି ପ୍ରଦର୍ଶନ ଚାଲିଥିଲା। ପୂର୍ବରୁ ମଧ୍ୟ ପିଓକେରେ ଏଭଳି ଏକାଧିକ ଉଗ୍ର ପ୍ରଦର୍ଶନ ଦେଖିବାକୁ ମିଳିଥିଲା।

### ସେନାର ଅତ୍ୟାଚାର, ଫି' ବୃଦ୍ଧିକୁ ନେଇ ରାସ୍ତାରେ ବିକ୍ଷୋଭ

# ପୋଖରୀରେ ହଜାର ହଜାର ଆଧାର କାର୍ଡ

କୋଲକାତା୬ ।୧୧(ଏଜେନ୍ସି): ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍) ପ୍ରକ୍ରିୟା ଚାଲୁ ରହିଥିବା ବେଳେ ଏକ ପୋଖରୀରୁ ହଜାର ହଜାର ଆଧାର କାର୍ଡ ମିଳିଛି। ବର୍ଦ୍ଧମାନ ଜିଲ୍ଲାର ଲଳିତପୁର ଅଞ୍ଚଳରେ ଏହି ଘଟଣା ସାମ୍ନାକୁ ଆସିଛି। ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ବିଜେପି ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁହଁମୁହିଁ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଲଳିତପୁରରେ କିଛି ଲୋକ ଏକ ପୋଖରୀ ସଫା କରୁଥିବା ବେଳେ ଏକ ବଡ଼ ବ୍ୟାଗ୍ ପାଇଥିଲେ। ଏଥିରେ ବହୁ ସଂଖ୍ୟାରେ ଆଧାର କାର୍ଡ ଥିଲା। ବେଙ୍ଗଲ ବିଜେପି ସୋସିଆଲ ମିଡିଆ 'ଏକ୍ସ'ରେ ଏହାର ଭିଡିଓ ସେୟାର କରିଛି। ମମତା ବାନାର୍ଜୀ ନିଜର ଆସନକୁ ସୁରକ୍ଷିତ ରଖିବା ପାଇଁ ଦେଶର ସମ୍ପ୍ରଭୁତାକୁ ବିପଦରେ ପକାଉଛନ୍ତି ଓ ଭାରତୀୟଙ୍କର ପରିଚୟ ପ୍ରଣାଳୀକୁ ବିପଦରେ ପକାଇଛନ୍ତି ବୋଲି

### ଏସ୍‌ଆଇଆର୍‌କୁ ନେଇ ଅଷ୍ଟମ ଆତ୍ମହତ୍ୟା



ବିଜେପି ଫଟୋ କ୍ୟାପସନରେ ଉଲ୍ଲେଖ କରିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସ୍‌ଆଇଆର୍‌କୁ ବିରୋଧ କରି ନଭେମ୍ବର ୪ରେ କୋଲକାତାରେ ପଦଯାତ୍ରା ବାହାର କରିଥିଲେ।

ଅନ୍ୟପଟେ ଦକ୍ଷିଣ ୨୪ ପରଗଣା ଜିଲ୍ଲାରେ ଭୋଟର ତାଲିକାରୁ ନାମ କଟିଯିବା ଡରରେ ସଫିକୁଲ ଗାଜି ନାମକ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ସେ ଗତ କିଛିମାସ ହେବ ଶ୍ୱଶୁର ଘରେ ରହୁଥିଲେ। ଏସ୍‌ଆଇଆର ପ୍ରକ୍ରିୟା ଲାଗୁ ହେବା କାରଣରୁ ସେ ଆଶଙ୍କାରେ ରହୁଥିଲେ ବୋଲି ତାଙ୍କ ସମ୍ପର୍କୀୟମାନେ କହିଛନ୍ତି। ବୈଧ ପରିଚୟ ପତ୍ର ନଥିବା କାରଣରୁ ତାଙ୍କୁ ଦେଶରୁ ବାହାର କରିଦିଆଯିବ ବୋଲି ସେ ଆଶଙ୍କାରେ ଥିଲେ। ଏସ୍‌ଆଇଆରକୁ ନେଇ ପଶ୍ଚିମବଙ୍ଗରେ ଏହା ୮ମ ଆତ୍ମହତ୍ୟା ଘଟଣା ବୋଲି ଟିଏମ୍‌ସି କହିଛି। ଏସ୍‌ଆଇଆରକୁ ନେଇ ବିଜେପି ଭୟର ବାତାବରଣ ସୃଷ୍ଟି କରିଥିବାରୁ ଏଭଳି ଘଟଣା ଘଟୁଛି ବୋଲି ଟିଏମ୍‌ସି ଅଭିଯୋଗ ଆଣିଛି। ସେପଟେ ଏସ୍‌ଆଇଆରକୁ ନେଇ ମାତୁଆ ସମ୍ପ୍ରଦାୟର ଲୋକ ଆମରଣ ଅନସନ ଜାରି ରଖିଛନ୍ତି। ବାଂଲାଦେଶରୁ ଆସିଥିବା ସବୁ ଶରଣାର୍ଥୀଙ୍କୁ ବିନା ସର୍ତ୍ତରେ ନାଗରିକତା ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ଅନ୍ୟପଟେ କେରଳରେ ଏସ୍‌ଆଇଆର୍ ବିରୋଧରେ ବିଜେପି ବାଦ୍ ଦେଇ ସବୁ ରାଜନୈତିକ ଦଳ ଏକାଠି ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଏସ୍‌ଆଇଆର ପ୍ରକ୍ରିୟାକୁ ସରକାର ବିରୋଧ କରିବେ ବୋଲି ଘୋଷଣା କରିଛନ୍ତି। ବିରୋଧୀ ଦଳ ମଧ୍ୟ ଏ ବାବଦରେ ସରକାରଙ୍କୁ ସମର୍ଥନ କରିବେ ବୋଲି କହିଛନ୍ତି।

## ରାଇନା- ଧାୱନଙ୍କ ୧୧ କୋଟିର ସମ୍ପତ୍ତି ଜବତ କଲା ଇଡି

ନୂଆଦିଲ୍ଲୀ, ୬।୧୧(ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗୁରୁବାର ପୂର୍ବତନ କ୍ରିକେଟର ସୁରେଶ ରାଇନା ଓ ଶିଖର ଧାୱନଙ୍କ ୧୧.୧୪ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଏହି ଦୁଇ ଖେଳାଳି ଅନ୍‌ଲାଇନ୍ ବେଟିଂ ଆପ୍ '୧xବେଟ୍'ର ପ୍ରମୋଶନ କରି ଉପାର୍ଜନ କରିଥିବା ଅର୍ଥକୁ ନିବେଶ ଓ ସମ୍ପତ୍ତି କ୍ରୟ କରିବାରେ ଖର୍ଚ୍ଚ କରିଥିଲେ ବୋଲି ଇଡି କହିଛି। କଳା ଧନକୁ ବୈଧ ବା ଧଳା କରିବା ଅର୍ଥାତ ମନି ଲଣ୍ଡରିଂ ନିରୋଧ ଆଇନ୍ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରାଇନା ୬, ୬୪ କୋଟି ଟଙ୍କା ମ୍ୟୁଚୁଆଲ ଫଣ୍ଡରେ ନିବେଶ ଓ ଧାୱନ ୪.୫ କୋଟି ଟଙ୍କାର ସମ୍ପତ୍ତିକୁ ଇଡି ଜବତ କରିଛି। ଏହି ସମ୍ପତ୍ତିକୁ ଅପରାଧରୁ ଉପାର୍ଜିତ ଧନ ବୋଲି ବିବେଚନା କରାଯିବ ବୋଲି ଇଡି କହିଛି।

### ବେଟିଂ ଆପ୍‌ରେ ବିଜ୍ଞାପନ

## ଦିଲ୍ଲୀରେ ୨୨ ଲକ୍ଷ ପିଲାଙ୍କୁ ଫୁସ୍‌ଫୁସ୍ ରୋଗ



ନୂଆଦିଲ୍ଲୀ, ୬।୧୧(ଏଜେନ୍ସି): ସାରା ଦେଶରେ ଏବେ ବାୟୁ ପ୍ରଦୂଷଣ ସର୍ବକାଳୀନ ଉଚ୍ଚସ୍ତରରେ ପହଞ୍ଚିଛି। ବର୍ଦ୍ଧିତ ପ୍ରଦୂଷଣକୁ ରୋକିବା ପାଇଁ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି। ଏହାକୁ ଲୁକ୍ ଖ୍ରୀଷ୍ଟଫର କାଉଣ୍ଟିନୋ ଦାଏର କରିଛନ୍ତି। ପ୍ରଦୂଷଣ ଏତେ ବୃଦ୍ଧି ପାଇଛି ଯେ, ଏହା ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତିର ସ୍ତରରେ ପହଞ୍ଚିଛି ବୋଲି ସେ କହିଛନ୍ତି। ଏହା ଗାଁ ଓ ସହରରେ ରହୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ନକରାତ୍ମକ ପ୍ରଭାବ ପକାଉଛି। କେବେଳ ଦିଲ୍ଲୀରେ ହିଁ ୨୨ ଲକ୍ଷ ଛୋଟ ସ୍କୁଲ ପିଲାଙ୍କ ଫୁସ୍‌ଫୁସ୍ କ୍ଷତିଗ୍ରସ୍ତ ହୋଇଛି ଓ ଏମାନେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହେବା ଏବେ କଷ୍ଟକର ବୋଲି ଏହି ଆବେଦନରେ ଉଲ୍ଲେଖ କରାଯାଇଛି। ସରକାରୀ ଓ ମେଡିକାଲ ସର୍ଭେରୁ ଏହା ସ୍ପଷ୍ଟ ହୋଇଛି ବୋଲି ସେ କହିଛନ୍ତି। ଗୁରୁବାର ସକାଳେ ଦିଲ୍ଲୀରେ ଧୂଆଁ ଛାଇ ରହିଥିଲା ଓ ଏକ୍ୟୁଆଇ ୨୭୮ ଥିଲା। ଏହା ଖରାପ ବର୍ଗରେ ସାମିଲ ରହିଛି। ସନ୍ଧ୍ୟା ସୁଦ୍ଧା ଏହା ଆହୁରି ଖରାପ୍ ସ୍ଥିତିରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ନଭେମ୍ବର ୬ରୁ ୮ ମଧ୍ୟରେ ପ୍ରଦୂଷଣ ଆହୁରି ଖରାପ୍‌ସ୍ତରରେ ପହଞ୍ଚିବ। ସୁପ୍ରିମକୋର୍ଟ ଦୁଇଦିନ ତଳେ ଦିଲ୍ଲୀ-ଏନ୍‌ସିଆରରେ ବର୍ଦ୍ଧିତ ପ୍ରଦୂଷଣ ନେଇ ଚିନ୍ତା ପ୍ରକଟ କରିଥିଲେ। ପ୍ରଦୂଷଣ ରୋକିବାକୁ କି ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ କୋର୍ଟ ବାୟୁ ଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିଏକ୍ୟୁଏମ୍)କୁ ପ୍ରଶ୍ନ ପଚାରିଥିଲେ।



ବିହାରରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଭୋଟ ଦେବାକୁ ଲାଇନ୍‌ରେ ମତଦାତା

## ମୃତ ମହିଳାଙ୍କ ଭୋଟର କାର୍ଡରେ ମଡେଲଙ୍କ ଫଟୋ

ନୂଆଦିଲ୍ଲୀ, ୬।୧୧(ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ବରିଷ୍ଠ ସଂସଦ ରାହୁଲ ଗାନ୍ଧୀଙ୍କ ଅଭିଯୋଗ ନେଇ ସାମ୍ନାକୁ ଆସିଛନ୍ତି ରହସ୍ୟମୟୀ ବ୍ରାଜିଲ ମଡେଲ। ସେ ହେଉଛନ୍ତି ଲାରିସା। ସୋସିଆଲ ମିଡିଆ 'ଏକ୍ସ'ରେ ଏକ ଭିଡିଓ ପୋଷ୍ଟ କରି ସେ ଏ ନେଇ ନିଜର ମତ ରଖିଛନ୍ତି। ଏହି ଭିଡିଓରେ ସେ ପର୍ତ୍ତୁଗାଲ ଭାଷାରେ ବାର୍ତ୍ତା ଦେଇଛନ୍ତି। ଭାରତରେ ଭୋଟ ଦେବା ପାଇଁ ମୋର ପୁରୁଣା ଫଟୋର ବ୍ୟବହାର କରାଯାଉଛି। ମୋତେ ଭାରତୀୟ ବୋଲି କହି ନିଜ ଭିତରେ ଲଢ଼େଇ କରୁଛନ୍ତି। ମୁଁ କେବେବି ଭାରତ ଗସ୍ତ କରିନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।




୨୦୨୨ରେ ମୃତ୍ୟୁବରଣ କରିଥିବା ହରିୟାଣାର ଜଣେ ମହିଳାଙ୍କ ଭୋଟର ରେକର୍ଡରେ ଲାରିସାଙ୍କ ଫଟୋ ରହିଛି ବୋଲି ଜଣାପଡ଼ିଛି। ଏହି ମହିଳା ହେଉଛନ୍ତି ବିନୋଦଙ୍କ ପତ୍ନୀ ଗୁନିଆ। ମୃତ୍ୟୁର ୨ ବର୍ଷ ବିତି ଯାଇଥିଲେ ମଧ୍ୟ ଗୁନିଆଙ୍କ ନାମ ଭୋଟର ତାଲିକାରେ ରହିଥିବାରୁ ତାଙ୍କ ପରିବାର ଲୋକ ଚକିତ ହୋଇଛନ୍ତି। ପୁଣି ତାଲକାରେ ଗୁନିଆଙ୍କ ବଦଳରେ ଏହି ବିଦେଶୀ ମଡେଲଙ୍କ ଫଟୋ ରହିଛି ବୋଲି ଗୁନିଆଙ୍କ ଶାଶୁ କହିଛନ୍ତି। ମୃତ୍ୟୁ ପୂର୍ବରୁ ସେ ଭୋଟ୍ ଦେଇଥିଲେ କିନ୍ତୁ ଏ ଫଟୋ କିଭଳି ଆସିଲା ସେ ପ୍ରଶ୍ନ କରିଛନ୍ତି।

ରାହୁଲ ଗାନ୍ଧୀ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ହରିୟାଣାରେ ୨୦୨୪ ବିଧାନସଭା ନିର୍ବାଚନରେ ୨୫ ଲକ୍ଷ ଭୋଟ ଚୋରି ହୋଇଥିଲା। ସେ ନିଳ ଡେନିମ ଜ୍ୟାକେଟ ପିନ୍ଧିଥିବା ଜଣେ ମହିଳାଙ୍କ ଫଟୋ ଦେଖାଇ ପ୍ରଶ୍ନ କରିଥିଲେ। ହରିୟାଣା ଭୋଟର ତାଲିକାରେ ଏହି ବ୍ରାଜିଲ ମଡେଲଙ୍କର କ'ଣ କାମ ବୋଲି ସେ ନିର୍ବାଚନ କମିଶନଙ୍କୁ ପ୍ରଶ୍ନ କରିଥିଲେ।

ଏହି ମଡେଲ ହରିୟାଣାରେ ୧୦ଟି ବୁଥ୍‌ରେ କେତେବେଳେ ସୀମା, ସୁଇଟି, ସରସ୍ୱତୀ ନାମରେ ୨୨ଥର ଭୋଟ ଦେଇଛନ୍ତି ବୋଲି ରାହୁଲ ଅଭିଯୋଗ କରିଥିଲେ। ହରିୟାଣା ଭଳି ବିହାରରେ ମଧ୍ୟ ସରକାର ଭୋଟି ଚୋରି କରିବାର ପ୍ରକ୍ରିୟା ଜାରି ରଖିଛନ୍ତି ବୋଲି ରାହୁଲ କହିଥିଲେ। ରାହୁଲ ଲାରିସାଙ୍କ ୧୮ କିମ୍ବା ୨୦ ବର୍ଷର ଫଟୋ ଦେଖାଇଥିଲେ। ସେତେବେଳେ ମଡେଲିଂ ଆରମ୍ଭ କରୁଥିଲି ବୋଲି ଲାରିସା କହିଛନ୍ତି। ବିନା ଅନୁମତିରେ ମୋ ଫଟୋ ବ୍ୟବହାର କରାଯାଇଛି। ଏବେ ମଡେଲିଂ କରୁନାହିଁ। ସେମାନେ ଠକିବା ପାଇଁ ମୋ ଫଟୋର ବ୍ୟବହାର କରୁଛନ୍ତି। ଭାରତର ରାଜନୀତି ନେଇ ମୋର କୌଣସି ଯାଏ ଆସେ ନାହିଁ ବୋଲି ଲାରିସା ସ୍ପଷ୍ଟ କରିଛନ୍ତି।

## ଭାରତ-ପାକିସ୍ତାନ ଯୁଦ୍ଧରେ ୭ ନୁହେଁ; ୮ ଜେଟ୍ ଖସିଛି: ଟ୍ରମ୍ପ

ନ୍ୟୁୟର୍କ, ୬।୧୧(ଏଜେନ୍ସି): ଭାରତ- ପାକିସ୍ତାନ ଯୁଦ୍ଧ ତଥା ଅପରେସନ ସିନ୍ଦୂର ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୋହ ତୁଟିବାର ନାମ ନେଉନାହିଁ। ସେ ବାରମ୍ବାର ଏନେଇ ନିଜର ମତ ଦୋହରାଉଛନ୍ତି ଓ ମତ ବଦଳାଉଛନ୍ତି ମଧ୍ୟ। ୩ ଦିନର ଏହି ଛୋଟିଆ ଯୁଦ୍ଧରେ କେତେ ସଂଖ୍ୟାରେ ଲଢୁଆ ଜେଟ୍ ବିମାନ ଖସିଛି ସେ ନେଇ ଏକ ନୂଆ ତଥ୍ୟ ତଥା ସଂଖ୍ୟା ଦେଇଛନ୍ତି। ସେ ବିନା କୌଣସି ତଥ୍ୟ ଓ ପ୍ରମାଣ ପୂର୍ବରୁ ଏକାଧିକ ବାର ମନ୍ତବ୍ୟ ଦେଇଛନ୍ତି। ଏବେ ସେ ଏକ ବିଜ୍‌ନେସ ଫୋରମ୍‌ର କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ପୂର୍ବ ମନ୍ତବ୍ୟକୁ ସଂଶୋଧନ କରିଛନ୍ତି। ମେ ୭ରୁ ୧୦ ତାରିଖ ମଧ୍ୟରେ ହୋଇଥିବା ଏହି ଯୁଦ୍ଧରେ ୮ଟି ଜେଟ୍‌କୁ ମାରି ଖସାଯାଇଥିଲା ବୋଲି ସେ କହିଛନ୍ତି। ତାଙ୍କୁ ଯୋଗୁଁ ଏହି ଯୁଦ୍ଧ ବନ୍ଦ ହୋଇଥିଲା ବୋଲି ସେ ପୁଣି ଥରେ ଦାବି କରିଛନ୍ତି। ଆର୍ଥିକ କଟକଣା ଲାଗୁ କରିବାର ଧମକ ଦେବା ପରେ ଦୁଇ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ। ଏହି ଯୁଦ୍ଧରେ ୭ଟି ଜେଟ୍‌କୁ ମାରି ଖାସା ଯାଇଥôଲା ଓ ଅଷ୍ଟମ ବିମାନଟି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଅର୍ଥାତ ମୋଟ ଉପରେ ୮ଟି ବିମାନ ଧ୍ୱଂସ ହୋଇଥିଲା ବୋଲି ସେ କହିଛନ୍ତି। ସେ ଏହି ଯୁଦ୍ଧକୁ ରୋକିବାର ଶ୍ରେୟ ନେବାକୁ ଗତ ମାସ ମଧ୍ୟରେ ଅତିକମ୍‌ରେ ୬୦ରୁ ଅଧିକଥର ଦାବି କରି ସାରିଛନ୍ତି। ଅବଶ୍ୟ ଖସା ଯାଇଥିବା ବିମାନ କେଉଁ ଦେଶର ସେ କେବେ କହିନାହାନ୍ତି। ଏହି ଯୁଦ୍ଧରେ ୫ଟି ବିମାନକୁ ଧ୍ୱଂସ କରି ଖାଯାଇଥିବା କଥା ସେ ପୂର୍ବରୁ କହିଥିଲେ। ଏବେ ଏହାର ସଂଖ୍ୟାକୁ ସେ ବୃଦ୍ଧି କରି ୮ରେ ପହଞ୍ଚାଇଛନ୍ତି। ଏହି ଯୁଦ୍ଧରେ ପାକିସ୍ତାନର ୮ରୁ ୧୦ଟି ବିମାନକୁ ମାରି ଖସାଯାଇଛି ବୋଲି ଭାରତ ପୂର୍ବରୁ ଦାବି କରିଥିଲା। ଏଥିରେ ଏଫ୍-୧୬ ଓ ଜେଏଫ୍-୧୭ ବିମାନ ସାମିଲ ଥିଲା।

# ମମ୍‌ଦାନୀଙ୍କ କେଜ୍ରିୱାଲ ମଡେଲ: କାମରେ ଆସିଲା ମାଗଣା ଯୋଜନା ପ୍ରତିଶ୍ରୁତି

ନ୍ୟୁୟର୍କ, ୬।୧୧(ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଜୋହରାନ ମମ୍‌ଦାନୀ ନ୍ୟୁୟର୍କର ମେୟର ନିର୍ବାଚିତ ହେବା ସହ ଇତିହାସ ସୃଷ୍ଟି କରିଛନ୍ତି। ମେୟର ନିର୍ବାଚନରେ ତାଙ୍କୁ ବିଜୟୀ କରାଇବାରେ ଆମେରିକାର ଅଶ୍ୱେତ ତଥା କୃଷ୍ଣକାୟ ସମ୍ପ୍ରଦାୟ ଓ ଏସୀୟ ପ୍ରବାସୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ନ୍ୟୁୟର୍କରେ ୫୫ ପ୍ରତିଶତ କୃଷ୍ଣକାୟ ଓ ୫୧ ପ୍ରତିଶତ ଏସୀୟ ପ୍ରବାସୀ ରୁହନ୍ତି। ପୁଣି ୩୪ ବର୍ଷୀୟ ମମ୍‌ଦାନୀ ଜଣେ ଯୁବ ନେତା ହୋଇଥିବାରୁ ଜେନ୍- ଜେଡ୍ ଉପରେ ତାଙ୍କ ଯାଦୁ ସବୁଠାରୁ ଅଧିକ କାମ କରିଥିଲା।୧୫ରୁ ୨୯ ବର୍ଷ ବୟସର ଯୁବକଯୁବତୀମାନେ ତାଙ୍କୁ ବହୁ ସଂଖ୍ୟାରେ ଭୋଟ ଦେଇଥିଲେ। ମମଦାନୀଙ୍କ ଏହି ବିଜୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିବାଦୀୟ ଆର୍ଥିକ ନୀତି ବିରୋଧରେ ସବୁଠାରୁ ବଡ଼ ଜନମତ ବୋଲି ବିବେଚନା କରାଯାଉଛି। ମମ୍‌ଦାନୀ ଏବେ ପ୍ରବାସୀଙ୍କ ପାଇଁ ନୂଆ ଆଶଭରସା ସୃଷ୍ଟି କରିଛନ୍ତି। ମମ୍‌ଦାନୀ ନିର୍ବାଚିତ ହେବା ପରେ ପ୍ରବାସୀମାନଙ୍କ ପାଇଁ ଆମେରିକାରୁ ବିଦା ହେବା ଆଶଙ୍କାକୁ କମ୍ କରିଛି। ଏଥିସହ ବିଭିନ୍ନ କାରଣ ପାଇଁ ମମ୍‌ଦାନୀଙ୍କୁ ଆମେରିକାର କେଜ୍ରିୱାଲ ବୋଲି କୁହାଯିବା ଆରମ୍ଭ ହୋଇଛି। ମମ୍‌ଦାନୀ କେଜ୍ରିୱାଲଙ୍କ ଭଳି ନିର୍ବାଚନ ମାଗଣା ପ୍ରତିଶ୍ରୁତି ଦେଇ ଅର୍ଥାତ କେଜ୍ରିୱାଲଙ୍କ ନୀତି ଆପଣାଇ ବିଜୟୀ ହେବାକୁ ସକ୍ଷମ ହୋଇଛନ୍ତି ବୋଲି କୁହାଯାଉଛି। ବିଜୟୀ ହେବା ପାଇଁ ସେ କେଜ୍ରିୱାଲଙ୍କ ଭଳି ବିଭିନ୍ନ ମାଗଣା ଯୋଜନାର ଘୋଷଣା କରିଥିଲେ ଓ ଏହା ଭୋଟରଙ୍କୁ ପ୍ରଭାବିତ କରିଥିଲା। ପୂର୍ବରୁ କେଜ୍ରିୱାଲ ଦିଲ୍ଲୀ ନିର୍ବାଚନରେ ବିଜୟୀ ହେବା ପାଇଁ ଏହି ନୀତି ଆପଣାଇ ସଫଳତା ପାଇଥିଲେ।

କେଜ୍ରିୱାଲଙ୍କ ଭଳି ମମ୍‌ଦାନୀ ମାଗଣା ବସ୍ ଯାତ୍ରାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି ନ୍ୟୁୟକରେ ସେ ଆଗାମୀ ୪ ବର୍ଷ ପାଇଁ ଘର ଭଡ଼ା ନ ବୃଦ୍ଧି କରିବା ନେଇ ଭୋଟରଙ୍କୁ କଥା ଦେଇଥିଲେ। ପୁଣି ସରକାରୀ ପାଣ୍ଠିରୁ ଗରିବ ଲୋକଙ୍କ ପାଇଁ ସେ ଦୁଇ ଲକ୍ଷ ବାସଗୃହ ନିର୍ମାଣ କରି ପ୍ରଦାନ କରିବେ ବୋଲି କହିଥିଲେ। ପୁଣି ଲୋକଙ୍କୁ ଶସ୍ତା ରାଶନ ଦେବା ପାଇଁ ଶସ୍ତା ରାଶନର ଦୋକାନ ଖୋଲିବାକୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ତାଙ୍କୁ ବହୁ ସଂଖ୍ୟାରେ ଭୋଟ ମିଳିଥିଲା ଓ ସେ ନ୍ୟୁୟର୍କର ଦକ୍ଷିଣ ଏସିଆର ପ୍ରଥମ ମୁସ୍‌ଲିମ୍ ମେୟର ନିର୍ବାଚିତ ହେବାର ପଥ ପରିଷ୍କାର ହୋଇଥିଲା। ଠିକ୍ ଏହିପରି କେଜ୍ରିୱାଲ ମଧ୍ୟ ଦିଲ୍ଲୀରେ ମାଗଣା ବିଜୁଳି, ପାଣି ଦେବାକୁ ଘୋଷଣା କରି ନିର୍ବାଚନ ଜିତିଥିଲେ। କିନ୍ତୁ ନିଜର ପ୍ରତିଶ୍ରୁତିକୁ ରକ୍ଷା କରିବା ଏବେ ମମ୍‌ଦାନୀ ପାଇଁ ଆଦୌ ସହଜ ହେବ ନାହିଁ। ନ୍ୟୁୟର୍କର ବଜେଟ ମଧ୍ୟ ଏତେ ପର୍ଯ୍ୟାପ୍ତ ନୁହେଁ ଯେ, ସେ ତାଙ୍କ ସବୁ ପ୍ରତିଶ୍ରୁତି ପାଳନ କରିବେ।



ଏଥିପାଇଁ ତାଙ୍କୁ କେନ୍ଦ୍ର ସରକାର ତଥା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ନିର୍ଭର କରିବାକୁ ହେବ। ଟ୍ରମ୍ପ ତାଙ୍କୁ ସହାୟତା କରିବାର ସମ୍ଭାବନା କମ୍ ରହିଛି। ପୂର୍ବରୁ ଯଦି ମମ୍‌ଦାନୀ ବିଜୟୀ ହେବେ, ନ୍ୟୁୟର୍କ ସହରର ବଜେଟକୁ ରୋକି ଦେବେ ବୋଲି ପୂର୍ବରୁ ଟ୍ରମ୍ପ ଖୋଲାଖୋଲି ଭାବେ ଧମକ ଦେଇସାରିଛନ୍ତି। ପୁଣି ଆମେରିକାର ଚାଲିଥିବା ସଟ୍‌ଡାଉନ୍ ସ୍ଥିତିକୁ ଆହୁରି ଖରାପ୍ କରିଛି। ନିଜର ପ୍ରତିଶ୍ରୁତି ପୂରଣ କରିବାକୁ ମମ୍‌ଦାନୀଙ୍କୁ ଧନୀଲୋକଙ୍କ ଉପରେ ଟିକସ୍ ବୃଦ୍ଧି କରିବାର ଏକ ବିକଳ୍ପ ରହିଛି। ଆୟଠାରୁ ବ୍ୟୟ ଅଧିକ ହେବା ନିଶ୍ଚିତ। ତେଣୁ ସୀମିତ ସମ୍ବଳକୁ ବାଦ୍ ଦେଲେ ଏବେ ଅର୍ଥ କେଉଁଠାରୁ ଆସିବ ସେ ନେଇ ମମ୍‌ଦାନୀ ନିଶ୍ଚିତ ଭାବେ ସମସ୍ୟାର ସମ୍ମୁଖୀନ ହେବେ। ସେ କେଜ୍ରିୱାଲ ମଡେଲ ଆପଣେଇ ବିଜୟୀ ହେବାକୁ ସକ୍ଷମ ହେଲେ। କିନ୍ତୁ କେଜ୍ରିୱାଲଙ୍କ ଭଳି ଏବେ ତାଙ୍କର ଅନ୍ତ ମଧ୍ୟ ହେବ ବୋଲି ବିଶେଷଜ୍ଞମାନେ ଅନୁମାନ କରି କହିଛନ୍ତି। ପ୍ରତିଶ୍ରୁତି ପୂରଣ ନ କରିପାରିଲେ ନ୍ୟୁୟର୍କରେ ଅବ୍ୟବସ୍ଥା ଦେଖା ଦେବ। ତେଣୁ ମୋଟମୋଟି ଉପରେ ଏବେ ମମ୍‌ଦାନୀଙ୍କ ଉପରେ ଆଗକୁ କଡ଼ା ଚ୍ୟାଲେଞ୍ଜ ରହିଛି ବୋଲି ନିଶ୍ଚିତ ଭାବେ କୁହାଯାଇପାରେ।

ସକାଳ THE SAKALA
ଶୁକ୍ରବାର
୭ ନଭେମ୍ବର, ୨୦୨୫



■ ରେଭେନ୍ସାରେ ଅଭାବନୀୟ ଦୃଶ୍ୟ

## ରାସ୍ତାରେ ବସି ପାଠ ପଢ଼ିଲେ ଛାତ୍ରଛାତ୍ରୀ



କଟକ, ୬।୧୧(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆଜି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ବିଶ୍ୱବିଦ୍ୟାଳୟର ଯୁକ୍ତ ତିନି କଳା ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ଆଜି ଅଭିନବ ଉପାୟରେ ପ୍ରତିବାଦ କରିଛନ୍ତି। କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ବସି ପାଠ ପଢ଼ିଛନ୍ତି। ଏପରିକି, ଜଣେ ଅଧ୍ୟାପକ ମଧ୍ୟ ସେଠାରେ ବସି ସେମାନଙ୍କୁ ପାଠ ପଢ଼ାଉଥିବା ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ବିଶ୍ୱବିଦ୍ୟାଳୟର ଯୁକ୍ତ ୩କଳା ଓଡ଼ିଆ ବିଭାଗର ଶ୍ରେଣୀଗୃହ ବିପଦସଂକୁଳ ଅବସ୍ଥାରେ ରହିଛି। ଛାତରୁ ପ୍ଲାଷ୍ଟର୍ ଖସୁଛି। ଛାତ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିବାରୁ ଯେକୌଣସି ସମୟରେ ଏହା ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ଏହାର ପ୍ରତିକାର ପାଇଁ ୨୦ ଦିନ ତଳେ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। କିନ୍ତୁ ସେମାନଙ୍କ ଦାବି ପ୍ରତି କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନଥିବାରୁ ବାଧ ହୋଇ ଆଜି ୩୦ରୁ ଅଧିକ ଛାତ୍ରଛାତ୍ରୀ ଏପରି ପ୍ରତିବାଦ ଜଣାଇଛନ୍ତି। ଖାତା ବହି ଧରି ରାସ୍ତା ଉପରେ ବସି ପାଠ ପଢ଼ିଥିଲେ। ସେହିପରି, ସିଲାବସ୍ ସରିବା ବିଳମ୍ବ ହେବାର ଆଶଙ୍କା ଥିବାରୁ ଜଣେ ଅଧ୍ୟାପକ ମଧ୍ୟ ସେଠାକୁ ଆସି ପାଠ ପଢ଼ାଇଥିଲେ। ଏହି ଘଟଣା ସ୍ୱନାମଧନ୍ୟ ରେଭେନ୍ସା ବିଶ୍ୱବିଦ୍ୟାଳୟର ସୁନାମ ଉପରେ ଆଞ୍ଚ ଆଣିଛି। ତେବେ, ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ପାଇଁ ବିକଳ୍ପ ଶ୍ରେଣୀଗୃହ ବ୍ୟବସ୍ଥା କରାଯାଇଥିବା କହିଛନ୍ତି କର୍ତ୍ତୃପକ୍ଷ।

# ଚଣ୍ଡୀମନ୍ଦିର ନବକଳେବର ପ୍ରକଳ୍ପ ବାଟବଣା





■ ଜଗମୋହନରେ ଶୋଉଛି କୁକୁର
■ ପାର୍ଶ୍ୱ ଦେବଦେବୀଙ୍କୁ ଆସ୍ଥାନ ମିଳିନି
■ ବର୍ଷା ହେଲେ ମନ୍ଦିରରେ ବନ୍ୟା
■ କଣ୍ଟ ପୂରିବାକୁ ଆଉ ମାସେ ବାକି

କଟକ, ୬।୧୧ (ସମିସ): ଆଧ୍ୟାତ୍ମିକତା, ଭାବାବେଗ ଓ କିଂବଦନ୍ତିର ପୃଷ୍ଠାକୁ ଆଧାର କରି ଆରମ୍ଭ ହୋଇଥିବା ଯୋଜନା ଏବେ ରାଜନୀତି ଭିତରେ ଅଣନିଃଶ୍ୱାସୀ ହୋଇପଡ଼ିଛି। ଅଧାଖଣ୍ଡିଆ ହୋଇ ଶୋଇଛି ମା' କଟକ ଚଣ୍ଡୀମନ୍ଦିରର ନବକଳେବର ପ୍ରକଳ୍ପ। ପୂର୍ବ ସରକାରଙ୍କ ଯୋଜନାକୁ ମାଡ଼ିମକଚି ଲୋଚାକୋଚା କରି ପକାଇଲେଣି ଏବର ସରକାରୀ କଳ। ନବନିର୍ମାଣ ପାଇଁ ତମାମ ମନ୍ଦିରକୁ ଭାଙ୍ଗି ଦିଆଯାଇଛି ସତ, ହେଲେ ପ୍ରକଳ୍ପ କାର୍ଯ୍ୟର ମନ୍ଥରତା ଧୀରେଧୀରେ ଜନଆକ୍ରୋଶର କାରଣ ପାଲଟିଲାଣି। ନିର୍ଦ୍ଧାରିତ ସମୟ ଭିତରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ତ ଦୂରର କଥା, ଯୋଜନାର ବାଟବଣା ଶ୍ରଦ୍ଧାଳୁଙ୍କୁ ଯନ୍ତ୍ରଣା ଦେଲାଣି।

୭୦ କୋଟି ଟଙ୍କା ବ୍ୟୟରେ କଟକ ଚଣ୍ଡୀମନ୍ଦିର ପ୍ରକଳ୍ପ ଆରମ୍ଭ ହୋଇଥିଲା। ରାଜ୍ୟରେ ଭାରତୀୟ ଜନତା ପାର୍ଟି(ବିଜେପି) ସରକାର ଗଠନ ପରେ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଅଧିକ ବ୍ୟୟ କରାଯିବ ବୋଲି ଘୋଷଣା କରାଯାଇଥିଲା। ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ (ଓବିସିସି)କୁ ମନ୍ଦିରର ନିର୍ମାଣ ଦାୟିତ୍ୱ ଦିଆଯାଇଛି। ମାର୍କେଟ୍ କମ୍ପ୍ଲେକ୍ସ, ପ୍ରସାଦ ସେବନ ଗୃହ ଆଦି ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଅନ୍ୟ କୌଣସି କାର୍ଯ୍ୟ ଯଥୋଚିତ ଆଗେଇ ପାରିନାହିଁ। ୨୦୨୫ ଡିସେମ୍ବର ସୁଦ୍ଧା କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ମନ୍ଦିର ନବୀକରଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୁରୁଣା ମନ୍ଦିର ଢାଞ୍ଚାରେ ଏହି ମନ୍ଦିର ତିଆରି କରାଯିବାକୁ ସ୍ଥିର ହୋଇଥିଲା। ମାତ୍ର ସ୍ଥିତାବସ୍ଥାରୁ ଜଳଜଳ ହୋଇ ଦିଶୁଛି, କଣ୍ଟ ପୂରିବା ବେଳକୁ ପ୍ରକଳ୍ପ ସରିବନି।

ମନ୍ଦିରର ସିଂହଦ୍ୱାର ନିର୍ମାଣ ଶେଷ ହୋଇଛି, ହେଲେ କାମଚଳା ଭଳି। ସିଂହଦ୍ୱାରରେ କୌଣସି ମୂର୍ତ୍ତି ଲଗାଯାଇନାହିଁ କି ଫାଟକ ଖଞ୍ଜା ଯାଇନି। ଉତ୍ତରଦ୍ୱାର ଏବଂ ପଶ୍ଚିମ ଦ୍ୱାରର ହାଲତ ମଧ୍ୟ ସମାନ। ଏଣୁ, ରାତି ହେଲେ ଜଗମୋହନରେ କୁକୁର ଶୋଉଛି ବୋଲି ମନ୍ଦିରର ଜଣେ ସେବାୟତ ଆଲୋଚନା ପ୍ରସଙ୍ଗରେ କହିଛନ୍ତି। ନୂତନ ଭାବେ ନିର୍ମାଣ ହେବାକୁ ଥିବା ମୁଖ୍ୟ ମନ୍ଦିରର ଉଚ୍ଚତା ୪୪ ଫୁଟ୍ ହେବ। ଯାହାକି ପୁରୁଣା ମନ୍ଦିରଠାରୁ ପ୍ରାୟ ଦେଢ଼ଗୁଣା ଅଧିକ। ପୁରୁଣା ମନ୍ଦିରର ଉଚ୍ଚତା ୨୫ ଫୁଟ୍। ତେବେ ମୁଖ୍ୟମନ୍ଦିର ନିର୍ମାଣ ଯେଉଁଭଳି ଭାବେ ଆଗେଇ ଚାଲିଛି, ତଦ୍ୱାରା ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଏବଂ ପୂଜାର୍ଚ୍ଚନା କାଠିକର ପାଠ ହେଲାଣି ବୋଲି ସେବାୟତ କହିଛନ୍ତି। ନବକଳେବର ପ୍ରକଳ୍ପ ଆରମ୍ଭ କରାଯିବା ବେଳେ ପାର୍ଶ୍ୱ ଦେବଦେବୀଙ୍କ ପୀଠ ଭାଙ୍ଗି ଦିଆଯାଇଥିଲା। ଗତ ୯ ମାସ ହେଲାଣି ପାର୍ଶ୍ୱଦେବଦେବୀ ନିକଟସ୍ଥ ଶିବ ମନ୍ଦିର ଭିତରେ ରହି ପୂଜା ପାଉଛନ୍ତି। ପାର୍ଶ୍ୱ ଦେବଦେବୀଙ୍କ ପାଇଁ ଆସ୍ଥାନ ମଧ୍ୟ ଏଯାଏଁ ନିର୍ମାଣ କରାଗଲା ନାହିଁ। ସେହିପରି ମନ୍ଦିର ନିକଟରେ ଥିବା ଦୋକାନ ଗୃହଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। କ୍ଷତିପୂରଣ ଉଦ୍ଦେଶ୍ୟରେ ୧୮ଟି ଦୋକାନ ଗୃହ ନିର୍ମାଣ ହୋଇଛି। ହେଲେ ଦୋକାନଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ଏ ପର୍ଯ୍ୟନ୍ତ ଦିଆଯାଇନାହିଁ। ଦୋକାନ ଘରଗୁଡ଼ିକ ମନ୍ଦିର ପରିଚାଳନା କମିଟିକୁ ମଧ୍ୟ ହସ୍ତାନ୍ତର କରାଯାଇନାହିଁ।

ଅକ୍ଟୋବର ସୁଦ୍ଧା ମନ୍ଦିରରୁ ଜଳ ନିଷ୍କାସନ ବ୍ୟବସ୍ଥା କାମ ସାରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ତାରିଖ ଶେଷ ହୋଇଥିଲେ ସୁଦ୍ଧା ଡ୍ରେନେଜ୍ କାମ ଶେଷ ହୋଇପାରିଲା ନାହିଁ। ଏଣୁ, ଅଦିନିଆ ବର୍ଷା ହେଲେ ମନ୍ଦିର ଭିତରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ମନ୍ଦିରର ଏଭଳି ଅସମ୍ପୂର୍ଣ୍ଣ କାର୍ଯ୍ୟ କେବେ ଯେ ସମ୍ପୂର୍ଣ୍ଣ ହେବ, ତାହା ସ୍ପଷ୍ଟ ହୋଇପାରୁନାହିଁ। ପ୍ରଶାସନିକ ଅବ୍ୟବସ୍ଥା କାରଣରୁ ଚଣ୍ଡୀମନ୍ଦିର ନବକଳେବର ପାଇଁ ରହିଥିବା ପୂର୍ବ ସରକାରଙ୍କ ଯୋଜନା ଏବେ ଫସର ଫାଟିବାକୁ ଯାଉଛି। ଆଧ୍ୟାତ୍ମିକ ପରିବେଶ ନଷ୍ଟ ହେଉଥିବାରୁ ଶ୍ରଦ୍ଧାଳୁଙ୍କ ଧାର୍ମିକ ଭାବାବେଗ ଉପରେ ଆଘାତ ଆସିଥିବା କୁହାଯାଉଛି।

**ଉପଭୋକ୍ତା ଶୋଷିତ, ଶିଳ୍ପପତିଙ୍କୁ ଅନୁକମ୍ପା**

## ଝିଙ୍କିା ମାରି ବଣି ପୋଷୁଛି ଏସଏଲଡିସି

■ ବର୍ଷକୁ ରାଜସ୍ୱ କ୍ଷତି ୧୭୨୮ କୋଟି ଟଙ୍କା
■ ୧୫ ହଜାର ମେଗାୱାଟରୁ ଆଦାୟ ହେଉନି ଟାରିଫ

ଭୁବନେଶ୍ୱର, ୬।୧୧(ସମିସ): ରାଜ୍ୟରେ ଝିଙ୍କିା ମାରି ବଣି ପୋଷୁଛି ରାଜ୍ୟ ବିଦ୍ୟୁତଭାର ପ୍ରେରଣ କେନ୍ଦ୍ର (ଏସଏଲଡିସି) । ରାଜ୍ୟର କୋଟିଏ ବିଦ୍ୟୁତ୍ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଉପେକ୍ଷା କରି ଏହି ସଂସ୍ଥା ଶିଳ୍ପପତିମାନଙ୍କୁ ଅନୁକମ୍ପା ଦେଖାଇଛି ଓ ଏଥିଯୋଗୁଁ ଗୋଟିଏ ବର୍ଷରେ ୧୭୨୮ କୋଟି ଟଙ୍କା ରାଜସ୍ୱ କ୍ଷତି ଘଟିଛି । କ୍ୟାପ୍ଟିଭ୍ ପ୍ଲାଣ୍ଟ ସ୍ଥାପନ କରିଥିବା ଏହି ଶିଳ୍ପଗୁଡ଼ିକରୁ ବର୍ଷକରେ ୭୨୦୦ କୋଟି ୟୁନିଟ ବିଦ୍ୟୁତ ବିନା ଦେୟରେ ପ୍ରେରଣ କରିଛନ୍ତି ଓ ପରୋକ୍ଷରେ ଏହି ବିଦ୍ୟୁତ୍ ପରିବହନର ଦେୟ ଅନ୍ୟାୟ ଭାବରେ ରାଜ୍ୟର କୋଟିଏ ଉପଭୋକ୍ତାଙ୍କୁ ବହନ କରିବାକୁ ପଡ଼ିଛି । ଏପରି ଏକ ସାଂଘାତିକ ଅଭିଯୋଗ ଆସିବା ପରେ ରାଜ୍ୟ ଶକ୍ତି ବିଭାଗ ଓ ଏସ୍‌ଇଏଲ୍‌ଡ଼ିସିର ଭୂମିକାକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି । ସୁଲଭ ବିଦ୍ୟୁତ୍ ଯୋଗାଇବା ପରିବର୍ତ୍ତେ ଉପଭୋକ୍ତା ଶୋଷଣ ନୀତି ବିରୋଧରେ କ୍ରମଶଃ ସାଧାରଣରେ ରୋଷ ବଢ଼ିବାରେ ଲାଗିଛି । ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରାଜ୍ୟର ଶକ୍ତି ସମୀକ୍ଷକ ଓ ବିଶେଷଜ୍ଞଗଣ।

ସୂଚନାନୁସାରେ ବିଦ୍ୟୁତ ଆଇନ ୨୦୦୩ ଧାରା ୩୧ ଅନୁସାରେ ଏସଏଲଡିସି କାର୍ଯ୍ୟକୁ ସୁପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ସରକାରୀ କମ୍ପାନୀ ଗଠନ କରାଯିବା କଥା। ଓପିଟିସିଏଲ ଅଧୀନରେ ଥିବା ଉଚ୍ଚ କ୍ଷମତା ସମ୍ପନ୍ନ ସମସ୍ତ ବିଦ୍ୟୁତ ଗ୍ରୀଡ୍ ଗୁଡିକ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ସହିତ ସେଗୁଡିକୁ ନିୟନ୍ତ୍ରଣ କରି ତାହାର ସର୍ବୋତ୍ତମ ବ୍ୟବହାର କରିବା ବିଦ୍ୟୁତ ଆଇନ ଧାରା ୩୨ ଅନୁସାରେ ଏସଏଲଡିସିର ପ୍ରମୁଖ କାର୍ଯ୍ୟ । ଏପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସମ୍ପାଦନ କରିବାପାଇଁ ରାଜ୍ୟ ଗ୍ରୀଡ୍ ସହିତ ସଂଯୋଗ ହୋଇଥିବା ସମସ୍ତ ବିଦ୍ୟୁତ ଉତ୍ପାଦନ କମ୍ପାନୀ ଓ ଲାଇସେନ୍ସଧାରୀ ବିଦ୍ୟୁତ ଉପଭୋକ୍ତାମାନଙ୍କର ସବିଶେଷ ତଥ୍ୟ ପଞ୍ଜୀକରଣ କରି ସେମାନେ ପ୍ରତି ମିନିଟରେ ପ୍ରେରଣ ଓ ଗ୍ରହଣ କରୁଥିବା ସମସ୍ତ ବିଦ୍ୟୁତଶକ୍ତିର ଟିକିନିଖି ହିସାବ ରଖିବା। ମାତ୍ର ଏଇଠାରେ ସବୁ ଗଡ଼ବଡ଼ ଆରମ୍ଭ ହୋଇଛି।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ରାଜ୍ୟ ଗ୍ରୀଡ ସହିତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ପ୍ରାୟ ୬୦ଟି ଉତ୍ପାଦନ କମ୍ପାନୀ ସଂଯୋଗ ହୋଇ ୨୫ ହଜାର ମେଗାୱାଟ କ୍ଷମତାର ବିଦ୍ୟୁତ ଉତ୍ପାଦନ ଶକ୍ତିକେନ୍ଦ୍ର ସ୍ଥାପନ କରିଛନ୍ତି। ଏଥିରେ କେନ୍ଦ୍ର ଓ ରାଜ୍ୟସରକାରଙ୍କ ସଂସ୍ଥା ସହିତ ଶିଳ୍ପପତି ମାନଙ୍କର ସ୍ୱାଧୀନ ଓ ନିଜସ୍ୱ ବିଦ୍ୟୁତ କେନ୍ଦ୍ର ରହିଛି। ଏସଏଲଡିସି ଓ ଓପିଟିସିଏଲ ନିଜର ସମୁଦାୟ ବାର୍ଷିକ ଖର୍ଚ୍ଚ ଭରଣା କରିବା ପାଇଁ କେବଳ ଓଡ଼ିଶା ପାଇଁ ସଂରକ୍ଷିତ ଥିବା ୧୦ ହଜାର ମେଗାୱାଟ ବିଦ୍ୟୁତ ପ୍ରେରଣରୁ ଟାରିଫ ଆଦାୟ କରୁଥିବା ବେଳେ ଅବଶିଷ୍ଟ ୧୫ ହଜାର ମେଗାୱାଟ ବା ୭୨ ହଜାର ନିୟୁତ ୟୁନିଟ ବିଦ୍ୟୁତ ଉପରେ ଟାରିଫ ଆଦାୟ ନକରି ଲୁଚାଛପାରେ ପ୍ରେରଣ କରୁଛି। ଫଳରେ ଓଡ଼ିଶାର ଏକକୋଟି ଉପଭୋକ୍ତା ରାଜ୍ୟ ଗ୍ରୀଡର ସମସ୍ତ ବାର୍ଷିକ ଖର୍ଚ୍ଚ ଅନ୍ୟାୟ ଭାବେ ଭରଣା କରୁଛନ୍ତି। ତେଣୁ ଏସଏଲଡିସି ଓ ଓପିଟିସିଏଲ ଅପାରଗତା ତଥା ଦୁର୍ନୀତିଖୋର ମନୋବୃତ୍ତି ପାଇଁ ୟୁନିଟ ପିଛା ୨୪ ପଇସା ହିସାବରେ ବାର୍ଷିକ ୧୭୨୮ କୋଟିଟଙ୍କା ରାଜସ୍ୱ ହରାଉଛି ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି।

## ସିଭିଲ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷାରେ ୨୪୦୫ଜଣ କୃତକାର୍ଯ୍ୟ

କଟକ, ୬।୧୧ (ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା-୨୦୨୪ର ପ୍ରିଲିମିନାରୀ ଲିଖିତ ପରୀକ୍ଷାରେ ମୋଟ ୨୪୦୫ଜଣ କୃତକାର୍ଯ୍ୟ ହେବା ସହ ପରବର୍ତ୍ତୀ ମୁଖ୍ୟ ଲିଖିତ ପରୀକ୍ଷା ପାଇଁ ଉନ୍ନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୭୮୧ଜଣ ମହିଳା ପ୍ରାର୍ଥୀ ରହିଛନ୍ତି। ଏ ସଂକ୍ରାନ୍ତରେ ଓପିଏସ୍‌ସି ୱେବ୍‌ସାଇଟ୍‌ରେ ସବିଶେଷ ତାଲିକା ପ୍ରକାଶ ପାଇଛି। ଗତ ଅକ୍ଟୋବର୍ ୧୨ରେ ପ୍ରିଲିମିନାରୀ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସିଭିଲ୍ ସର୍ଭିସ୍ ମୁଖ୍ୟ ପରୀକ୍ଷା ଆସନ୍ତା ୨୦୨୬ ଜାନୁଆରି ଶେଷ କିମ୍ବା ଫେବୃଆରି ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ ବୋଲି ଓପିଏସ୍‌ସି ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ଓପିଏସ୍‌ସି ପକ୍ଷରୁ ପରବର୍ତ୍ତୀ ସମୟରେ ୱେବସାଇଟ୍‌ରେ ବିଜ୍ଞପ୍ତି ଜାରି କରାଯିବ।

**୬ ମାସ ପରେ ବି ପ୍ରକାଶ ପାଉନାହିଁ ମେରିଟ୍ ଲିଷ୍ଟ**

## ରାସ୍ତାରେ ଆଣ୍ଠେଇଲେ, କାନଧରି କାନ୍ଦିଲେ ଆଶାୟୀ ଏଲ୍‌ଟିଆର୍



ଭୁବନେଶ୍ୱର, ୬।୧୧(ସମିସ): ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ (ଓଏସଏସସି) କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଆଶାୟୀ ସଂସ୍କୃତ ଶିକ୍ଷକ ମାନେ ଦେଇଛନ୍ତି ଧାରଣା। ମେରିଟ ଲିଷ୍ଟ ବାହାରି ନଥିବାରୁ କାର୍ଯ୍ୟାଳୟ ଆଗରେ ସେମାନେ ଆଣ୍ଠୁମାଡ଼ି ବସିବା ସହ କାନ ଧରି ଭୋ ଭୋ ହୋଇ କାନ୍ଦିଛନ୍ତି। ଗତ ମେ ୧୭ ତାରିଖରୁ ୭୨୯ ଏଲଟିଆର ସଂସ୍କୃତ ଶିକ୍ଷକ ପଦବୀ ପାଇଁ ୫ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। କିନ୍ତୁ ଏଯାର୍ଯ୍ୟନ୍ତ ଏହିମାନଙ୍କର ମେରିଟ ଲିଷ୍ଟ ବହାରିନାହିଁ। ଓଏସଏସସି ଦ୍ୱାରା ପରିଚାଳିତ ଟ୍ରେନିଂ ଗ୍ରାଜୁଏଟ ଟିଚର(ଟିଜିଟି) ଅଧୀନରେ ପିସିଏମ୍, ସିବିଜେଡ, ସଂସ୍କୃତ, ପିଇଟି, ଉର୍ଦ୍ଦୁର୍, ତେଲୁଗୁ ସମେତ ସମସ୍ତ ପଦବୀ ପାଇଁ ଡ଼କୁମେଣ୍ଟ ଯାଞ୍ଚ କାର୍ଯ୍ୟ ଗତ ଅକ୍ଟୋବର ୨୨ ତାରିଖରୁ ଶେଷ ହୋଇଛି। ଏଥିସହିତ ମଙ୍ଗଳବାର ଅନ୍ୟାନ୍ୟ ଟିଜିଟି ପଦବୀ ଗୁଡିକ ପାଇଁ ମେରିଟ ତାଲିକା ପ୍ରକାଶ ପାଇଛି। ଏକା ସଙ୍ଗେ ସଂସ୍କୃତ ଶିକ୍ଷକ ଏବଂ ବିଜ୍ଞାନ ଶିକ୍ଷକ ପଦବୀ ପାଇଁ ପରୀକ୍ଷାର୍ଥୀମାନେ ପରୀକ୍ଷା ହେଇଥିଲେ। ବିଜ୍ଞାନ ଶିକ୍ଷକଙ୍କ ରେଜଲ୍ଟ ବାହାରି ଡକ୍ୟୁମେଣ୍ଟ ଭେରିଫିକେସନ ସରିଲାଣି। ଏପରିକି ଆସନ୍ତା ୧୫ ତାରିଖରେ ନିଯୁକ୍ତି ଦେବାକୁ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ଜାରି କରିଛି। ହେଲେ ସଂସ୍କୃତ ଶିକ୍ଷକଙ୍କ ପଦବୀ ପାଇଁ ଡକ୍ୟୁମେଣ୍ଟ ଭେରିଫିକେସନ ସରିଥିଲେ ବି ଏପର୍ଯ୍ୟନ୍ତ ରେଜଲ୍ଟ ବାହାରି ପାରୁନି। ଯାହାକୁ ନେଇ ଆଶାୟୀମାନେ ଓଏସଏସସି କାର୍ଯ୍ୟାଳୟ ଘେରାଉ କରିଛନ୍ତି। ରାଜ୍ୟ ସରକାର ତୁରନ୍ତ ସଂସ୍କୃତ ଶିକ୍ଷକ ନିଯୁକ୍ତି ପାଇଁ ରେଜଲ୍ଟ ବାହାର କରି ନିଯୁକ୍ତି ଦିଅନ୍ତୁ, ନହେଲେ ପରୀକ୍ଷାର୍ଥୀମାନେ ସାମୂହିକ ଆତ୍ମାହୂତି ଦେବାକୁ ଚେତାବନୀ ଦେଇଛନ୍ତି।

## ଭିଜିଲାନ୍ସ ଜାଲରେ କୋଟିପତି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ

କେନ୍ଦୁଝର, ୬।୧୧ (ସମିସ): ଲାଞ୍ଚ ନେଇ ଭିଜିଲାନସ୍ ଜାଲରେ ପଡ଼ିଛନ୍ତି କେନ୍ଦୁଝର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ। ଏକ ଏନ୍‌ଜିଓ ନିକଟରୁ ଫୋନ୍-ପେ' ଜରିଆରେ ୨୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନସ୍ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ତାଙ୍କର ୩ଟି ଠିକଣାରେ ଚଢ଼ଉ କରୁଛି ଭିଜିଲାନସ୍। ପ୍ରାଥମିକ ସୂଚନାନୁସାରେ, ଶ୍ରୀ ସାମନ୍ତରାୟଙ୍କ ଭୁବନେଶ୍ୱରରେ ୧୦ଟି ପ୍ଲଟ୍, ୩ ହଜାର ବର୍ଗଫୁଟ୍‌ର ୩ ମହଲା ବିଶିଷ୍ଟ ଏକ ଘର, ଭୁବନେଶ୍ୱର ଉପକଣ୍ଠ ମଦନପୁରଠାରେ ଅନ୍ୟ ଏକ ଘର, ୩ ଏକରର ଏକ ଫାର୍ମହାଉସ୍ ଠାବ ହୋଇଛି। ଠାବ ସଂପତ୍ତିର ମୂଲ୍ୟ ୧କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ବିଶେଷଜ୍ଞ ଟିମ୍ ଏହାର ଆକଳନ କରୁଛନ୍ତି। ଏଥିସହ ସେ ବିଭିନ୍ନ କାମ କରାଇବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଲୋକଙ୍କଠାରୁ ଫୋନ୍ ପେ ମାଧ୍ୟମରେ ଲାଞ୍ଚ ନେଇଥିବା ଭିଜିଲାନସ୍ ବିଭାଗ ଜାଣିବାକୁ ପାଇଛି।



## ମାଓନେତ୍ରୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୬।୧୧ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବକରକଟ୍ଟା ପୁଲିସ ନିକଟରେ କୁଖ୍ୟାତ ମାଓନେତ୍ରୀ କମଳା ସୋଡି ଓରଫ ତରୁଣାର ଆତ୍ମସମର୍ପଣ। ମାଓଗଡ଼ କୁହାଯାଉଥିବା ବାଲାଘାଟ ଜଙ୍ଗଲରୁ ପ୍ରାୟ ୧୨ ଘଣ୍ଟା ଚାଲି ଚାଲି ଆସିବା ଅପରେ ସେ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ତରୁଣା ଦୀର୍ଘ ୧୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମାଓ ସଙ୍ଗଠନରେ ରହିଥିବା ବେଳେ ତାଙ୍କ ମୁଣ୍ଡ ଉପରେ ୧୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ତାଙ୍କ ଘର ଛତିଶଗଡ଼ର ସୁକମା ଜିଲ୍ଲାରେ। ସେ ଅନେକ ବଡ଼ବଡ଼ ହିଂସାକାଣ୍ଡରେ ଜଡ଼ିତ ଥିଲେ। ବର୍ତ୍ତମାନ ମାଓ ସଙ୍ଗଠନ ନିଜର ନୀତି ଆଦର୍ଶ ହରାଉଥିବା ବେଳେ ସରକାରଙ୍କ ମାଓ ଦମନ ଅପରେସନ ସହ ପୁନର୍ବାସ ନୀତିରେ ଅନୁପ୍ରାଣିତ ହୋଇ ସେ ଆତ୍ମସମର୍ପଣ କରିଥିବା କହିଛନ୍ତି।




# ବ୍ରାହ୍ମଣୀ ବ୍ରିଜ୍‌ରେ ଜଳିଲାନି ଲାଇଟ୍



**କବାଟବନ୍ଧ, ୬।୧୧(ସମିସ):** ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ବ୍ରାହ୍ମଣୀ ବ୍ରିଜ୍‌ର ଆଲୋକୀକରଣ ପାଇଁ ୨ ମାସ ପୂର୍ବରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ବ୍ରିଜରେ ସମ୍ପୂର୍ଣ୍ଣ ଭାବେ ଲାଇଟ ଲାଗିଛି ମାତ୍ର ଜଳିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଯାହାକୁ ନେଇ ଲୋକମାନେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୁକିନ୍ଦା ବ୍ଲକର କଳିଙ୍ଗନଗର ଥାନା ଏବଂ ଧର୍ମଶାଳା ବ୍ଲକର ଜେନାପୁର ଥାନା ଅଧୀନରେ ରହିଥିବା ଏହି ବ୍ରାହ୍ମଣୀ ସେତୁରେ ଅନ୍ଧାର ରାତିରେ ଅନେକ ଦୁର୍ଘଟଣା ଘଟୁଛି। ବ୍ରିଜ୍ ଉପରେ ଯାତାୟାତ କରୁଥିବା ସାଇକେଲ/ମୋଟର ସାଇକେଲ ଆରୋହୀ ଏବଂ ଗାଇ, ଷଣ୍ଢ, କୁକୁର ଆଦି ପଶୁଙ୍କ ପାଇଁ ଆଲୋକ ନ ଥିବାରୁ ଅନେକ ଦୁର୍ଘଟଣା ଘଟୁଛି। ଦୀର୍ଘ ବର୍ଷ ପରେ ଏଠାରେ ଆଲୋକୀକରଣ କେବଳ ଖୁଣ୍ଟ ଏବଂ ଲାଇଟ୍‌ରେ ସୀମିତ ରହିଛି। ଲାଇଟ ଜଳିବା ପାଇଁ ଏପର୍ଯ୍ୟନ୍ତ କୌଣସି ବିଦ୍ୟୁତ ସଂଯୋଗ ପ୍ରକ୍ରିୟା ଆରମ୍ଭ ହୋଇ ନାହିଁ। ଅନ୍ଧାର ସେତୁ ପାଇଁ ଦୁର୍ଘଟଣା ଘଟି ଅନେକ ଲୋକଙ୍କ ଜୀବନ ଯାଇଛି।ବର୍ଷ ବର୍ଷ ଧରି ଅନେକ ଦାବିପତ୍ର ଏବଂ ଆନ୍ଦୋଳନ ପରେ ଏହି ସେତୁରେ ଲାଇଟ ଲାଗିଲା। ଯାହାକୁ ନେଇ ଲୋକମାନେ ଖୁସି ଅନୁଭବ କରିଥିଲେ। ମାତ୍ର ଅଦ୍ୟାବଧି ତାହା କାର୍ଯ୍ୟକ୍ଷମ ତଥା ଜଳି ପାରିଲା ନାହିଁ। ଏହି ସେତୁରେ ମୋଟ ୪୫ଟି ଲାଇଟ ଲାଗିଛି। ସମସ୍ତ ଲାଇଟ ବିଦ୍ୟୁତ ଶକ୍ତି ସାହାଯ୍ୟରେ ସ୍ୱୟଂଚାଳିତ ଭାବେ କାର୍ଯ୍ୟକ୍ଷମ ହେବ। ମାତ୍ର ଠିକା ସଂସ୍ଥା ପକ୍ଷରୁ ଏପର୍ଯ୍ୟନ୍ତ ବିଦ୍ୟୁତ ଶକ୍ତି ସଂଯୋଗ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଗତ ୪ ଅକ୍ଟୋବର ରେ ପରୀକ୍ଷା ମୂଳକ ଭାବେ ସମସ୍ତ ଲାଇଟ କୁ ଜେନେରେଟର ମାଧ୍ୟମରେ କରେଣ୍ଟ ଦିଆଯାଇ ପରୀକ୍ଷା କରାଯାଇଥିଲା। ଏହା ପରେ ପୂର୍ବଭଳି କେବଳ ଖୁଣ୍ଟରେ ଲାଇଟ ଝୁଲି ରହିଛି। ଏହି ଲାଇଟଗୁଡ଼ିକ ଇଲେକ୍ଟ୍ରି କରେଣ୍ଟରେ ଜଳିବା ପାଇଁ ଆବଶ୍ୟକୀୟ ବିଦ୍ୟୁତ ସଂଯୋଗ କିମ୍ବା ଟ୍ରାନ୍ସଫର୍ମରର ଆବଶ୍ୟକତା ରହିଛି। ମାତ୍ର ଅଦ୍ୟାବଧି ବିଦ୍ୟୁତ ବିଭାଗ ପକ୍ଷରୁ ସେମିତି କୌଣସି ପ୍ରକ୍ରିୟା ଆରମ୍ଭ ହୋଇ ନାହିଁ କିମ୍ବା ସେ ସମ୍ବନ୍ଧରେ ସୂଚନା ମଧ୍ୟ ନାହିଁ। ଜନ ଆକ୍ରୋଶ ଫଳରେ ତରବରିଆ ଭାବରେ ଲାଇଟ ଲଗାଇ ଦେଇ ରାଜପଥ କର୍ତ୍ତୃପକ୍ଷ ଚୁପ ବସିଛନ୍ତି। ଅନ୍ୟ ପକ୍ଷରେ ଲାଇଟ ଜଳୁ ନଥିବା ଜାଣି ଚୋରମାନେ ଲାଇଟ ଚୋରି କରିବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି। ତୁରନ୍ତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଉକ୍ତ ବ୍ରିଜ୍‌ରେ ଲାଗିଥିବା ଲାଇଟ୍‌କୁ କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ତଥା ବିଦ୍ୟୁତ ସଂଯୋଗ କରି ବ୍ରିଜକୁ ଆଲୋକିତ କରିବା ପାଇଁ ଦାବି କରିଛନ୍ତି।

## ହାଇୱା ଧକ୍କାରେ ନାବାଳକ ମୃତ

# କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

**ଧର୍ମଶାଳା, ୬।୧୧(ସମିସ)**



ଧର୍ମଶାଳା ଥାନା ପାଖର ପଞ୍ଚାୟତ ତେଲର ଗ୍ରାମ୍ୟ ରାସ୍ତାରେ ଏକ ହାଇୱାଗାଡି ଜଣେ ନାବାଳକ ଉପରେ ଚଢିଯିବାରୁ ଘଟଣାସ୍ଥଳରେ ତାର ମୃତ୍ୟୁ ଘଟିଛି। ମୃତ ନାବାଳକ ଧର୍ମଶାଳା ଥାନା ଛେଳିଆପଦା ନିକଟ ତେଲର ଗ୍ରାମର ଗଣେଶ୍ୱର ଘଡ଼େଇଙ୍କ ପୁତ୍ର ଆୟୁଷରାଜ ଘଡେଇର(୯) ବୋଲି ଜଣାପଡ଼ିଛି। ଏହାର ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିବା ସହ ମୃତକ ପରିବାରକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଯାଜପୁର ରୋଡ ପୁଲିସ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ଧର୍ମଶାଳା ତହସିଲଦାର ସମିର ରଞ୍ଜନ ଦାସ ଓ ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝି ନିଜ ଷ୍ଟାଫ ମାନଙ୍କ ସହିତ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ତହସିଲ ପକ୍ଷରୁ ରେଡକ୍ରସରୁ ମୃତ ନାବାଳକର ପରିବାରକୁ ସହାୟତା ପ୍ରଦାନ କରାଯିବା ପରେ ରାସ୍ତା ଅବରୋଧ ହଟିଥିଲା। ସୂଚନା ମୁତାବକ ଆଜି ପୂର୍ବାହ୍ନରେ ଆୟୁଷ ନିଜ ଜେଜେଙ୍କ ସହ ଗାଁ ରାସ୍ତାରେ ଯାଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଓଡି-୨୨ଏମ ୭୬୦୧ହାଇୱା ଗାଡ଼ିଟି ନାବାଳକ ଉପରେ ଚଢ଼ିଯାଇଥିଲା। ସ୍ଥାନୀୟ ଲୋକେ ହାଇୱା ଗାଡ଼ିର ଡ୍ରାଇଭରକୁ ଅଟକ ରଖି ପୁଲିସ ଜିମା ଦେଇଥିବା ଜଣପଡ଼ିଛି। ତେବେ ପୁଲିସ ୬୯୧/୨୫ରେ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରକୁ ଥାନାରେ ଅଟକ ରଖିଛି। ଏଥିସହ ପୁଲିସ ଧର୍ମଶାଳା ଡାକ୍ତରଖାନାରେ ମୃତ ନାବାଳକର ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହାସ୍ତାନ୍ତର କରିବା ସହ ଘଟଣାର ତଦନ୍ତ ଚଳାଇଛି। ଖବର ପାଇ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ ଆରୁହା ବିଜେପି ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ରାଜେଶ ପାଳ ଓ ପ୍ରଦୀପ କୁମାର ପରିଡ଼ା ପହଞ୍ଚି ଗ୍ରାମବାସୀମାନଙ୍କ ସହ ଆଲୋଚନା କରିଥିବା ବେଳେ ମୃତକର ପରିବାରକୁ ସାନ୍ତନା ଦେବା ସହ ଆର୍ଥୀକ ସହାୟତା ଯୋଗାଇ ଦେଇଛନ୍ତି। ସେହିପରି କଂଗ୍ରେସ ନେତା କିଶାନ ପଣ୍ଡା ତେଲର ଗ୍ରାମରେ ପହଞ୍ଚି ମୃତକଙ୍କ ପରିବାରକୁ ଭେଟି ସାନ୍ତନା ଦେଇଛନ୍ତି।

# ଅଭିରାମ କୀର୍ତ୍ତନମଣ୍ଡଳୀ ଦ୍ୱାରା ଭଜନ ସମାରୋହ



**ଶଙ୍ଖଚିଲା, ୬।୧୧(ସମିସ):** ପବିତ୍ର ରାହାସ ପୂର୍ଣ୍ଣିମା ଅବସରରେ କୋରେଇ ବ୍ଲକ ତଣ୍ଡରା ଗ୍ରାମର ଅଭିରାମ କୀର୍ତ୍ତନ ମଣ୍ଡଳୀ ଦ୍ୱାରା ଭଜନ ସମାରୋହ ଓ ସଂକୀର୍ତ୍ତନ ସହ ନଗର ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅନୁଷ୍ଠାନଟି ପ୍ରାୟ ୭୦ ବର୍ଷରୁ ଅଧିକ ବର୍ଷ ଧରି ଗ୍ରାମରେ କୁମାର ପୂର୍ଣ୍ଣିମା ଦିନଠାରୁ ପବିତ୍ର ରାହାସ ପୂର୍ଣ୍ଣିମା ପର୍ଯ୍ୟନ୍ତ ମାସସାରା ପ୍ରତିଦିନ ସନ୍ଧ୍ୟାରେ କୀର୍ତ୍ତନ ଓ ନାମ ସଂକୀର୍ତ୍ତନ କରିଆସୁଛି। ଏଥିରେ ପ୍ରସନ୍ନ ସ୍ୱାଇଁ, ରତିକାନ୍ତ ସ୍ୱାଇଁ, ସନ୍ତୋଷ ସ୍ୱାଇଁ, ଆନନ୍ଦ ଚନ୍ଦ୍ର ବେହେରା, ସୌମ୍ୟରଞ୍ଜନ ପରିଡ଼ା, ନିରଞ୍ଜନ ସ୍ୱାଇଁ, ଶ୍ରୀକାନ୍ତ ଖଣ୍ଡାଇ, ଆୟୁଷ୍ମାନ ବେହେରା, ସୋମନାଥ ବେହେରା, ବଂଶୀଧର ବେହେରା, ମଣିନାଥ ବେହେରା, ଆଖଣ୍ଡଳମଣି ସାହୁ, ଜିତେନ୍ଦ୍ର ବେହେରା, ଗଣନାଥ ଖଣ୍ଡାଇ, ଗୁଡୁ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରଞ୍ଜିତ ଦଳାଇ, ସୌମ୍ୟରଞ୍ଜନ ବେହେରା, ମଳୟ ପରିଡ଼ା, ସୁମନ ଶେଖର ପରିଡ଼ା, ଶ୍ରୀପତି ସାବତ, ବିରୁପାକ୍ଷ ସ୍ୱାଇଁ, ପ୍ରଶାନ୍ତ ବେହେରା, ପବିତ୍ର ମଲିକ, ମହେନ୍ଦ୍ର ସାହୁ, ଜିତ ସ୍ୱାଇଁ, ରୁଦ୍ର ସ୍ୱାଇଁ କାର୍ଯ୍ୟ ପରିଚାଳନା କରିଥିଲେ।

# ୭୦ ବର୍ଷରେ ବ୍ରାହ୍ମଣୀ ବ୍ରିଜ୍ ବଜାର କାର୍ତ୍ତିକେଶ୍ୱର ପୂଜା

କବାଟବନ୍ଧ, ୬ ।୧୧(ସମିସ): ଧର୍ମଶାଳା ବ୍ଲକ ରାଇଛନ୍ଦା ପଞ୍ଚାୟତ ବ୍ରାହ୍ମଣୀ ବ୍ରିଜ ବଜାରରେ ଅନୁଷ୍ଠିତ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠାନ ୭୦ବର୍ଷ ଧରି ଏହି ପୂଜା କରିଆସୁଛି। କମିଟି ସଭାପତି ରମାକାନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ସଭ୍ୟ ରବୀନ୍ଦ୍ର ସାହୁ, ଗଙ୍ଗାଧର ମଲ୍ଲିକ, ସଞ୍ଜୟ ସାହୁ, କାଶୀନାଥ ବାରିକ, ସଞ୍ଜୟ ପ୍ରଭାକର ପ୍ରଧାନ, ସଞ୍ଜୟ ସାହୁ, ତ୍ରିଲୋଚନ ପ୍ରଧାନ, ବିଶ୍ୱନାଥ ପରିଡ଼ା, ସୁଶାନ୍ତ ମଲ୍ଲଙ୍କ ସମେତ ବଜାର କମିଟିର ଅନ୍ୟ ସଭ୍ୟ ଏବଂ ବ୍ୟବସାୟୀ ସହଯୋଗ କରିଛନ୍ତି। ତିନି ଦିନ ବ୍ୟାପି ଏହି ପୂଜାରେ କର୍ତ୍ତା ଭାବେ ରାଜକିଶୋର ସାହୁ ଦାୟିତ୍ୱ ସମ୍ପାଦନ କରିଥିଲେ। ରୀତିନୀତି ଅନୁଯାୟୀ ସମସ୍ତ ପୂଜା କାର୍ଯ୍ୟ ସହିତ ପ୍ରତ୍ୟେକ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେଉଛି। ସ୍ଥାନୀୟ ଅଞ୍ଚଳର ଶହ ଶହ ଭକ୍ତ ଏବଂ ଶ୍ରଦ୍ଧାଳୁ ପୂଜା ମଣ୍ଡପରେ ପହଞ୍ଚି ପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ। ଭକ୍ତମାନଙ୍କ ପାଇଁ ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ବ୍ୟବସାୟୀଙ୍କ ମୃତ୍ୟୁରେ ବଜାର ବନ୍ଦ



**ପାଣିକୋଇଲି, ୬ ।୧୧(ସମିସ):** ପାଣିକୋଇଲି ବଜାର ଓଟିନ୍ଦା ରୋଡରେ ପ୍ରଥମକରି ସେଲୁନ ବ୍ୟବସାୟ ଆରମ୍ଭ କରିଥିବା ସଦାଶିବ ବାରିକଙ୍କ ଆଜି ମୃତ୍ୟୁ ଘଟିଛି। ସେ ବୃକକ୍ ରୋଗରେ ପୀଡ଼ିତ ହୋଇ କଟକର ଏକ ଘରୋଇ ଚିକିତ୍ସାଘରେ ଚିକିତ୍ସିତ ହେଉଥିଲେ। ତାଙ୍କ ମରଶରୀରକୁ ପୈତୃକ ଗ୍ରାମ ପଥରପଦା ପଞ୍ଚାୟତ ମୁଲରୀ ଗ୍ରାମକୁ ଆଣି ଶୋଭାଯାତ୍ରାରେ ଗାଁ ଭ୍ରମଣ କରାଯାଇଥିଲା। ପରେ ପୁରୀ ସ୍ୱର୍ଗଦ୍ୱାର ନେଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ସୌଭାଗ୍ୟ ରଞ୍ଜନ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଖବର ପାଇବା ପରେ ପାଣିକୋଇଲି ଓଟିନ୍ଦାରୋଡ ସରସ୍ୱତୀ ମାର୍କେଟ ପକ୍ଷରୁ ବଜାର ବନ୍ଦ କରାଯାଇଥିଲା। ତାଙ୍କର ମୃତ୍ୟୁରେ ଓଟିନ୍ଦା ଗୋପୀନାଥଜିଉ ନାଟ୍ୟ ପରିଷଦ ପକ୍ଷରୁ ଶୋକ ପ୍ରକାଶ ପାଇଛି। ସାନପୁଅ ସତ୍ୟରଞ୍ଜନ, ବନ୍ଧୁବାନ୍ଧବ, ପରିବାର ବର୍ଗ, ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଡିହସାହି ସପ୍ତା କମିଟି ତରଫରୁ ପ୍ରତିଭା ଚୟନ ପ୍ରତିଯୋଗିତା



**ପ୍ରୀତିପୁର, ୬।୧୧, (ସମିସ):** ବିଞ୍ଝାରପୁର ବ୍ଲକ ଅଧୀନ ମାଁସଡା ପଞ୍ଚାୟତ ଅନ୍ତର୍ଗତ ଗୌଡ଼ସାହିସ୍ଥିତ ଡିହସାହିର ସପ୍ତା କମିଟି ପକ୍ଷରୁ ବାର୍ଷିକ ଶ୍ରୀମଦ୍ ଭାଗବତ ପାରାୟଣ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରତ୍ୟେହ ସନ୍ଧ୍ୟା ଭଜନ ସଂକୀର୍ତ୍ତନାଦି ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଅବ୍ୟବହିତ ପୂର୍ବରୁ ନୃତ୍ୟ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ବିଭିନ୍ନ ଅଞ୍ଚଳର ବହୁ ପ୍ରତିଯୋଗୀ ଉପସ୍ଥିତ ଥିଲେ। ସପ୍ତା କମିଟିର ସଭାପତି ତଥା ସଙ୍ଗୀତଜ୍ଞ ଅକ୍ଷୟ କୁମାର ମହାନ୍ତିଙ୍କ ସଂଯୋଜନାରେ ସିଦ୍ଧାର୍ଥ ମିଶ୍ର ଓ ଯୁବକ ସଙ୍ଘ ସମ୍ପାଦକ ଆଶୁତୋଷ ମିଶ୍ର ଓ ସମସ୍ତ ସଦସ୍ୟଙ୍କ ସହଯୋଗ କ୍ରମେ ଏହି ପ୍ରତିଯୋଗିତାଟି ସମ୍ପନ୍ନ ହୋଇଥିଲା। ବିଚାରକ ଭାବରେ ଅଶୋକ କୁମାର ଦାସ ଯୋଗ ଦେଇ ମୂଲ୍ୟାଙ୍କନ କରିଥିଲେ। କାର୍ଯ୍ୟକ୍ରମର ସମାବର୍ତ୍ତନ ସମାରୋହରେ ମୁଖ୍ୟ ଅତିଥି ଭାବରେ ଅଧ୍ୟାପକ ବିଜୟ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରତନଲାଲ ଭୂୟାଁ, ସମାଜସେବୀ ଶ୍ୟାମସୁନ୍ଦର ବେହେରା ଓ ଶିକ୍ଷାବିତ୍ ଅଶୋକ କୁମାର ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କ ପୁରସ୍କୃତ କରିଥିଲେ। ଶ୍ରୀମଦ୍ ଭାଗବତ ପାରାୟଣର ବ୍ୟାସ ଭାବରେ ପଣ୍ଡିତ ରତ୍ନାକର ମିଶ୍ର ତାଙ୍କର ସହଯୋଗୀ ମାନେ ପୁରାଣ ପଣ୍ଡା ଭାବରେ କାର୍ଯ୍ୟ ସମ୍ପାଦନ କରିଥିଲେ। ଗୁରୁପ୍ରସାଦ ମିଶ୍ର, ଗୌରାଙ୍ଗ ଦାସ୍, ଦିଲ୍ଲୀପ ମିଶ୍ର, ସୁରେନ୍ଦ୍ର ଘଡ଼େଇ, ମାଗୁଣୀ ସାହାଣୀ, ବାମଦେବ ମିଶ୍ର, କାଳନ୍ଦୀ ଦାଶ, ଭୋଳାନାଥ ମିଶ୍ର, ଟୁନଟୁନ ମିଶ୍ର, ମଧୁସୂଦନ ଚାନ୍ଦ, ଦେବା ରଣା, ବାଇଧର ରାଉତ, ଦିବାକର ସାହୁ, ଭାଗବତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୯ ତମ ରାହାସ ପୂର୍ଣ୍ଣିମା ଉତ୍ସବ



**ଦାନଗଦି, ୬।୧୧(ସମିସ) :** ଦାନଗଦି ବ୍ଲକ ଟମକାର ଗୌରହରି ଭକ୍ତବୃନ୍ଦ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶ୍ରୀରାମ ଯୁବକ ସଂଘ ଓ ଟମକା ବଣିକ ସଂଘର ମିଳିତ ସହଯୋଗରେ ୧୯ ତମ ବାର୍ଷିକ ପଞ୍ଚୁକ ଉପଲକ୍ଷେ ରାହାସ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି, ଟମକା ଥାନାର ଆଇଆଇସି ପ୍ରମୋଦିନୀ ସାହୁ, ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ପ୍ରଧାନ, ପାର୍ବତୀ ମଲ୍ଲିକ ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଆଧ୍ୟାତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଗୌରହରି ଭକ୍ତବୃନ୍ଦ ତରଫରୁ ପ୍ରତିଦିନ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏଥିରେ ଅନୁଷ୍ଠାନର ପ୍ରଫୁଲ୍ଲ ରାଉତ, ଅଜିତ୍ ରଥ, ବିଜୟ ବାରିକ, ଫିକ୍ରୁନ ପ୍ରଧାନ, ଆଶୁତୋଷ ରଥ, ଅମିତ ରଥ, ବୁଧିମନ୍ତ ବେହେରା, ଚିତରଞ୍ଜନ ବାରିକ୍ ପଦ୍ମନାଭରଥ, ରଞ୍ଜନ ସାହୁ, ସନ୍ତୋଷ ସାହୁ, ନିରଞ୍ଜନ ଦ୍ୱିବେଦୀ, ସନ୍ତୋଷ ବେହେରା, ସୁଦର୍ଶନ ଓଝା, କାମାସାମଲ, ମିଟୁ ଓଝା, ଜଗାଦାସ ସମେତ ଅନୁଷ୍ଠାନର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

# ଅନାସ୍ଥାରେ ହାରିଲେ ରଣପୁର ସରପଞ୍ଚ

**ବିଞ୍ଝାରପୁର, ୬ ।୧୧(ସମିସ):** ବିଞ୍ଝାରପୁର ବ୍ଲକ ରଣପୁର ଗ୍ରାପର ସରପଞ୍ଚ ରିୟଙ୍କା ଜେନା ଅନାସ୍ଥା ଭୋଟରେ ହାରିଯାଇଛନ୍ତି। ଦୀର୍ଘ ୧ ମାସରୁ ଉର୍ଦ୍ଧ୍ୱ ହେବ ବହୁ ଛକାପଞ୍ଝା ପରେ ଜିଲ୍ଲା ପ୍ରଶାସନ ଚିଠି ନଂ ୧୬୭୯୩ /୨୫ ନିର୍ଦ୍ଦେଶକ୍ରମେ ଗୁରୁବାର ପୂର୍ବାହ୍ନରେ ରଣପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଡିଏସ୍‌ପି ବାମଦେବ ନନ୍ଦ, ବିଞ୍ଝାରପୁର ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କ ସମେତ ପୁଲିସ ସୁରକ୍ଷା ବଳୟରେ ସରପଞ୍ଚଙ୍କ ବିରୋଧରେ ଅନସ୍ଥା ପ୍ରସ୍ତାବ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅନସ୍ଥା ପ୍ରସ୍ତାବ ବୈଠକ ଦଶରଥପୁର ତହସିଲଦାର ଶୁଭ୍ରାଂଶୁ ଶେଖର ସାହୁଙ୍କ ସଭାପତିତ୍ୱରେ ବିଞ୍ଝାରପୁର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସତ୍ୟଭୂଷଣ ବିଶ୍ୱାଳ, ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଅଧିକାରୀ ଶୁଭ୍ରାଂଶୁ ପୃଷ୍ଟି, ରଣପୁର ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ଶତପଥି ଉପସ୍ଥିତିରେ ଆରମ୍ଭ ହୋଇଥିଲା। ବୈଠକରେ ୧୫ଜଣ ୱାର୍ଡଙ୍କ ମଧ୍ୟରୁ ସରପଞ୍ଚଙ୍କ ବିରୋଧୀ ନାଏବ-ସରପଞ୍ଚ ବନମାଳୀ ସାମଲଙ୍କ ନେତୃତ୍ୱରେ ଅନ୍ୟ ୧୦ ଜଣ ୱାର୍ଡସଭ୍ୟା / ସଭ୍ୟ ଉପସ୍ଥିତ ରହି ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନାରେ ଭାଗ ନେଇଥିଲେ। ସରପଞ୍ଚ ରିୟଙ୍କା ଜେନାଙ୍କ ସମେତ ତାଙ୍କ ସମର୍ଥିତ ୪ଜଣ ୱାର୍ଡସଭ୍ୟ / ସଭ୍ୟା ଅନୁପସ୍ଥିତ ରହିଥିଲେ। ଯାହାଫଳରେ ସରପଞ୍ଚ ରିୟଙ୍କା ଜେନାଙ୍କ ବିରୋଧରେ ଉପସ୍ଥିତ ୧୧ ଜଣୱାର୍ଡସଭ୍ୟା/ସଭ୍ୟ ଯିବାରୁ ଗ୍ରାମପଞ୍ଚାୟତ ଆଇନ ଅନୁଯାୟୀ ସରପଞ୍ଚ ରିୟଙ୍କା ନିଜ ପଦ ହରାଇଥିବା ଜଣାପଡ଼ିଛି।



# ଅନନ୍ତ ବାସୁଦେବ ପୀଠରେ ବାର୍ଷିକ ଉତ୍ସବ ଓ ନାମଯଜ୍ଞ



**ପାଣିକୋଇଲି, ୬ ।୧୧(ସମିସ):** ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତ ଭଗତପୁରଠାରେ ଯମୁନା ନଦୀକୂଳରେ ଥିବା ଶ୍ରୀଶ୍ରୀ ଅନନ୍ତ ବାସୁଦେବ ମନ୍ଦିର ପ୍ରାଙ୍ଗଣରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରୀଠାକୁରଙ୍କ ବାର୍ଷିକ ଯଜ୍ଞ ତଥା ନାମସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ୪ଦିନ ବ୍ୟାପି କାର୍ଯ୍ୟକ୍ରମ ଯଥାରୀତି ଅନୁଯାୟୀ କରାଯାଇଛି। ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ସଦସ୍ୟ ଉପସ୍ଥିତ ରହି ସମୂହ ପ୍ରସାଦ ସେବନ କରିଥିଲେ।

# ମରଣାନ୍ତକ ଆକ୍ରମଣ ଅଭିଯୋଗ

**ପାଣିକୋଇଲି, ୬ ।୧୧(ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସର୍ବସାଧାରଣ ସ୍ଥାନରେ ମରଣାନ୍ତକ ଆକ୍ରମଣ ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରୁଛି। ପ୍ରକାଶଯେ ଯାଜପୁରରୋଡ୍ ଥାନା ଭିକିପୁର ଗ୍ରାମର ବଳରାମ ଜେନାଙ୍କ ଅଭିଯୋଗ ମୁତାବକ ଗତ ୨୯ ତାରିଖ ଏକ ପୋଖରୀର ମାଛଧରାକୁ କେନ୍ଦ୍ର କରି ତାଙ୍କ ଗ୍ରାମବାସୀଙ୍କ ସହିତ ପାଣିକୋଇଲି ଥାନା ଜହ୍ନା ପଞ୍ଚାୟତ ଛୋଟରାୟପୁର ଗ୍ରାମର ଆଲୋକ ଦାସ ଓ ବାବୁଲି ପାତ୍ରଙ୍କ ସହିତ ଝଗଡ଼ା ହୋଇଥିଲା। ଯାହାକୁ ନେଇ ଯାଜପୁରରୋଡ ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା। ଗତ ୧ ତାରିଖ ବଳରାମ ଛୋଟରାୟପୁର ଛକକୁ ଯାଇଥିବା ବେଳେ ପୂର୍ବ ରାଗରଖି ଉଭୟେ ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ। ନିସ୍ଥୁକ ମାଡ଼ ଦେବା ସହିତ ତଳେ ପକାଇ ଗାଳିଗୁଲଜ କରି ଚଢ଼ିଯାଇଥିଲେ ଓ ସୁନା ଚେନ ଛଡ଼ାଇନେଇଥିଲେ। ସ୍ଥାନୀୟ ଲୋକମାନେ ବଳରାମକୁ ଉଦ୍ଧାର କରିଥିଲେ। ଏ ନେଇ ବଳରାମ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକ

# ଚାଷୀଙ୍କୁ ସଠିକ ସମୟରେ ସାର ଯୋଗାଣ ଉପରେ ଗୁରୁତ୍ୱ

**ଯାଜପୁର ୬ ।୧୧(ସମିସ)**



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ଆଗାମୀ ରବି ଋତୁ ୨୦୨୫-୨୬ ନିମନ୍ତେ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଲେ ଆମ ରାଜ୍ୟ ଏକ କୃଷି ପ୍ରଧାନ ରାଜ୍ୟ। ଚାଷୀଙ୍କ ନିମନ୍ତେ ସରକାର ବହୁତ ଯୋଜନା କରିଛନ୍ତି। କୃଷକମାନେ ଯେପରି ପ୍ରତ୍ୟେକ ଯୋଜନାର ସୁଫଳ ପାଇପାରିବେ ସେଥିପ୍ରତି କୃଷି ବିଭାଗ ଅଧିକାରୀମାନେ ଯତ୍ନବାନ ହେବା ଆବଶ୍ୟକ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା ସମନ୍ୱିତ କୃଷି ପଦ୍ଧତି, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷକ ରେଜିଷ୍ଟ୍ରି, ଡିଜିଟାଲ ଫସଲ କାର୍ଯ୍ୟକ୍ରମ ସର୍ବେକ୍ଷଣ ସମସ୍ତ କୃଷି ତଥା ଆନୁସାଙ୍ଗିକ ବିଭାଗ ମିଳିତ ସହଯୋଗରେ ସୁଚାରୁ ଭାବରେ କାର୍ଯ୍ୟକାରୀ କରିବାକୁ ଏବଂ ଯୋଜନା ସମ୍ବନ୍ଧରେ କୃଷକଙ୍କ ଅବଗତି ପାଇଁ ବହୁଳ ପ୍ରସାର କରିବାକୁ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲାର ଚାଷୀମାନଙ୍କୁ ଠିକ୍ ସମୟରେ ବିହନ ସାର ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ରବି ଋତୁ ୨୦୨୫-୨୬ ନିମନ୍ତେ ୪୯୮୦ ହେକ୍ଟର ଜମିରେ ଧାନ ଚାଷ କରାଯିବାକୁ ନିର୍ଦ୍ଧାରଣ କରାଯାଇଛି। ସେହିପରି ୪୫୦ ହେକ୍ଟର ଜମିରେ ମକା ଚାଷ, ୧୦୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ, ୧୦ ହେକ୍ଟର ଜମିରେ ଗହମ ଚାଷ, ୪୯୦୧୦ ହେକ୍ଟର ଜମିରେ ସମୁଦାୟ ଡାଲି ଜାତୀୟ ଫସଲ ଏବଂ ୨୧୯୩୦ ହେକ୍ଟର ଜମିରେ ତୈଳ ଜାତୀୟ ଫସଲ, ୧୬୫୦ ହେକ୍ଟର ଜମିରେ ଆଳୁ ଚାଷ, ୧୨୦୦ ହେକ୍ଟର ଜମିରେ ପିଆଜ ଚାଷ, ୨୪, ୭୦୦ ହେକ୍ଟର ଜମିରେ ସମୁଦାୟ ପରିବା ଚାଷ, ୪୦୦୦ ହେକ୍ଟର ଜମିରେ ସମୁଦାୟ ମସଲା ଜାତୀୟ ଫସଲ, ୨୪୦୦ ହେକ୍ଟର ଜମିରେ ଆଖୁ ଚାଷ କରାଯିବାକୁ ନିର୍ଦ୍ଧାରଣ କରାଯାଇଛି। ସେହିପରି ୪୬୯୪.୧୮ ହେକ୍ଟର ଜମିରେ ବୃହତ୍ ଜଳସେଚନ, ୫୮୧୦ ହେକ୍ଟର ଜମିରେ କ୍ଷୁଦ୍ର ଜଳସେଚନ, ୩୩୦୦.୨୮ ହେକ୍ଟର ଜମିରେ ବୃହତ୍ ଉଠା ଜଳସେଚନ, ୩୦୧୮ ହେକ୍ଟର ଜମିରେ କ୍ଷୁଦ୍ର ଉଠା ଜଳସେଚନ କରାଯିବାର ନିର୍ଦ୍ଧାରିତ କରାଯାଇଛି। ରବି ଋତୁ ୨୦୨୫ - ୨୬ ନିମନ୍ତେ ୯୦୦୦ ମେଟ୍ରିକ୍ ଟନ୍ ସାର ବ୍ୟବହାର କରାଯିବାର ନିର୍ଦ୍ଧାରଣ କରାଯାଇଛି। ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ତପନ କୁମାର ମହାପାତ୍ର କାର୍ଯ୍ୟସୂଚୀ ଅନୁଯାୟୀ ବିହନ ଯୋଗାଣ, ରାସାୟନିକ ସାର, ଫସଲ ସୁରକ୍ଷା, ମୃତ୍ତିକା ପରୀକ୍ଷଣ, ସୌର ଜଳବିଧି, ଜାତୀୟ ଖାଦ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି ଶ୍ରୀ ରାଧେଶ୍ୟାମ ବେହେରା, କେ.ବି.କେ ବୈଜ୍ଞାନିକ ସୁନୀଲ କୁମାର ମହାପାତ୍ର, ଜଳସେଚନ ବିଭାଗର ଅଧିକାରୀ, ସହକାରୀ ନିବନ୍ଧକ, ସମବାୟ ସମିତି, ନାବାର୍ଡ ଜିଲ୍ଲା ଉନ୍ନୟନ ପରିଚାଳିକା, ଅଗ୍ରଣୀ ବ୍ୟାଙ୍କ ପରିଚାଳକ, ସମସ୍ତ ବିଭାଗୀୟ ଅଧିକାରୀ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



# ବାଇକ ଦୁର୍ଘଟଣାରେ ଯୁବକ ଗୁରୁତର

ସୁକିନ୍ଦା,୬ ।୧୧(ସମିସ): ୫୩ ନଂ ଜାତୀୟ ରାଜପଥ ସୁକିନ୍ଦା ଛକ ନିକଟ ରେଙ୍ଗାଲି କେନାଲ ପୋଲ ନିକଟରେ ଏକ ବାଇକ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ସୁକିନ୍ଦା ଖଣି ଅଞ୍ଚଳସ୍ଥିତ ପାଟଣା ଗ୍ରାମର ଦଶରଥ ପ୍ରଧାନଙ୍କ ପୁଅ ସୁଶାନ୍ତ ପ୍ରଧାନ(୨୨) ବାଇକ ନେଇ କଳିଙ୍ଗନଗରସ୍ଥିତ ଘରୋଇ କାରଖାନାକୁ ଯାଉଥିବା ସମୟରେ ସୁକିନ୍ଦା ଛକ ନିକଟ ରେଙ୍ଗାଲି ପୋଲ ପାଖରେ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟଲୋକେ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

# ପାରିବାରିକ କଳହରୁ ବୃଦ୍ଧଙ୍କ ଆତ୍ମହତ୍ୟା

ଧର୍ମଶାଳା,୬ ।୧୧(ସମିସ): ଧର୍ମଶାଳା ଥାନା ଅର୍ନ୍ତଗତ ଚୋରମୁହା ପଂଚାୟତ ବାଲିଗରି ଗ୍ରାମର ଘନଶ୍ୟାମ ପରିଡ଼ା (୭୦) ଗତକାଲି ବିଳମ୍ବିତ ରାତିରେ ବେକରେ ରଶି ଲଗାଇ ଅ।।ହତ୍ୟା କରିଥିବା ଜଣାଯାଇଛି। ସୂଚନା ମୁତାବକ, କିଛିଦିନ ହେବ କୌଣସି କାରଣକୁ ନେଇ ପରିବାର ଭିତରେ ଝଗଡ଼ା ହେଉଥିଲା। ଗତକାଲି ରାତିରେ ପରିବାର ଲୋକେ ଶୋଇବା ପରେ ଫ୍ୟାନରେ ରଶି ଲଗାଇ ଘନଶ୍ୟାମ ଆଶହତ୍ୟା କରିଥିବା ପରିବାର ଲୋକେ କହିଛନ୍ତି। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଂଚି ମୃତଦେହକୁ ଜବତ କରିବା ସହିତ ଧର୍ମଶାଳା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବ୍ୟାସନଗର,୬ ।୧୧(ସମିସ): ଗୁରୁବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ୟାସନଗରଠାରେ ଶିକ୍ଷକଙ୍କ ବିଦାୟକଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଆଚାର୍ଯ୍ୟ ଦେବାନନ୍ଦ ମାଝୀଙ୍କ ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ସମ୍ପାଦକ ରଜତ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶ୍ରୀ ମାଝୀ ଜଣେ ଉଚ୍ଚ କୋଟିର ଗୁରୁଜୀ ଥିଲେ ବୋଲି କହିଥିଲେ। ସଭାପତି ବିଜୟ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ପୂର୍ବତନ ସମ୍ପାଦକ ଦିଲ୍ଲୀପ କୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସହପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ନାୟକ ମାନପତ୍ର ପଠନ କରିବା ସହ ସମ୍ବର୍ଦ୍ଧନା ସଭାରେ ସହଯୋଗ କରିଥିଲେ। ଗୁରୁଜୀ ଶ୍ରୀ ମାଝୀ ତାଙ୍କ ଅଭିଭାଷଣରେଦୀର୍ଘଦିନରଅନୁଭୂତିବଖାଣିଥିଲେ।ପ୍ରଧାନଆଚାର୍ଯ୍ୟତ୍ରିଲୋଚନପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଦୁର୍ଯ୍ୟୋଧନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ସରିବା ପରେ ଏକ ବିଶାଳ ଶୋଭାଯାତ୍ରାରେ ସମସ୍ତ ଗୁରୁଜୀ, ଗୁରୁମା, ଛାତ୍ରଛାତ୍ରୀ, ମାତୃମଣ୍ଡଳୀ ଶ୍ରୀ ମାଝୀଙ୍କୁ ତାଙ୍କ ସ୍ୱଗୃହ ପର୍ଯ୍ୟନ୍ତ ନେଇଥିଲେ।

# ଚୋରା ମଦ କାରବାର, ଅବକାରୀ ଆୟୁକ୍ତଙ୍କୁ ଫେରାଦ



ଧର୍ମଶାଳା,୬ ।୧୧(ସମିସ): ଯାଜପୁର ଜିଲ୍ଲାରେ ବ୍ୟାପକ ମାତ୍ରାରେ ଚୋରା ମଦ କାରବାର ବୃଦ୍ଧି ପାଉଥିବା ଏବଂ ଏହାକୁ ରୋକିବା ଦିଗରେ ଜିଲ୍ଲା ଅବକାରୀ ବିଭାଗର ନିଷ୍କ୍ରିୟତା ପ୍ରତିବାଦରେ ଅବକାରୀ ଆୟୁକ୍ତଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏହି ଚୋରା ମଦ କାରବାର ବୃଦ୍ଧି ପାଇବା ଫଳରେ ଯୁବପିଢ଼ି ପଥଭ୍ରଷ୍ଟ ହେବା ସହ ଚୋରି, ରାହାଜାନୀ, ଡକାୟତି ଏବଂ ଗଣ୍ଡଗୋଳ ଆଦି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ବୋଲି ସମାଜସେବୀ ସବ୍ୟସାଚୀ ସାହୁ ଅଭିଯୋଗ କରିଛନ୍ତି। ଶ୍ରୀ ସାହୁଙ୍କ ଅଭିଯୋଗ ଅନୁଯାୟୀ ଚଳିତ ବର୍ଷ ଜାନୁଆରୀ ୩୦ତାରିଖରେ ରାଜ୍ୟ ସରକାରଙ୍କ ଅବକାରୀ ବିଭାଗର ଚିଠି ନମ୍ବର୍ ୫୮୫ରେ ଦିବ୍ୟ କିଶୋର ତଣ୍ଡେଇ ଯାଜପୁର ଜିଲ୍ଲାରେ ନୂତନ ଜିଲ୍ଲା ଅବକାରୀ ଅଧୀକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ଜିଲ୍ଲାରେ ଦ୍ରୁତ ଗତିରେ ବଢ଼ି ଚାଲିଥିବା ବେସରକାରୀ ମଦ କାରବାରକୁ ରୋକିବା ଏବଂ ଜିଲ୍ଲାର ଅବକାରୀ ବିଭାଗ ସରକାରଙ୍କ ଆୟତ୍ତରେ ରହିବା, ଜିଲ୍ଲାରେ ଚୋରି, ଡକାୟତି, ରାହାଜାନୀ ଆଦି ଅସାମାଜିକ କାର୍ଯ୍ୟକୁ ରୋକିବା, ସରକାରଙ୍କ ରାଜସ୍ୱ ବୃଦ୍ଧି ହେବା ଇତ୍ୟାଦି ପ୍ରସଙ୍ଗରେ ଶ୍ରୀ ସାହୁ ରାଜ୍ୟ ଅବକାରୀ ଆୟୁକ୍ତ ପି.ଅନ୍ୱେଷା ରେଡ୍ଡୀଙ୍କୁ ଭେଟି ଆଲୋଚନା କରିଥିଲେ। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମତୀ ରେଡ୍ଡୀ ପ୍ରତିଶ୍ରୁତି ଦେଇଛନ୍ତି।

# ଚିତ୍ତାଳ କଲେଜରୁ ୮ ଇନଭର୍ଟର ବ୍ୟାଟେରି ଲୁଟ୍

ଦଶରଥପୁର,୬।୧୧(ସମିସ): ଦଶରଥପୁର ବ୍ଲକ ଚିତ୍ତାଳସ୍ଥିତ ଚିତ୍ତାଳ ମହାବିଦ୍ୟାଳୟରୁ ବଡ଼ ଧରଣର ଲୁଟ ହୋଇଛି। ବୁଧବାର ରାତିରେ ଦୁର୍ବୃର୍ତ୍ତ ମାନେ ମହାବିଦ୍ୟାଳୟର ପରିସରରେ ଥିବା ସୋଲାରଯୁକ୍ତ ୮ ଟି ବଡ଼ ଇନଭର୍ଟର ବ୍ୟାଟେରି ସମେତ ବିଭିନ୍ନ ମୂଲ୍ୟବାନ ସୋଲାର ଯନ୍ତ୍ରାଂଶ ଲୁଟି ନେଇଥିବା ମହାବିଦ୍ୟାଳୟର ଅଧକ୍ଷ ଡ. ନିରଞ୍ଜନ ବିଶ୍ୱାଳ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗ ମୁତାବକ ଗତ ବୁଧବାର ମହାବିଦ୍ୟାଳୟ ଛୁଟି ରହିଥିବା ବେଳେ ରାତିରେ କିଛି ଦୁର୍ବୃତ୍ତ ମହାବିଦ୍ୟାଳୟ ପରିସର ଭିତରେ ଥିବା ଗ୍ରନ୍ଥାଗାର ଗ୍ରୀଲ କାଟି ଏହି ବ୍ୟାଟେରି ଏବଂ ଏକାଧିକ ସୋଲାର ଯନ୍ତ୍ରାଂଶ ଲୁଟିନେଇଥିଲେ। ଅଧକ୍ଷ ଅଭିଯୋଗ କରିବା ପରେ ପୁଲିସ ସିସିଟିଭି ଫୁଟେଜ୍ ଦେଖି ତଦନ୍ତ କରିଛି। ପରେ ସନ୍ଧାନୀ କୁକୁର ସାହାଯ୍ୟରେ ଲୁଟ ଘଟଣାର ଛାନଭିନ କରାଯାଇଥିଲା।

# ବିଜେଡିର ଜନସମ୍ପର୍କ ପଦଯାତ୍ରା ଓ ମିଶ୍ରଣ ପର୍ବ

ଦଶରଥପୁର,୬।୧୧(ସମିସ)




ବିଜୁ ଜନତା ଦଳର ନିର୍ଦ୍ଦେଶ କ୍ରମେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେଉଥିବାବେଳେ ଦଶରଥପୁର ବ୍ଲକ ତରପଦା ପଞ୍ଚାୟତଠାରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଓ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ସମ୍ମାନିତ ଅତିଥି ରୂପେ ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ୬ନମ୍ବର ଜୋନ୍ ଜିଲ୍ଲାପରିଷଦ ସଭ୍ୟା ମାମିନା ମଲ୍ଲିକ, ୫ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ମନସ୍ୱିନୀ ଦାସ, ବରିଷ୍ଠ ବିଜେଡି ନେତା ମନୋଜ ରାଉତ, ସରପଞ୍ଚ ମାନସ୍ମିତା ଦାସ ଓ ପୂର୍ବତନ ସରପଞ୍ଚ ରଞ୍ଜିତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଦେଢ଼ ବର୍ଷରେ ବିଜେପି ସରକାରଙ୍କ ଜନବିରୋଧୀ କାର୍ଯ୍ୟକ୍ରମ ପାଇଁ ପଞ୍ଚାୟତରେ ଉନ୍ନତି ମୂଳକ କାର୍ଯ୍ୟ ଠପ ହେବା ସହିତ ବିଜେପିର ଅନ୍ତର୍ଦ୍ୱନ୍ଦ୍ୱ ପାଇଁ କର୍ମୀମାନେ ମୁରବି ଶୂନ୍ୟ ଅନୁଭବ କରି ଯାଜପୁରର ଦକ୍ଷ ସଂଗଠକ ବିଜୁ ଜନତା ଦଳ ଉପସଭାପତି ପ୍ରଣବ ପ୍ରକାଶ ଦାସଙ୍କ ଉପରେ ଭରଷା ବିଶ୍ୱାସ କରି ୧୦୦ରୁ ଉର୍ଦ୍ଧ ବିଜେପି କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ବିଜେପି ନେତା ମଧୁସୂଦନ ସାହୁ, ଦିଲ୍ଲୀପ ସାହୁ, କେଦାର ନାଥ ରାଉତ, କଠିଆ ସ୍ୱାଇଁ, ପର୍ଶୁରାମ ରଣା, ରଙ୍ଗଲତା ଦଳାଇ, କାଳନ୍ଦୀ ବେହେରା, ମଧୁସୂଦନ ଦାସ,ବିଶ୍ୱନାଥ ମଲିକଙ୍କ ସମେତ ଶତାଧିକ କର୍ମୀ ବିଜେପି ଛାଡି ବିଜେଡିରେ ଯୋଗଦେଇଛନ୍ତି। ଯାଜପୁର ବିଧାୟିକା ଓ ଯାଜପୁର ଜିଲ୍ଲା ବିଜେଡି ସଭାପତି ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ।ପଞ୍ଚାୟତ ସ୍ତରରେ ଆହୁରି ଜନସାଧାରଣଙ୍କ ନିକଟରେ ପହଞ୍ଚିବା ସହିତ ତୃଣମୂଳ ସ୍ତରରେ ସଂଗଠନକୁ ମଜଭୂତ କରିବାକୁ ଦଳୀୟ କର୍ମକର୍ତ୍ତାଙ୍କୁ ବିଜେଡି ଜିଲ୍ଲା ସଭାପତି ସରୋଜ କୁମାର ମହାପାତ୍ର ପରାମର୍ଶ ଦେଇଥିଲେ।

# ବଡ଼ଚଣା ହାଇସ୍କୁଲରେ ଛାୟା ବିଧାନସଭା




ବଡ଼ଚଣା,୬।୧୧(ସମିସ): ବଡ଼ଚଣା ବ୍ଲକ୍ ଖଇରାସ୍ଥିତ ପିଏମଶ୍ରୀ ବଡ଼ଚଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କୁ ନେଇ ଛାୟା ବିଧାନସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୧୭୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବାଚସ୍ପତି ଭୂମିକାରେ ଲିପ୍ସା ଅଭିସାରିକା ସାମଲ, ମୁଖ୍ୟମନ୍ତ୍ରୀ ଭୂମିକାରେ ବିଶ୍ୱରେଖା ପଣ୍ଡା, ଉପ-ମୁଖ୍ୟମନ୍ତ୍ରୀ ଭୂମିକାରେ ବିନୋଦ ସେଠୀ, ବିରୋଧୀ ଦଳ ନେତ୍ରୀ ଭୂମିକାରେ ସ୍ମୃତିମୟୀ ସାମଲ ଓ ମନ୍ତ୍ରୀ ତଥା ବିଧାୟକ ଭୂମିକାରେ ଲିପ୍ତିକାନ୍ତ ମଲ୍ଲିକ, ଦିଶାରାଣୀ ରାୟ, ଅସୀମା ପଣ୍ଡା, ସତ୍ୟଜିତ ସାମଲ, ଦିବ୍ୟାଂଶୁ ଆଚାର୍ଯ୍ୟ ଓ ଶୁଭଶ୍ରୀ ଦାଶ ପ୍ରମୁଖ ଛାତ୍ରଛାତ୍ରୀ ଭାଗ ନେଇ ସୁନ୍ଦର ଅଭିନୟ କରିଥିଲେ। ତେବେ ସୁନ୍ଦର ଅଭିନୟ କରିଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଛି। ପ୍ରଧାନ ଶିକ୍ଷକ ସ୍ମୃତି ରଞ୍ଜନ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ପରିଚାଳନା କମିଟି ସଭାପତି ହେମନ୍ତ କୁମାର ସାମଲ, ପୁରାତନ ଛାତ୍ର ସଂସଦ ସଭାପତି ସୁଧୀର କୁମାର ବରାଳ ଓ ସଦସ୍ୟ ପ୍ରଦ୍ୟୁମ୍ନ କୁମାର ଓଝା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ମାମିନା ଅନୁରଞ୍ଜନୀ, ଗୀତାଞ୍ଜଳି ସାହୁ, ପ୍ରଜ୍ଞା ପାରମିତା ସେଠୀ, ଶୈଳେଶ ମିଶ୍ର, ବିକାଶ ମହାପାତ୍ର, ବିଭୁଦତ୍ତ ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜାରକା ସତ୍ୟସାଇ ସେବା ସମିତିର ବାର୍ଷିକୋତ୍ସବ

ଧର୍ମଶାଳା ୬ ।୧୧(ସମିସ): ଭଗବାନ ଶ୍ରୀ ସତ୍ୟସାଇ ସେବାସମିତିର ଜାରକାର ୧୭ତମ ବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସତ୍ୟସାଇ ସେବା ସଂଗଠନର ଟ୍ରଷ୍ଟ ସଦସ୍ୟ ତଥା ସାଇଆରୋଗ୍ୟମ୍‌ର ପ୍ରତିଷ୍ଠାତା ରଶ୍ମୀରଞ୍ଜନ ରାୟ ଅତିଥିଭାବେ ଯୋଗଦେଇଥିଲେ। ସମିତିର ଆବାହକ ଅର୍ଜୁନ ଚରଣ ରାଉତ ବାର୍ଷିକ ବିବରଣୀ ପାଠ କରି ନିଜ ସଂଗଠନର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବ ଅବସରରେ ପ୍ରାତଃ ଭୋର ସାଢ଼େ ୪ଟାରୁ ଓମ୍ କାରମ୍, ସୁପ୍ରଭାତମ୍, ନଗର ସଂକୀର୍ତ୍ତନ, ଷୋଡ଼ଶ ଉପଚାର ପୂଜା, ପ୍ରଶାନ୍ତି ଉତ୍ତୋଳନ, ନାରାୟଣ ସେବା, ବେଦ ପାଠ ଓ ଭଗବାନଙ୍କ ଶତତମ ଜନ୍ମଦିବସ ଅବସରରେ ୧୦୦ଟି ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ବରିଷ୍ଠ ସାଇସେବକ ଗୋବିନ୍ଦ ଚନ୍ଦ୍ର ସାହୁ, ଯତୀନ୍ଦ୍ର ମୋହନ ଦାସ, ଦାମୋଦର ପତି, ନରେନ୍ଦ୍ର ନାଥ ଶତପଥୀ, ରଞ୍ଜନ କୁମାର ସାହୁ,ପୂର୍ବତନ ସମିତି ଆବାହକ ପବିତ୍ର ମୋହନ ବିଶ୍ୱାଳ, ଭଜନାନନ୍ଦ ସାମଲ,ସୁଶାନ୍ତ କୁମାର ନାୟକ, ବଟକୃଷ୍ଣ ମଲ୍ଲିକ, ପ୍ରଫୁଲ୍ଲ କୁମାର ଜେନା, ଅକ୍ଷୟ କୁମାର ବେହେରା, ସୌରଭ କୁମାର ଜେନା, ହେମନ୍ତ କୁମାର ଜେନା, ଆଧ୍ୟାତ୍ମିକ ସଂଯୋଜକ ନିରଞ୍ଜନ ଶାନ୍ତି, ସୁବାଷ ଚନ୍ଦ୍ର ସାହୁ, ବିଭୁ ପ୍ରସାଦ ସାହୁ, ବିଦ୍ୟାଧର ସାହୁ, ସତ୍ୟ ପ୍ରକାଶ ଦାଶ, ବିକ୍ରମ କେଶରୀ ମହାନ୍ତି, ଗଗନ ବିହାରୀ ଦତ୍ତ, ଦାଶରଥି ସେଠୀ, ବାଳବିକାଶ ଗୁରୁମା ପ୍ରମୋଦିନୀ ସାମଲ, ଶିକ୍ଷା ସଂଯୋଜିକା ଅରୁନ୍ଧତୀ ସାହୁ, ଆଧ୍ୟାତ୍ମିକ ସଂଯୋଜିକା ନମିତା ଶାନ୍ତି, ସାଗରିକା ଶାନ୍ତି, ମିନତୀ ବଳ, ପ୍ରତିମା ସାହୁ, ବାସନ୍ତୀ ବିଶ୍ୱାଳ, ଝରଣା ଦତ୍ତ ପ୍ରମୁଖ ପରିଚାଳନା କରିଥିଲେ।

# ଜିଲ୍ଲା ସ୍ତରୀୟ ଛାୟା ସଂସଦ କାର୍ଯ୍ୟକ୍ରମ



ଯାଜପୁର,୬ ।୧୧(ସମିସ): ଯାଜପୁର ଜିଲ୍ଲା ସ୍ତରୀୟ ଛାୟା ସଂସଦ କାର୍ଯ୍ୟକ୍ରମ ସମଗ୍ର ଶିକ୍ଷା ଯାଜପୁର ତରଫରୁ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର୍ କୁମାର କର ଉଦ୍‌ଘାଟନ କରି ରାଷ୍ଟ୍ର ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟତମ ଅତିଥି ରୂପେ ଯାଜପୁର ବ୍ଲକ୍ ଶିକ୍ଷା ଅଧିକାରୀ ଦେବିଲାଲ ମଲିକ୍, ଅତିରିକ୍ତ ଶିକ୍ଷା ଅଧିକାରିଣୀ ସବିତା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ ଯୋଗଦେଇଥିଲେ। ଜିଲ୍ଲାର ପ୍ରଥମ ପର୍ଯ୍ୟାୟର ୧୨ ଗୋଟି ପି.ଏ. ଶ୍ରୀ. ବିଦ୍ୟାଳୟର ୯୬ ଛାତ୍ରଛାତ୍ରୀ ଛାୟା ସଂସଦ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଭିନ୍ନ ରାଜ୍ୟକୁ ପ୍ରତିନିଧିତ୍ୱ କରିଥିଲେ। ପୁନଃଶ୍ଚ ୧୨ ପି. ଏମ୍. ଶ୍ରୀ ବିଦ୍ୟାଳୟ ବିଭିନ୍ନ ଷ୍ଟଲରେ ନିଜ ନିଜ ରାଜ୍ୟର ଆବଣ୍ଟନ ଅନୁସାରେ ଏହି ଛାୟା ସଂସଦ ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଶିବାନନ୍ଦ ସ୍ୱାଇଁ ଓ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଯୋଗଦେଇଥିଲେ। ଯାଜପୁର ଜିଲ୍ଲା ସ୍କୁଲ୍‌ର ଭବାନୀ ଶଙ୍କର ପ୍ରଥମ ହୋଇଥିବା ବେଳେ କାଇପଡା ଉଚ୍ଚ ବିଦ୍ୟାଳୟର ସ୍ନେହଲତା ସାହୁ ଦ୍ୱିତୀୟ ହୋଇଥିଲେ। ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାଜପୁର ଜିଲ୍ଲାରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା

# ଅଯୋଦ୍ଧା ଏବଂ ବାରଣସୀ ଗଲେ ୧୪୧ ତୀର୍ଥଯାତ୍ରୀ




ଯାଜପୁର,୬ ।୧୧(ସମିସ): ଆଜି ଯାଜପୁର ଜିଲ୍ଲାରେତୀର୍ଥଯାତ୍ରୀଙ୍କଅଯୋଧ୍ୟା-ବାରଣାସୀ ଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ, ଯାଜପୁର ଯୁଧିଷ୍ଠିର ନାଏକ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତାପସ କୁମାର ସାହୁ, ଟି ଆର ଓ ସୂର୍ଯ୍ୟାଙ୍କିତା ସାହୁ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଯାଜପୁର ଜିଲ୍ଲାରେ ସମୁଦାୟ ୧୪୧ ଜଣ ବରିଷ୍ଠ ତୀର୍ଥଯାତ୍ରୀ ଅଯୋଧ୍ୟା - ବାରଣାସୀ ଯାତ୍ରା କରିଛନ୍ତି। ତୀର୍ଥଯାତ୍ରୀଙ୍କ ନିମନ୍ତେ ୫ ଜଣ ଏସ୍କର୍ଟ ଅଫିସରଙ୍କୁ ନିୟୋଜିତ କରାଯାଇଛି। ତୀର୍ଥଯାତ୍ରୀମାନେ ଆସନ୍ତାକାଲି ବାଲେଶ୍ୱର ରେଳ ଷ୍ଟେସନରୁ ଅଯୋଧ୍ୟା - ବାରଣାସୀ ଅଭିମୁଖେ ଯାତ୍ରା କରିବେ। ସେମାନେ ଆଜି ରାତିରେ ବାଲେଶ୍ୱରରେ ରାତ୍ରୀ ଯାପନ କରିବେ। ତୀର୍ଥଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନଟି ଆସନ୍ତା କାଲି ସକାଳ ୧୧ଟାରେ ବାଲେଶ୍ୱର ରେଳଷ୍ଟେସନରୁ ଛାଡ଼ିବ। ଏହି ଯାତ୍ରାକୁ ବସ୍ତା, ଜଳେଶ୍ୱର ବିଧାୟକଙ୍କ ସମେତ ବାଲେଶ୍ୱର ଜିଲ୍ଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିବେ। ତୀର୍ଥଯାତ୍ରୀମାନେ ୧୨ ନଭେମ୍ବର, ୨୦୨୫ରେ ବାଲେଶ୍ୱର ଫେରିବେ। ସେମାନେ ବାଲେଶ୍ୱର ରେଳ ଷ୍ଟେସନରେ ପହଞ୍ଚିବା ପରେ, ସେମାନଙ୍କୁ ବାଲେଶ୍ୱରରୁ ଫେରାଇ ଅଣାଯିବ ଏବଂ ଯାଜପୁରରେ ଥିବା ସେମାନଙ୍କର ଜନ୍ମସ୍ଥାନକୁ ପଠାଯିବ।

# ପାନ ଦୋକାନରେ ଅବକାରୀ ଚଢ଼ଉ, ଜୋରିମାନା ଆଦାୟ



ଧର୍ମଶାଳା, ୬ ।୧୧(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟରେ ରହିଥିବା ପାନ ଦୋକାନରେ ଆଜି ଡ୍ରଗ୍ସ ବିଭାଗ ପକ୍ଷରୁ ଚଡାଉ କରାଯିବା ସହ ଜୋରିମାନା ଆଦାୟ କରାଯାଇଛି। ସୂଚନା ମୁତାବକ ଆଜି ପୂର୍ବାହ୍ନରେ ଡ୍ରଗ୍ସ ଇନିସପେକ୍ଟର ମନୋଜ କୁମାର ସାହୁ, ଆଶୁତୋଷ ବେହେରା, ଜିଲ୍ଲା ତମାଖୁ ନିୟନ୍ତ୍ରଣ ପରାମର୍ଶ ଦାତା ସସ୍ମିତା ରାଉତ, ଧର୍ମଶାଳା ପୁଲିସ ଓ ଧର୍ମଶାଳା ଅବକାରୀ ବିଭାଗ ମିଳିତ ଭାବେ ଏହି ଚଢ଼ଉରେ ସାମିଲ ହୋଇଥିଲେ। ଏହି ଟିମ ଆଜି ଧର୍ମଶାଳା ବଜାର, ଜାରକା ବଜାର ଓ କାଏମା ବଜାରରେ ତମାଖୁ ଜାତୀୟ ସାମଗ୍ରୀ ବିକ୍ରୟ କରୁଥିବା ଦୋକାନରେ ଚଡାଉ କରି ୪୬ ଶହ ଟଙ୍କାର ଜୋରିମାନା ଆଦାୟ କରିଛନ୍ତି। ତମାଖୁ ଫ୍ରି ଯୁବବର୍ଗ କ୍ୟାମ୍ପେନ ଓ ଶିକ୍ଷାନୁଷ୍ଠାନ ନିକଟରେ ତମାଖୁ ସେବନ କାର୍ଯ୍ୟକ୍ରମ ଉପରେ ରୋକ ଲଗାଇବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା ଜଣାପଡିଛି। ପାନ ମସଲା ଓ ଗୁଠକା ବିକ୍ରୟ କରୁଥିବା ଦୋକାନ ଗୁଡିକ ଉପରେ ଏଭଳି ଚଡାଉ ଜାରିରହିବ ବୋଲି ଡ୍ରଗ୍ସ ଇନିସ୍ପେକ୍ଟର ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ବୈତରଣୀରେ ଅଘଟଣ

# ଶୌଚ ବେଳେ ସ୍କୁଲ ଛାତ୍ରୀ ନିଖୋଜ

ଦଶରଥପୁର,୬।୧୧(ସମିସ): ଦଶରଥପୁର ବ୍ଲକ ତଳିହା ପଞ୍ଚାୟତ ଦେଇ ପ୍ରବାହିତ ବୈତରଣୀ ନଦୀ ଗାରଦେଶ୍ୱର ଘାଟରେ ଅଭାବନୀୟ ଘଟଣା। ମାମୁ ଘରକୁ ବୁଲିବାକୁ ଆସିଥିବା ଜଣେ ସ୍କୁଲ ଛାତ୍ରୀ ନିଜ ନାବାଳକ ଭାଇ ଓ ମାଉସୀଙ୍କ ସହ ଶୌଚ ସମୟରେ ନଦୀରେ ଭାସି ନିଖୋଜ ଥିବା ବେଳେ ଭାଇ ଓ ମାଉସୀକୁ ଆଉ ଜଣେ ନାବାଳକ ସ୍କୁଲ ଛାତ୍ର ଉଦ୍ଧାର କରିଥିବା ଜଣାଯାଇଛି। ନିଖୋଜ ସ୍କୁଲ ଛାତ୍ରୀ ଦଶରଥପୁର ବ୍ଲକ ବିରଜାପୁର ପଞ୍ଚାୟତ ବିରଜାପୁର ଗ୍ରାମ ମିଶ୍ର ସାହିର ରଶ୍ମିରଞ୍ଜନ ମିଶ୍ରଙ୍କ ଝିଅ ପ୍ରୀତିପ୍ରଜ୍ଞା ମିଶ୍ର (୧୨)। ପ୍ରୀତିପ୍ରଜ୍ଞା ସ୍ଥାନୀୟ ବିରଜାପୁର ନୋଡାଲ ଉ.ପ୍ରା ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ରୀ। ସେହିପରି ନିଖୋଜ ସ୍କୁଲ ଛାତ୍ରୀ ପ୍ରୀତିପ୍ରଜ୍ଞାଙ୍କ ଭାଇ ରୁଦ୍ରନାରାୟଣ ମିଶ୍ର(୧୦) ଏବଂ ମାଉସୀ ଅର୍ପିତା ମିଶ୍ର (୧୨)ଙ୍କୁ ନଦୀ ଘାଟରେ ମାଛ ଧରୁଥିବା ଜଣେ ନାବାଳକ ସ୍କୁଲ ଛାତ୍ର ଉଦ୍ଧାର କରିଥିବା ଜଣାପଡ଼ିଛି। ସୂଚନା ମୁତାବକ ବିରଜାପୁର ନୋଡାଲ ଉ. ପ୍ରା ବିଦ୍ୟାଳୟରେ ୭ମ ଶ୍ରେଣୀରେ ପାଠ ପଢୁଥିବା ସ୍ଥାନୀୟ ମିଶ୍ର ସାହିର ରଶ୍ମୀରଞ୍ଜନ ମିଶ୍ରଙ୍କ ଝିଅ ପ୍ରୀତିପ୍ରଜ୍ଞା (୧୨) ପଡ଼ୋଶୀ ତଳିହା ପଞ୍ଚାୟତ ଗାରଡ଼େଶ୍ୱର ଗ୍ରାମସ୍ଥିତ ଅଜା ନଗେନ ମିଶ୍ରଙ୍କ ଘରକୁ ଗତ ୨ଦିନ ପୂର୍ବେ ବୁଲି ଆସିଥିଲେ। ଆଜି ସକାଳ ପ୍ରାୟ ୧୦ ଘଟିକାରେ ପ୍ରୀତିପ୍ରଜ୍ଞା ଭାଇ ରୁଦ୍ରନାରାୟଣ ଏବଂ ମାଉସୀ ଅର୍ପିତାଙ୍କୁ ସାଙ୍ଗରେ ନେଇ ଗାରଡ଼େଶ୍ୱର ବୈତରଣୀ ନଦୀ ଘାଟକୁ ଯାଇଥିଲେ। ୩ ଜଣ ମିଶି ନଦୀରେ ଶୌଚ ବେଳେ ପ୍ରଥମେ ରୁଦ୍ରନାରାୟଣ ପାଣିରେ ଭାସି ଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ପ୍ରୀତିପ୍ରଜ୍ଞା ଏବଂ ମାଉସି ଅର୍ପିତା ମଧ ନଦୀ ପାଣିରେ ବୁଡ଼ି ଯାଇଥିଲେ। ଗାଧୁଆ ଘାଟ ନିକଟରେ ମାଛ ଧରୁଥିବା ସ୍ଥାନୀୟ ଅଞ୍ଚଳର ୮ମ ଶ୍ରେଣୀରେ ପଢୁଥିବା ସତ୍ୟ ପ୍ରକାଶ ସେଠୀ ରୁଦ୍ରନାରାୟଣ ଏବଂ ଅର୍ପିତାଙ୍କୁ ଉଦ୍ଧାର କରିଥିଲେ। ପ୍ରୀତିପ୍ରଜ୍ଞାଙ୍କୁ ଉଦ୍ଧାର କରି ନପାରି ଲୋକଙ୍କୁ ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ବହୁ ଖୋଜା ଖୋଜି କରିବା ପରେ ବି ପ୍ରୀତିପ୍ରଜ୍ଞାଙ୍କ ପତ୍ତା ନମିଳିବାରୁ ଯାଜପୁର ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ତୁରନ୍ତ ଯାଜପୁର ଅଗ୍ନିଶମ ଅଧିକାରୀ ସୁଶାନ୍ତ ସେଠୀ ଏବଂ ଦଶରଥପୁର ଅଗ୍ନିଶମ ଅଧିକାରୀ ପର୍ଶୁରାମ ଜେନଙ୍କ ନେତୃତ୍ୱରେ ୧୫ ଜଣିଆ ଅଗ୍ନିଶମ କର୍ମଚାରୀ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରୀତିପ୍ରଜ୍ଞାଙ୍କୁ ଠାବ କରିବାକୁ ଉଦ୍ୟମ କରିଥିଲେ ମଧ କୌଣସି ସୁଫଳ ମିଳିନଥିଲା। ଅପରାହ୍ନରେ ସୁକିନ୍ଦାରୁ ଓଡ୍ରାଫ ଟିମ ପହଞ୍ଚି ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ସୁଦ୍ଧା ପ୍ରୀତିପ୍ରଜ୍ଞାଙ୍କୁ ଠାବ କରାଯାଇପାରିନଥିଲା। ଅନ୍ଧାର ହୋଇଯିବା ପରେ ଓଡ୍ରାଫ ଟିମ ଉଦ୍ଧାର କାର୍ଯ୍ୟ ବନ୍ଦ ରଖିଥିଲେ। ଅପରପକ୍ଷେ ନଦୀ ଘାଟରେ ଅଘଟଣ ଖବର ଜାଣି ଯାଜପୁର ବିଧାୟିକା ସୁଜାତା ସାହୁ, ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ବିରଜାପୁର ସରପଞ୍ଚ ନିରାକାର ସାହୁ, ଦଶରଥପୁର ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ନିରୀକ୍ଷଣ କରିଥିଲେ।

## ଭାଇ ଓ ମାଉସୀଙ୍କୁ ଉଦ୍ଧାର କଲେ ନାବାଳକ ସ୍କୁଲ ଛାତ୍ର



# ୨୦୦ଛାତ୍ରୀଙ୍କ ରକ୍ତ ନମୁନା ପରୀକ୍ଷା

ଯାଜପୁର,୬ ।୧୧(ସମିସ) : ଯାଜପୁର ଏନ୍‌ସି କଲେଜ ଛାତ୍ରୀ ନିବାସରେ ଗୁରୁବାର ୨୦୦ଛାତ୍ରୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ଯାଜପୁର ଇନରହୁଇଲ କ୍ଲବ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିବାବେଳେ ସ୍ୱସ୍ତି ଡାଇଗ୍ନୋଷ୍ଟିକର ନିର୍ଦ୍ଦେଶକ ଡା. ଅରୁଣ ନାଥଶର୍ମା ଏବଂ ତାଙ୍କର ସମସ୍ତ କର୍ମଚାରୀ ଛାତ୍ରୀମାନଙ୍କର ମାଗଣାରେ ହିମୋଗ୍ଲୋବିନ ଓ ବ୍ଲଡ୍ ଗ୍ରୁପିଙ୍ଗ ନମୁନା ପରୀକ୍ଷା କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଇନରହୁଇଲ କ୍ଲବର ସଭାପତି ସତ୍ୟଭାମା ପତି, ବରିଷ୍ଠ ସଦସ୍ୟା ତୁଷାରକାନ୍ତି ନାୟକ, ତିଳୋତ୍ତମା ଦାସ, ବିଜୟଲକ୍ଷ୍ମୀ ସ୍ୱାଇଁ, ମାନସୀ ରାଣୀ ଓଝା, ଚିକ୍‌ମିକ୍ ହୀରା ସାହୁ, ଚିତ୍ରଲେଖା ନାୟକ, ପଙ୍କଜିନୀ ପଣ୍ଡା, ପ୍ରୀତିମୟୀ ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ବରୀ ବିଜେପିରେ ପତିଆରା ଲଢ଼େଇ

## ସୁନନ୍ଦା-ଉମେଶଙ୍କ ମଧ୍ୟରେ ଶୀତଳ ଯୁଦ୍ଧ


ଯାଜପୁର,୬ ।୧୧(ସମିସ)



- ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଆସିପାରେ ଅନାସ୍ଥା
- ଦଳୀୟ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

ଗତ ସାଧାରଣ ନିର୍ବାଚନରେ ବରୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପି ମାଟି କାମୁଡିଥିଲା। ୫୦ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ସାରା ରାଜ୍ୟରେ ସର୍ବାଧିକ ଭୋଟରେ ବିଜୁ ଜନତା ଦଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ବିଶ୍ୱରଞ୍ଜନ ମଲ୍ଲିକ। ଏଥିସହିତ ବରୀ ବ୍ଲକ୍‌କୁ ମଧ ନିଜ ଦଖଲରେ ରଖିଛି ବିଜୁ ଜନତା ଦଳ। ଏଭଳି ପରିସ୍ଥିତିରେ ସାରା ରାଜ୍ୟରେ ବିଜେପି ସରକାର ଆସିଥିଲେ ମଧ ବରୀ ବିଜେପି ନେତା ନିଜର ସମ୍ମାନ ବଞ୍ଚାଇବା ପାଇଁ ବାରମ୍ବାର ଉଦ୍ୟମ କରି ବିଫଳ ହେଉଛନ୍ତି। ଏବେ ନୂଆପଡ଼ା ଉପନିର୍ବାଚନ ପ୍ରଚାରରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ବ୍ୟସ୍ତ ଥିବାବେଳେ ସରକାରୀ କଳ ଓ ବଳ ପ୍ରୟୋଗ କରି ବରୀ ବ୍ଲକ୍ ଅଧକ୍ଷ ଅଶୋକ କୁମାର ଗେଡ଼ି ଏବଂ ତାଙ୍କର ହାତ ଗଣତି ସରପଞ୍ଚ ଓ ସମିତିସଭ୍ୟଙ୍କୁ ନେଇ ଆଜି ଏକ ମିଶ୍ରଣ ସଭା କରାଯାଇଥିଲା। ଉମେଶ ଜେନାଙ୍କ ନେତୃତ୍ୱରେ ଏହି ସରପଞ୍ଚ ଓ ସମିତିସଭ୍ୟମାନେ ବିଜେପିରେ ସାମିଲ ହୋଇଥିବା ବାର୍ତ୍ତା ଦିଆଯାଇଥିବା ବେଳେ ପରୋକ୍ଷରେ ବ୍ଲକ୍ ଅଧକ୍ଷ ଅଶୋକ ନିଜ ଗୋଡ଼ରେ କୁରାଢ଼ି ମାରିଥିବା ଚର୍ଚ୍ଚା ହେଉଛି। ଏବେ ବିଜେପି ହାତରେ ମାତ୍ର ହାତ ଗଣତି ସରପଞ୍ଚ ଓ ସମିତିସଭ୍ୟ ଥିବାବେଳେ ଅର୍ଦ୍ଧାଧିକ ସରପଞ୍ଚ ଓ ସମିତିସଭ୍ୟ ବିଜେଡି ପାଖରେ ରହିଛନ୍ତି। ତେଣୁ ଆଗାମୀ ଦିନରେ ବ୍ଲକ୍ ଅଧକ୍ଷ ଅଶୋକଙ୍କ ବିରୋଧରେ ବିଜୁ ଜନତା ଦଳ ପକ୍ଷରୁ ଅନାସ୍ଥା ଆସିବାର ସମ୍ଭାବନା ରହିଛି। ସେହିପରି ବିଜେପିର ଏହି ଗୋଟିଏ ଗୋଷ୍ଠୀ ଏଭଳି ମିଶ୍ରଣ କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳେ ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ଦେବେନ୍ଦ୍ର ଦାସ ଏବଂ ସଞ୍ଜୀବ ଜେନାଙ୍କ ସମେତ ବହୁ ବିଜେପି ନେତା ଏହି ଦଳୀୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିନଥିଲା। ଏପରିକି ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ମିଶ୍ରଣ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଦେବକାନ୍ତି ପ୍ରଧାନ କିମ୍ବା ଅନ୍ୟ କୌଣସି ବିଧାୟକ, ସାଂସଦ ମଧ ଉପସ୍ଥିତ ନଥିଲେ। ବରୀରେ ସିଧାସଳଖ ସୁନନ୍ଦା ଏବଂ ଉମେଶଙ୍କ ମଧ୍ୟରେ ପତିଆରା ଲଢ଼େଇ ଲାଗିଥିବା ଚର୍ଚ୍ଚା ହେଉଛି। ବିଜେପିର ଏଭଳି ଗୋଷ୍ଠୀ କନ୍ଦଳ ଯୋଗୁଁ ଆଗାମୀ ଦିନରେ ଦଳକୁ ଅଧିକ ମହଙ୍ଗା ପଡ଼ିବା ନେଇ ଚର୍ଚ୍ଚା ହେଉଛି। ଏଠାରେ ସୂଚନା ଯୋଗ୍ୟ ବରୀ ବ୍ଲକ୍ ଅଧକ୍ଷ ଅଶୋକ ପୂର୍ବରୁ ମଧ ବିଜେପିରେ ସାମିଲ ହୋଇ ବିଜେଡିକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଆଜି ପୁଣି ବିଜେପିରେ ସାମିଲ ହୋଇ ଆଗାମୀ ଦିନରେ ବିଜେଡିକୁ ଯେ ନ ଫେରିବେ ତାହା କିଏ କହିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ସମ୍ପାଦକୀୟ



ଭାରତୀୟଙ୍କ ପାଖରେ ବିଶ୍ୱବାସୀ ଅନେକ ଦୃଷ୍ଟିରୁ ଋଣୀ
-ଆଲବର୍ଟ ଆଇନଷ୍ଟାଇନ୍

ସକାଳ THE SAKALA

## ମମ୍‌ଦାନୀ ମଡେଲ୍

ଭାରତୀୟ ବଂଶୋଦ୍ଭବ ଜୋହରାନ୍ ମମ୍‌ଦାନୀ ଅନେକ ସଂଘର୍ଷ, ଉତ୍‌ଥାନ-ପତନ ପରେ ଶେଷରେ ଆମେରିକାର ସମ୍ଭ୍ରାନ୍ତ ସହର ନ୍ୟୁୟର୍କର ସମ୍ମାନଜନକ ଓ ଗୁରୁତ୍ୱପୂର୍ଣ୍ଣ ମେୟର ଭାବେ ନିର୍ବାଚିତ ହୋଇଛନ୍ତି। ଏଥିସହିତ ଆମେରିକାର ରାଜନୈତିକ ଇତିହାସରେ ଅନେକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଯାଇଛି। ଏହି ପଦ ପାଇଁ ନିର୍ବାଚିତ ହେବାରେ ସେ ସର୍ବକନିଷ୍ଠ ଏବଂ ପ୍ରଥମ ଭାରତୀୟ ବଂଶୋଦ୍ଭବ ମୁସଲିମ୍। ଇସ୍ରାଏଲ୍ ବିରୋଧୀ ଓ ପାଲେଷ୍ଟାଇନ୍ ସପକ୍ଷବାଦୀ ଭାବେ ଜଣାଶୁଣା ମମ୍‌ଦାନୀଙ୍କୁ ହରାଇବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରାଣପଣେ ଚେଷ୍ଟା କରି ବିଫଳ ହୋଇଛନ୍ତି ଏବଂ ତାଙ୍କ ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏଥିସହିତ ଆମେରିକାର ସଦ୍ୟ ଜନ୍ମିତ ସାମ୍ପ୍ରଦାୟିକ-ରାଜନୀତିରେ ଏକ ନୂଆ ସମୀକରଣ ସୃଷ୍ଟି ହୋଇଛି। ଡେମୋକ୍ରାଟିକ୍ ପ୍ରାର୍ଥୀ ମମ୍‌ଦାନୀଙ୍କ କାର୍ଯ୍ୟଶୈଳୀ ସାମ୍ପ୍ରତିକ ଆମେରିକାରେ ମୁଣ୍ଡ ଟେକିଥିବା ନୂଆ ଚିନ୍ତାଧାରା ସହିତ କିଭଳି ଖାପ୍ ଖୁଆଇ ପାରିବ ଏବଂ ଟ୍ରମ୍ପଙ୍କ ସହିତ ସେ କିଭଳି ସମନ୍ୱୟ ଓ ସହଯୋଗ ରକ୍ଷା କରି କାମ କରିପାରିବେ ତାହା ଦେଖିବାକୁ ବିଶ୍ୱ ରାଜନୀତି ବିଶାରଦମାନେ ଉତ୍ସୁକତାର ସହିତ ଚାହିଁ ରହିଛନ୍ତି। ବିଶେଷକରି ମମ୍‌ଦାନୀଙ୍କ ବିଜୟ ଭାରତୀୟଙ୍କ ପାଇଁ ସେଠାରେ ସୃଷ୍ଟି ହୋଇଥିବା ଆଶଙ୍କା ଭିତରେ ଆଶାର କିରଣଟିଏ ସୃଷ୍ଟି କରିଛି।

ସାମ୍ପ୍ରତିକ ବିଶ୍ୱରେ ପ୍ରବାସୀ ଭାରତୀୟମାନଙ୍କ ପ୍ରତି ଆମେରିକା ସମେତ କାନାଡ଼ା, ଅଷ୍ଟ୍ରେଲିଆ, ଇଂଲଣ୍ଡ ଆଦି ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀ ଦେଶମାନଙ୍କରେ ଅସୂୟା ବଢ଼ିବାରେ ଲାଗିଛି। ବିଶେଷକରି ହିନ୍ଦୁ ବୈଦିକ ସମାଜରେ ପ୍ରଚଳିତ ରକ୍ଷଣଶୀଳତାର ଦ୍ୱାହି ଦେଇ ଏବେ ଖ୍ରୀଷ୍ଟିଆନ୍‌ବହୁଳ ରାଷ୍ଟ୍ରବାସୀ ପ୍ରବାସୀ ହିନ୍ଦୁମାନଙ୍କୁ ଶାରୀରିକ ଓ ମାନସିକତା ନିର୍ଯାତନା ଦେବାର ନୂଆ ଧାରା ଆରମ୍ଭ ହୋଇଛି। ଯୁଦ୍ଧଗ୍ରସ୍ତ ଅସ୍ଥିର ଓ ଅଶାନ୍ତ ବିଶ୍ୱରେ ରକ୍ଷଣଶୀଳତାର ଅସୂୟା ନୁହେଁ, ବରଂ ଧର୍ମନିରପେକ୍ଷତାର ଉଦାରତା ହିଁ ବିକାଶ ପାଇଁ ଅପରିହାର୍ଯ୍ୟ, ଏଥିପ୍ରତି ଦୃଷ୍ଟି ଦେବାକୁ ସତେଯେପରି କେହି ଚାହାନ୍ତି ନାହିଁ। ଏକଦା ଇସ୍‌ଲାମ୍ ରାଷ୍ଟ୍ରମାନଙ୍କରେ ପ୍ରଚଳିତ କଟ୍ଟର ରୂଢ଼ିବାଦ ଧାରା ଏବେ ପାଶ୍ଚାତ୍ୟ ଦେଶମାନଙ୍କରେ କାୟାବିସ୍ତାର କରିବାରେ ଲାଗିଛି ଏବଂ ଏଥିରେ ପ୍ରବାସୀ ଭାରତୀୟମାନେ ହିଁ ସବୁଠାରୁ ଅଧିକ ବିପନ୍ନ ଓ ପ୍ରଭାବିତ ହେଉଛନ୍ତି। ବିଶ୍ୱର ସର୍ବପୁରାତନ ଗଣତାନ୍ତ୍ରିକ ସଭ୍ୟ, ବିକଶିତ ଓ ଶକ୍ତିଶାଳୀ ଦେଶ ଆମେରିକା ମଧ୍ୟ ଏଭଳି ରୂଢ଼ିବାଦୀ ପରିବେଶ ଗଠନ ପ୍ରୟାସରୁ ନିଜକୁ ଦୂରେଇ ରଖିପାରିନାହିଁ।

ଆମେରିକାର ରାଜନୈତିକ-ସାମାଜିକ ପରିବେଶ କ୍ରମଶଃ ଅନୁଦାର ଓ ରକ୍ଷଣଶୀଳ ହେଉଛି। କେବଳ ଧର୍ମାନ୍ଧତା ନୁହେଁ, ଆବ୍ରାହମ୍ ଲିଙ୍କନ୍‌ଙ୍କ ପୂର୍ବସମୟର କଳା-ଗୋରା ଭେଦଭାବ ବା ବର୍ଣ୍ଣବୈଷମ୍ୟର ଉଗ୍ର ମାନସିକତା ପୁଣି ଥରେ ଆମେରିକୀୟଙ୍କ ମନରେ ଜମାଟ ବାନ୍ଧୁଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରାଷ୍ଟ୍ରବାଦୀ ଆଭିମୁଖ୍ୟ ଏହାକୁ ଇନ୍ଧନ ଯୋଗାଉଛି। ତେଣୁ ପ୍ରବାସୀମାନେ ଖ୍ରୀଷ୍ଟିଆନ୍ ଧର୍ମଗ୍ରହଣ କଲେ ମଧ୍ୟ ସେମାନେ ଯେ କଳା-ଗୋରା ଭେଦଭାବରୁ ସୁରକ୍ଷିତ ରହିବେ ସେହି ବିଶ୍ୱାସ ଆସୁନାହିଁ।

ପୂର୍ବରୁ ପ୍ରବାସୀ ଭାରତୀୟମାନେ ଆମେରିକାବାସୀଙ୍କ ଦୃଷ୍ଟିରେ କମ୍ ଖର୍ଚ୍ଚରେ ଅଧିକ କାମ କରିପାରୁଥିବା ସଂଖ୍ୟାଲଘୁ ବର୍ଗର ଅଣରାଜନୈତିକ ମାନବ ସମ୍ବଳ ଭାବେ ବିବେଚିତ ହୋଇଆସୁଥିଲେ। କିନ୍ତୁ ଏବେ ଭାରତୀୟମାନଙ୍କୁ ଆମେରିକାର ସାଂସ୍କୃତିକ-ରାଜନୈତିକ-ସାମାଜିକ ପରମ୍ପରା ପ୍ରତି ବିପଦ ଭାବେ ସେଠାକାର ଅଧିବାସୀ ମନେ କରୁଛନ୍ତି। ଗତ ଦୀପାବଳୀ ଅବସରରେ ପ୍ରବାସୀ ଭାରତୀୟମାନଙ୍କ ବାଣଫୁଟା ପରମ୍ପରାକୁ ଆମେରିକୀୟମାନେ 'ସାଂସ୍କୃତିକ ଉପଦ୍ରବ' ଭାବେ ଅଭିହିତ କରିଛନ୍ତି। ଭାରତୀୟଙ୍କ ପ୍ରତି ଆମେରିକାର ଅସହିଷ୍ଣୁତା ଏତେ ବଢ଼ିଯାଇଛି ଯେ ପ୍ରବାସୀ ଓ ଭାରତୀୟ ବଂଶୋଦ୍ଭବମାନଙ୍କର ଧର୍ମାନ୍ତରୀକରଣ ସପକ୍ଷରେ ନିର୍ବିକାରରେ ମୁକ୍ତ ଭାବେ ମତ ପ୍ରକାଶ ପାଉଛି। ଖୋଦ୍ ଉପରାଷ୍ଟ୍ରପତି ଜେଡି ଭାନ୍ସ ତାଙ୍କ ଭାରତୀୟ ବଂଶୋଦ୍ଭବ ପତ୍ନୀଙ୍କୁ ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିବାକୁ ଚାପ ପ୍ରୟୋଗ କରୁଥିବା ଅଭିଯୋଗ ହେଉଛି। ଆମେରିକାର ସାମାଜିକ-ସାଂସ୍କୃତିକ-ରାଜନୈତିକ ପରିବେଶର ଏଭଳି ଏକ ଘଡ଼ିସନ୍ଧି ବେଳାରେ ମୁସ୍‌ଲିମ୍ ଧର୍ମାବଲମ୍ବୀ ମମ୍‌ଦାନୀ କିଭଳି ଭାବେ ସେ ସବୁ ଆହ୍ୱାନର ମୁକାବିଲା କରିପାରିବେ ତାହା ଉପରେ ଆମେରିକାର ରାଜନୀତି ଓ ଭାବମୂର୍ତ୍ତି ଅନେକାଂଶରେ ନିର୍ଭର କରୁଛି।

ଭାରତୀୟ ନିର୍ବାଚନୀ ରଣନୀତି ଅନୁକରଣରେ ଗରିବ ଲୋକଙ୍କୁ ରିହାତି ଦରରେ ରାସନ୍, ସ୍କୁଲ୍ ପିଲାମାନଙ୍କ ପାଇଁ ମାଗଣା ବସ୍ ସେବା, ମାଗଣା ଶିଶୁ ଯତ୍ନ ଭଳି ରେବିଡ଼ି ଯୋଜନାମାନ ଘୋଷଣା କରି ନିର୍ବାଚନରେ ଜିତାପଟ ହାସଲ କରିଥିବା ମମ୍‌ଦାନୀଙ୍କ ବିଜୟୀ ସମ୍ଭାଷଣରେ ପଣ୍ଡିତ ଜବାହାରଲାଲ୍ ନେହେରୁଙ୍କ ଉଦ୍ଧୃତି ସ୍ଥାନ ପାଇଥିବା ବେଳେ ଭାରତୀୟ ଲୋକପ୍ରିୟ ହିନ୍ଦୀ ସଂଗୀତ 'ଧୂମ୍ ମଚାଲେ...'ର ସଂଗୀତ ପ୍ରଚ୍ଛଦପଟ୍ଟରେ ଶୁଭିଥିଲା। ତେଣୁ ଭାରତୀୟମାନେ ମମ୍‌ଦାନୀଙ୍କଠାରୁ ଅନେକ କିଛି ଆଶା କରୁଛନ୍ତି। ଏହାଛଡ଼ା ମମ୍‌ଦାନୀ ଆପଣେଇଥିବା ନେହେରୁଙ୍କ ପ୍ରଣୀତ ସାମାଜବାଦ-ଗଣତାନ୍ତ୍ରିକ ମଡେଲ୍ ବିଶ୍ୱର ସର୍ବପୁରାତନ ଗଣତାନ୍ତ୍ରିକ ରାଷ୍ଟ୍ର ଆମେରିକାରେ କେତେଦୂର ସଫଳ ଓ ପ୍ରଭାବଶାଳୀ ହୋଇପାରୁଛି ତାହାର ପରୀକ୍ଷା ନିରୀକ୍ଷା ପାଇଁ ନ୍ୟୁୟର୍କ ଏକ ପ୍ରୟୋଗଶାଳା ହୋଇଛି।

ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ନ୍ୟୁୟର୍କ ଭଳି ମହଙ୍ଗା ସହରରେ ମମ୍‌ଦାନୀ କିଭଳି ତାଙ୍କ ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷା କରିପାରିବେ ତାହା ତାଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିବ। ପ୍ରବାସୀ ଭାରତୀୟ ଓ ଭାରତୀୟଙ୍କ ପ୍ରଥମ ପସନ୍ଦର ସହର ହେଉଛି ନ୍ୟୁୟର୍କ। କିନ୍ତୁ ଟ୍ରମ୍ପଙ୍କ କଠୋର ପ୍ରବାସନ ନୀତିରେ ହାତକଡ଼ି ଓ ଗୋଡ଼ବେଡ଼ି ପିନ୍ଧାଇ ପଠାଇ ଦିଆଯାଉଥିବା ପ୍ରବାସୀ ଭାରତୀୟଙ୍କ ଯନ୍ତ୍ରଣା ପ୍ରବାସୀ ମମ୍‌ଦାନୀ କେତେ ଅନୁଭବ କରିପାରିବେ ଏବଂ ପ୍ରବାସୀ ଓ ଭାରତୀୟ ବଂଶୋଦ୍ଭବ ଭାବରେ ମୁସ୍‌ଲିମ୍ ସମ୍ପ୍ରଦାୟର ମମ୍‌ଦାନୀ ଆମେରିକାର ସାମ୍ପ୍ରଦାୟିକ ନବଉନ୍ମେଷରେ ହିନ୍ଦୁମାନଙ୍କ ବିରୋଧରେ ବୃଦ୍ଧି ପାଉଥିବା ଆକ୍ରୋଶକୁ ଅନ୍ତତଃ ତାଙ୍କ ସହରରେ କିଭଳି ମୁକାବିଲା କରିପାରୁଛନ୍ତି ତାହା ଉପରେ ଭାରତ, ଆମେରିକା ସମେତ ସମଗ୍ର ବିଶ୍ୱ ଚାହିଁ ବସିଛି। ନ୍ୟୁୟର୍କ ପରି ଆମେରିକାର ଉନ୍ନତ ଓ ସମ୍ଭ୍ରାନ୍ତ ସହରରେ ଯଦି 'ମମ୍‌ଦାନୀ ମଡେଲ୍' ଉଦାର ସାମାଜିକ-ରାଜନୈତିକ ସମୀକରଣର ନୂଆ ସୂତ୍ର ସୃଷ୍ଟି କରିପାରିଲା ତାହା ସମଗ୍ର ବିଶ୍ୱ ପାଇଁ ମାର୍ଗଦର୍ଶିକା ହେବ। ●

## ଅସ୍ଥିର ଓ ଅଶାନ୍ତିର ଦୂତ

ସରୋଜ କାନ୍ତ ଚୌଧୁରୀ

ଚଳିତ ବର୍ଷର ମର୍ଯ୍ୟାଦାଜନକ ଶାନ୍ତି ନୋବେଲ୍ ପୁରସ୍କାର ପାଇବା ପାଇଁ ଭେନେଜୁଏଲାର ଗଣତନ୍ତ୍ରବାଦୀ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କୁ ମନୋନୀତ କରାଯାଇଛି। ଲାଟିନ୍ ଆମେରିକୀୟ ଦେଶ ଭେନେଜୁଏଲାର ଗଣତନ୍ତ୍ରବାଦୀ ବିରୋଧୀ ଦଳର ନେତ୍ରୀ ମାରିଆ ସେଠିକାର କ୍ଷମତାରେ ଥିବା ଏକଛତ୍ରବାଦୀ ଶାସକଙ୍କ ବିରୁଦ୍ଧରେ ଦୀର୍ଘବର୍ଷ ଧରି ସଂଗ୍ରାମ ଜାରି ରଖିଛନ୍ତି। ନୋବେଲ ଶାନ୍ତି ପୁରସ୍କାର ୧୮୦୧ମସିହାରୁ ପ୍ରଦାନ କରା ହୋଇ ଆସୁଛି। କିନ୍ତୁ ୨୦୨୫ ବର୍ଷର ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ପ୍ରାର୍ଥିତ୍ୱ ସପକ୍ଷରେ ଯେପରି ଭାବେ ଚାପ ସୃଷ୍ଟି ଓ ପ୍ରଚାର କରିଥିଲେ ତାହା ଅଭୂତପୂର୍ବ। ଟ୍ରମ୍ପ ୨୦୨୫ ଜାନୁୟାରୀ ୨୦ରୁ ରାଷ୍ଟ୍ରପତି ପଦରେ ଦ୍ୱିତୀୟ ବାର ଅଧିଷ୍ଠିତ ହେବା ପରେ ଶାନ୍ତି ପାଇଁ ନୋବେଲ୍ ପୁରସ୍କାର ପାଇବାରେ ତାଙ୍କର ବ୍ୟକ୍ତିଗତ ଅଭିଳାଷ ଏବଂ ଆମେରିକାକୁ ପୁନଃ ଶ୍ରେଷ୍ଠ ପ୍ରତିପାଦିତ କରାଇବା(ମେକ୍ ଆମେରିକା ଗ୍ରେଟ୍ ଏଗେନ୍) ଦିଗରେ ତାଙ୍କର ନିର୍ବାଚନୀୟ ପ୍ରତିଶ୍ରୁତିକୁ ସାର୍ଥକ କରିବା ପାଇଁ ସମଗ୍ର ବିଶ୍ୱ ରାଜନୀତିକୁ ସେ ବର୍ତ୍ତମାନ ସମୟରେ ଗୋଳମାଳିଆ କରିଦେଇଛନ୍ତି।

ବାରାକ୍ ଓବାମା ଆମେରିକାର ୪୪ତମ ରାଷ୍ଟ୍ରପତି ହିସାବରେ କାର୍ଯ୍ୟାରମ୍ଭ କରିବାର ମାତ୍ର ନଅ ମାସ ଭିତରେ ୨୦୦୯ ମସିହାରେ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ। ଅନ୍ତର୍ଜାତୀୟ କୂଟନୀତିକ ସମ୍ପର୍କ ଓ ସଂହତି ବୃଦ୍ଧିରେ ଅନନ୍ୟ ଭୂମିକା ନିର୍ବାହ କରିଥିବାରୁ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ମିଳିଥିଲା। ଓବାମାଙ୍କ ପରେ କ୍ଷମତାସୀନ ହୋଇଥିବା ରିପବ୍ଲିକାନ ନେତା ଡୋନାଲ୍ଡ ଟ୍ରମ୍ପ ଓବାମାଙ୍କ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ତାଚ୍ଛଲ୍ୟ କରି କହିଥିଲେ ଯେ ତାଙ୍କର ନାମ ଓବାମା ହୋଇଥିଲେ ସେ ମାତ୍ର ଦଶ ସେକେଣ୍ଡରେ ନୋବେଲ ଶାନ୍ତି ପୁରସ୍କାର ପାଇଥା'ନ୍ତେ। ଅର୍ଥାତ୍ ସେହିଦିନଠାରୁ ଟ୍ରମ୍ପଙ୍କର ବ୍ୟକ୍ତିଗତ ଅଭିଳାଷ ଜାଗ୍ରତ ହୋଇଥିଲା ଯେ ତାଙ୍କର ରାଷ୍ଟ୍ରପତି କାର୍ଯ୍ୟକାଳ ମଧ୍ୟରେ ସେ ନିଶ୍ଚିତ ହକଦାର ହେବେ ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ। ତେଣୁ ତାଙ୍କର ଦ୍ୱିତୀୟ ଦଫା କାର୍ଯ୍ୟକାଳର ଆଠ ମାସ ମଧ୍ୟରେ ବିଭିନ୍ନ ସମୟରେ ଗଣମାଧ୍ୟମ ଆଗରେ କେତେବେଳେ ଛଅଟି, କେତେବେଳେ ସାତଟି ଆଉ କେତେବେଳ ଆଠଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିପାରିଛନ୍ତି ବୋଲି ତାଲିକା ଜାରି କରି ନୋବେଲ ଶାନ୍ତି ପୁରସ୍କାର ପାଇଁ ନିଜକୁ ସବୁଠାରୁ ଯୋଗ୍ୟ ବୋଲି ପ୍ରମାଣିତ କରିବାରେ ଲାଗିଲେ।

ତଥାକଥିତ ସେଇ ଆଠଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିବା ସମ୍ବନ୍ଧରେ ନିରପେକ୍ଷ ବିଶେଷଜ୍ଞଙ୍କ ପର୍ଯ୍ୟାଲୋଚନା ସଂକ୍ଷେପରେ ଏହିପରି। ଆଠଟି ଯୁଦ୍ଧରୁ ଦୀର୍ଘ ଦିନ ଧରି ଚାଲିଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଂଘର୍ଷ, ଯେଉଁଥିରେ ବ୍ୟାପକ ଧନଜୀବନ କ୍ଷତି ଘଟି ଚାଲିଛି, ତାହାହେଲା ରୁଷ-ୟୁକ୍ରେନ ଯୁଦ୍ଧ(ଆରମ୍ଭ ୨୪ ଫେବୃୟାରୀ୨୦୨୨) ଓ ଇସ୍ରାଏଲ୍-ହମାସ୍ ଯୁଦ୍ଧ (ଆରମ୍ଭ ୭ଅକ୍ଟୋବର୨୦୨୩)। କିନ୍ତୁ ଏହି ଯୁଦ୍ଧ ଦୁଇଟି ବନ୍ଦ କରିବା ଦିଗରେ ଟ୍ରମ୍ପଙ୍କ ମଧ୍ୟସ୍ଥତା ଲାଭପ୍ରଦ ହୋଇପାରି ନାହିଁ। କେବଳ ସେ କିଛିଟା ହାକିମାତି କରି ଯଥାକ୍ରମେ ପ୍ରାଥମିକ ଭାବରେ ରୁଷ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ତାଙ୍କ ସହିତ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତ୍ୟାନ୍ୟାହୁଙ୍କୁ ହମାସ ପ୍ରତିପକ୍ଷଙ୍କ ସହ ଆଲୋଚନା ଟେବୁଲକୁ ଆଣିଛନ୍ତି। ଆମେରିକାର ମଧ୍ୟସ୍ଥତାରେ ଅକ୍ଟୋବର ପ୍ରଥମ ସପ୍ତାହରେ ଇସ୍ରାଏଲ ଓ ହମାସ୍ ମଧ୍ୟରେ ରାଜିନାମା ହୋଇ ସାମୟିକ ଭାବରେ ଗାଜାର କିଛି ଇଲାକାରୁ ଇସ୍ରାଏଲ ସୈନ୍ୟ ଅପସାରଣ କରିଥିଲା ଏବଂ ତା'ବଦଳରେ ହମାସ୍ କିଛି ମୃତ ଓ ଜୀବିତ ଇସ୍ରାଏଲୀ ନାଗରିକଙ୍କୁ ବନ୍ଧକରୁ ମୁକ୍ତ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଉଭୟ ରାଜିନାମାକୁ ଉଲ୍ଲଂଘନ କରିବା ଦ୍ୱାରା ସଂଘର୍ଷ ଜାରି ରହିଛି।

ସେମିତି ଆର୍ମେନିଆ ଓ ଆଜର୍ବାଇଜାନ୍ ମଧ୍ୟରେ, ରୁଆଣ୍ଡା ଓ କଙ୍ଗୋ ମଧ୍ୟରେ ବିବାଦ। ଯଦିଓ ପଡ଼ୋଶୀ ଦେଶ ହିସାବରେ ସେମାନଙ୍କ ମଧ୍ୟରେ ଅନେକ ଦିନ ହେଲା ବିବାଦ ରହି ଆସିଛି, ବର୍ତ୍ତମାନ ସମୟରେ ସେମିତି ପୂର୍ଣ୍ଣଯୁଦ୍ଧ ହୋଇ ଧନଜନ କ୍ଷୟ ଘଟି ନଥିଲା। ହୁଏତ ଟ୍ରମ୍ପ ନିଜ ସପକ୍ଷରେ ନୋବେଲ ଶାନ୍ତି ପୁରସ୍କାର ସୁପାରିସ ପାଇଁ ବାଣିଜ୍ୟରେ ସେହି କ୍ଷୁଦ୍ର ଦେଶମାନଙ୍କୁ ସୁବିଧା ଦେବା ଭିତ୍ତିରେ କିଛି ଗୋଟେ ରାଜିନାମା କରାଇ ନେଇଥିଲେ, ଯାହା କୌଣସି ଦୀର୍ଘମିଆଦୀ ବ୍ୟବସ୍ଥା ନଥିଲା। ଏବେ ସ୍ଥିତି 'ଯଥା ପୂର୍ବଂ ତଥା ପରଂ'। ଚଳିତ ବର୍ଷ ଜୁନ୍ ମାସରେ ସମାପ୍ତ ହୋଇଥିବା ଇରାନ୍-ଇସ୍ରାଏଲ ଯୁଦ୍ଧରେ ଆମେରିକା ଇରାନକୁ ପରମାଣୁ ଶକ୍ତି ବିକଶିତ କରିବାରୁ ବଞ୍ଚିତ କରିବାକୁ ତା'ଉପରେ ଇସ୍ରାଏଲ ସହିତ ମିଶି ବୋମାମାଡ଼ କରି ସଫଳ ହୋଇଥିଲା ଏବଂ ବାରଦିନର ଯୁଦ୍ଧ ପରେ ଏଥିରୁ ବିରତ ରହିଥିଲା। ଏଥିରେ ମଧ୍ୟ ଟ୍ରମ୍ପ ନୋବେଲ ପୁରସ୍କାର ପାଇଁ ଅନୁଗତ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କଠାରୁ ସୁପାରିସ ଆଦାୟ କରିଥିଲେ। ଥାଇଲାଣ୍ଡ ଓ କାମ୍ବୋଡ଼ିଆ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଗୋଟିଏ ସପ୍ତାହର ଯୁଦ୍ଧ ପରେ ଯୁଦ୍ଧ ବିରତି ଘୋଷଣା କରିଥିଲେ, ଯାହା ଅବଶ୍ୟମ୍ଭାବୀ ଥିଲା ମାଲେସିଆର ମଧ୍ୟସ୍ଥତା ଦ୍ୱାରା। କିନ୍ତୁ ଯେହେତୁ ଦୁଇ ଦେଶର ଅର୍ଥନୀତି ଆମେରିକା ସହିତ ବାଣିଜ୍ୟ ଉପରେ ନିର୍ଭରଶୀଳ ତେଣୁ ଟ୍ରମ୍ପ ବାଣିଜ୍ୟ ରାଜିନାମା କରେଇ ସେମାନଙ୍କଠାରୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ପାଇଥିଲେ ସୁପାରିସପତ୍ର।

ଭାରତର 'ଅପରେସନ ସିନ୍ଦୂର' ଥିଲା ପାକିସ୍ତାନରେ ଲୁଚିଥିବା ଆତଙ୍କବାଦୀଙ୍କ ବିପକ୍ଷରେ ଏକ ସଂକ୍ଷିପ୍ତ ବାୟୁସେନା କାର୍ଯ୍ୟାନୁଷ୍ଠାନ। ମେ' ମାସ ୭ ତାରିଖରୁ ମେ ୧୦ ତାରିଖ ମଧ୍ୟରେ ଅନୁଷ୍ଠିତ ଏହି ଅଭିଯାନର ଲକ୍ଷ୍ୟ ପୂରଣ ହେବା ପରେ ପାକିସ୍ତାନର ସାମରିକ କର୍ତ୍ତୃପକ୍ଷଙ୍କ ଅନୁରୋଧକ୍ରମେ ଭାରତୀୟ ସେନା ଦ୍ୱାରା ଯୁଦ୍ଧ ବିରତି କରାଯାଇଥିଲା। ଏହା ଦ୍ୱିପାକ୍ଷିକ ରାଜିନାମା ଥିଲା ଏବଂ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ବ୍ୟକ୍ତିଗତ ଭାବରେ କିଛି ଭୂମିକା ନଥିଲା ବୋଲି ଭାରତ ସରକାରଙ୍କ ଦ୍ୱାରା କୁହାଯାଇଛି। ପାକିସ୍ତାନ ଆମେରିକା ସହିତ ବାଣିଜ୍ୟ ସୁବିଧା ପାଇବା ଲକ୍ଷ୍ୟରେ ଟ୍ରମ୍ପଙ୍କୁ ଯୁଦ୍ଧ ବିରତିର ଶ୍ରେୟ ଦେଇ ତାଙ୍କ ନାମକୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ସୁପାରିସ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେଠିକାର ଉପ ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଇସାକ୍‌ଦାର ସ୍ୱୀକାର କରିଥିଲେ ଯେ ଏହା ଦୁଇ ଦେଶର ସାମରିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଥିଲା ଏକ ଦ୍ୱିପାକ୍ଷିକ ବିଷୟ।

ଆଉ ଦୁଇଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିବାର ଦାବି କରିଥିଲେ ଟ୍ରମ୍ପ। ସେଗୁଡ଼ିକ ହେଲା ଇଜିପ୍ଟ ଓ ଇଉଥୋପିଆ ମଧ୍ୟରେ ନୀଳ ନଦୀର ଜଳ ବଣ୍ଟନ ସମ୍ବନ୍ଧୀୟ ଏବଂ ସର୍ବିଆ ଓ କୋଶୋଭ ମଧ୍ୟରେ ସୀମା ସମ୍ବନ୍ଧୀୟ ବିବାଦ। ପ୍ରକୃତ ପକ୍ଷେ ଏହି ଦେଶମାନଙ୍କ ପରସ୍ପର ମଧ୍ୟରେ ସମସ୍ୟା ଥିଲେ ମଧ୍ୟ ସେମାନେ ଯୁଦ୍ଧ କରିନଥିଲେ। ତେଣୁ ଯୁଦ୍ଧ ବନ୍ଦ କରିବାର ପ୍ରଶ୍ନ ନଥିଲା। ତେଣୁ ଏହିସବୁ ଆଲୋଚନାରୁ ପ୍ରତୀୟମାନ ହେବା କଥା ଟ୍ରମ୍ପଙ୍କ ତଥାକଥିତ ଆଠଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିଥିବାର ଦାବି କେବଳ ନରୱେ ନୋବେଲ କମିଟି ଉପରେ ଚାପ ପାଇଁ ଉଦ୍ଦିଷ୍ଟ ଥିଲା। ଅନ୍ୟଥା ବିଶ୍ୱରେ ସ୍ଥାୟୀ ଶାନ୍ତି ବାହାଲ ସମ୍ଭାବନା ଅନେକ ଦୂରରେ ଅଟକି ଯାଇଥିଲା। ଅବଶ୍ୟ ବଡ଼ଭାଇ ପଣିଆ ଦେଖାଇ ଅନେକ ଛୋଟଛୋଟ ଦେଶ ସହିତ ଆମେରିକାର ସ୍ୱାର୍ଥ ଅନୁଯାୟୀ ବାଣିଜ୍ୟ ଚୁକ୍ତି କରିବାରେ ସଫଳ ହୋଇପାରିଥିଲେ ଡୋନାଲ୍ଡ ଟ୍ରମ୍ପ।

ଗଣମାଧ୍ୟମରେ ବିଶ୍ୱଶାନ୍ତି ପାଇଁ ଯୁଦ୍ଧ ବନ୍ଦ କରିବାର ଆକର୍ଷକ ଭାଷଣ ଦେଉଥିବା ଡୋନାଲ୍ଡ ଟ୍ରମ୍ପ କାର୍ଯ୍ୟକ୍ଷେତ୍ରରେ ବିପରୀତ କାର୍ଯ୍ୟ କରିବାର ଦୃଷ୍ଟାନ୍ତ ରହିଛି। ସେ ୨୦୧୫ ପ୍ୟାରିସ ଜଳବାୟୁ ବୁଝାମଣାରୁ ଓହରି ଆସିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଓହରି ଯାଇଛନ୍ତି, ଯୁଦ୍ଧାସ୍ତ୍ର ନିରସ୍ତ୍ରୀକରଣ ପାଇଁ ହୋଇଥିବା ରାଜିନାମାକୁ ଉଲ୍ଲଂଘନ କରିଛନ୍ତି, ଯାହା ବିଶ୍ୱରେ ମାରାତ୍ମକ ଅସ୍ତ୍ରଶସ୍ତ୍ର ବ୍ୟବହାର ପାଇଁ ପଥ ପରିଷ୍କାର କରିଦେଇଛି। ଅଧିକନ୍ତୁ ନାଟୋର ଏକ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ହୋଇ ତା'ର ଭୂମିକାକୁ ପରିହାସ କରୁଥିଲା ବେଳେ ମିଳିତ ଜାତିସଂଘକୁ ନ୍ୟୂନ କରିବା ପାଇଁ ଆର୍ଥିକ ସହାୟତା ମଧ୍ୟ କମାଇ ଦେଇଛନ୍ତି। ସର୍ବୋପରି ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାରେ ଟାରିଫ୍ ଯୁଦ୍ଧର ଆହ୍ୱାନ ଦେଇ ଅସ୍ଥିରତା ସୃଷ୍ଟି କରିଛନ୍ତି। ଭାରତ ଭଳି ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଓ ଚତୁର୍ଥ ବୃହତ୍ତମ ଅର୍ଥନୈତିକ ଶକ୍ତି ଏବଂ ଆମେରିକାର ଏପର୍ଯ୍ୟନ୍ତ ବନ୍ଧୁଭାବାପନ୍ନ ବିବେଚିତ ହେଉଥିବା ଦେଶ ବିରୋଧରେ କାର୍ଯ୍ୟାନୁଷ୍ଠାନ ତାଙ୍କୁ ବିଶ୍ୱ ରାଜନୀତିରେ ଜଣେ ସ୍ୱେଚ୍ଛାଚାରୀ ଅସ୍ଥିରତା ସୃଷ୍ଟିକାରୀ ବିବାଦୀୟ ବ୍ୟକ୍ତି ଭାବେ ପରିଚିତ କରାଇଛି। ତାଙ୍କ ବ୍ୟକ୍ତିତ୍ୱର ସାମଗ୍ରିକ ଚିତ୍ର ବିଶ୍ୱ ଐକବଦ୍ଧତା ପାଇଁ ଉଦ୍ଦିଷ୍ଟ ନ ହୋଇ ବରଂ ସେଥିରେ ବିଭେଦ ଆଣିଲା ଭଳି ପ୍ରତୀୟମାନ ହେଉଛି। ●


କଟକ, ମୋ: ୯୪୩୭୩୬୦୯୮୧

## ଭାରତରେ ବାୟୁ ପ୍ରଦୂଷଣ ଜନିତ ମୃତ୍ୟୁ

ଡ଼ଂ ମାୟାଧର ସ୍ୱାଇଁ

ପୃଥିବୀର ଅନେକ ଦେଶରେ ଅନୁମୋଦିତ ମାତ୍ରାଠାରୁ ବାୟୁ ପ୍ରଦୂଷଣ ଅଧିକ ଥିଲେ ସୁଦ୍ଧା ଭାରତରେ ଏହା ସାଙ୍ଘାତିକ ରୂପ ନେଇଛି। ଦେଶର ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ ଏତେ ପରିମାଣରେ ବୃଦ୍ଧି ପାଇଛି ଯେ ଅନେକ ସମୟରେ ସ୍କୁଲ ଓ କଲେଜ ବନ୍ଦ କରିବାକୁ ପଡୁଛି। ଏହାର ନିୟନ୍ତ୍ରଣ ପାଇଁ ଦିଲ୍ଲୀ ସରକାର ନିକଟରେ କୃତ୍ରିମ ବର୍ଷା କରିବା ପାଇଁ ଚେଷ୍ଟା କରିଥିଲେ। ପୃଥିବୀର ଅତିପ୍ରଦୂଷିତ କୋଡ଼ିଏଟି ସହର ମଧ୍ୟରେ ଭାରତର ପନ୍ଦରଟି ସହର ରହିଛି।

ବାୟୁ ପ୍ରଦୂଷଣ ଯୋଗୁଁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଛି। ନିକଟରେ ଲାନସେଟ୍ ସଂସ୍ଥା ପ୍ରକାଶ କରିଥିବା ଏକ ରିପୋର୍ଟରେ ଦର୍ଶାଯାଇଛି ଯେ ବାୟୁ ପ୍ରଦୂଷଣ ଯୋଗୁଁ ସମଗ୍ର ପୃଥିବୀରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ୭୦ ପ୍ରତିଶତ ହେଉଛନ୍ତି ଭାରତର। ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ଓ ଲଣ୍ଡନ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ପ୍ରସ୍ତୁତ କରିଥିବା ଏହି ରିପୋର୍ଟ ଅନୁଯାୟୀ ମନୁଷ୍ୟକୃତ ବାୟୁ ପ୍ରଦୂଷଣ ଯୋଗୁଁ ଭାରତରେ ପ୍ରତିବର୍ଷ ପ୍ରାୟ ସତର ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି। ଏହି ସଂଖ୍ୟା ହେଉଛି ୨୦୧୦ ମସିହା ତୁଳନାରେ ୩୮ ପ୍ରତିଶତ ଅଧିକ। ତୁଳନାତ୍ମକ ଭାବେ ସମଗ୍ର ପୃଥିବୀରେ ବାୟୁ ପ୍ରଦୂଷଣ ଯୋଗୁଁ ପ୍ରାୟ ୨୫ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥାଏ।



ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି କୋଇଲା ଓ ପେଟ୍ରୋଲିୟମ ଭଳି ଜୀବାଶ୍ମ ଇନ୍ଧନର ଦହନ। ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ବିଭିନ୍ନ କଳକାରଖାନାରେ କୋଇଲା ବ୍ୟବହାର ଯୋଗୁଁ ଅଧିକ ପରିମାଣରେ ବାୟୁ ପ୍ରଦୂଷଣ ହୋଇଥାଏ। ଯାନବାହନରେ ପେଟ୍ରୋଲ, ଡିଜେଲ ଆଦିର ବ୍ୟବହାରରୁ ବାୟୁମଣ୍ଡଳକୁ ପିଏମ ୨.୫ ସମେତ ଅନ୍ୟ ପ୍ରଦୂଷଣ ନିର୍ଗତ ହୋଇଥାଏ। ରାସ୍ତା ଓ କୋଠାବାଡ଼ି ନିର୍ମାଣ, ଜଙ୍ଗଲ ପୋଡ଼ି, ନଡ଼ା ପୋଡ଼ି ମଧ୍ୟ ବାୟୁପ୍ରଦୂଷଣର ଅନ୍ୟ କାରଣ। ପଞ୍ଜାବ, ହରିଆଣା ଓ ଉତ୍ତର ପ୍ରଦେଶରେ ଫସଲ ଅମଳ ପରେ ଏହାର ଅବଶେଷଗୁଡ଼ିକୁ ଜାଳିଦେବା ଦ୍ୱାରା ଦିଲ୍ଲୀ ସମେତ ଆଖପାଖରେ ପ୍ରଦୂଷଣ ମାତ୍ରା ବଢୁଛି।

ଲାନସେଟ୍ ରିପୋର୍ଟ ଅନୁଯାୟୀ ଭାରତରେ ବାୟୁ ପ୍ରଦୂଷଣ ମୃତ୍ୟୁରେ କୋଇଲା ଓ ତରଳ ଗ୍ୟାସ୍ ଇନ୍ଧନ ୪୪ ପ୍ରତିଶତ ପାଇଁ ଦାୟୀ। ଏଥିଯୋଗୁଁ ବର୍ଷକୁ ୭୫୨୦୦୦ ମୃତ୍ୟୁ ଘଟୁଛି। ଯାନବାହନ ପ୍ରଦୂଷଣ ଯୋଗୁଁ ୨୬୯୦୦ ମୃତ୍ୟୁ ହେଉଛି। ୨୦୨୦-୨୦୨୪ ମସିହା ପର୍ଯ୍ୟନ୍ତ ଜଙ୍ଗଲ ନିଆଁ ପ୍ରଦୂଷଣ ଯୋଗୁଁ ବର୍ଷକୁ ହାରାହାରି ୧୦୨୦୦ ଲୋକଙ୍କ ମୃତ୍ୟୁ ହୋଇଛି। ବାୟୁ ପ୍ରଦୂଷଣ ଯୋଗୁଁ ଶ୍ୱାସକ୍ରିୟା ଜନିତ ଓ ହୃତ୍‌ପିଣ୍ଡ ରୋଗ ହୋଇଥାଏ। ଏହା ଫୁସଫୁସରେ କର୍କଟ ରୋଗ ମଧ୍ୟ ସୃଷ୍ଟି କରିଥାଏ ଏବଂ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ବାୟୁ ପ୍ରଦୂଷଣ ବିଶେଷଭାବେ ଶିଶୁ ଓ ବରିଷ୍ଠ ନାଗରିକମାନଙ୍କ ଅଧିକ କ୍ଷତି କରିଥାଏ। ଏହା ଆଲଜେମିର ଓ ପାର୍କିନସନ ଭଳି ମାନସିକ ରୋଗ ସୃଷ୍ଟି କରିଥାଏ।

ଆମ ଦେଶରେ ସମଗ୍ର ବିଦ୍ୟୁତ୍ ଉତ୍ପାଦନର ୫୦ ପ୍ରତିଶତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଆସୁଛି। ତାପଜ ବିଦ୍ୟୁତ୍ ହେଉଛି ଜଳବାୟୁ ପରିବର୍ତ୍ତନର ଅନ୍ୟ ଏକ କାରଣ। ଏଣୁ ଅନ୍ତର୍ଜାତୀୟ ସ୍ତରରେ ଏହାର ପରିମାଣକୁ ହ୍ରାସ କରି ଅକ୍ଷୟ ଶକ୍ତି ଉତ୍ସ ଉପରେ ଗୁରୁତ୍ୱ ଦିଆଯାଇଛି। ଖୁସିର କଥା ଯେ ୨୦୨୫ ମସିହାର ପ୍ରଥମାର୍ଦ୍ଧରେ ସମଗ୍ର ବିଶ୍ୱରେ ଅକ୍ଷୟ ଶକ୍ତିରୁ ଅଧିକ ବିଦ୍ୟୁତ୍ ଉତ୍ପାଦିତ ହୋଇଛି। ଭାରତ ସରକାର ୨୦୩୦ ମସିହା ସୁଦ୍ଧା ଅକ୍ଷୟ ଶକ୍ତିର ପ୍ରତିଷ୍ଠିତ କ୍ଷମତା ୫୦୦ ଗିଗାୱାଟ୍‌ରେ ପହଞ୍ଚାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାର ପରିମାଣ ଯେତେ ଅଧିକ ହେବ ଜଳବାୟୁ ପରିବର୍ତ୍ତନ ହ୍ରାସ ହେବା ସହିତ ବାୟୁ ପ୍ରଦୂଷଣ ମଧ୍ୟ କମ ହୋଇ ପାରିବ।

ବାୟୁ ପ୍ରଦୂଷଣର ଅନ୍ୟତମ ଉତ୍ସ ହେଉଛି ଯାନବାହନ। ଏହାର ନିରାକରଣ ପାଇଁ ବିଦ୍ୟୁତ୍‌ଚାଳିତ ଯାନର ବିକାଶ କରାଯାଇଛି। କିନ୍ତୁ ଅଧିକ ମୂଲ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଅସୁବିଧା ଯୋଗୁଁ ଏହା ଅଧିକ ଲୋକଙ୍କୁ ଆକୃଷ୍ଟ କରିପାରିନାହିଁ। ମାତ୍ର ପ୍ରଯୁକ୍ତି ବିଦ୍ୟାର ବିକାଶ ସହିତ ଏହି ଅସୁବିଧାଗୁଡ଼ିକ କ୍ରମଶଃ ଦୂର ହୋଇପାରିବ। ୨୦୩୦ ମସିହା ପରେ ଭାରତରେ ପେଟ୍ରୋଲ ଓ ଡିଜେଲ ଚାଳିତ ଯାନବାହନର ଉତ୍ପାଦନ ବନ୍ଦ କରିଦେବା ପାଇଁ ସରକାର ନୀତିଗତ ଭାବେ ନିଷ୍ପତ୍ତି ନେଇଛନ୍ତି। ଉଦଜାନ ଇନ୍ଧନ ମଧ୍ୟ ହେଉଛି ଯାନବାହନ ପାଇଁ ଅନ୍ୟ ଏକ ବିକଳ୍ପ ଉତ୍ସ। ଏହାର ବିକାଶ ପାଇଁ ଯୋଜନା ଚାଲିଛି।

ଦେଶର ପ୍ରତ୍ୟେକ ନାଗରିକଙ୍କୁ ଶୁଦ୍ଧ ଜଳ ଶୁଦ୍ଧ ବାୟୁ ଦେବା ହେଉଛି ସରକାରଙ୍କ ନୈତିକ କର୍ତ୍ତବ୍ୟ। ଏବେ ମଧ୍ୟ ଗ୍ରାମାଞ୍ଚଳରେ ଅନେକ ରୋଷେଇ ଘରେ କାଠ ଓ କୋଇଲା ଚୁଲି ବ୍ୟବହୃତ ହେଉଛି ଏବଂ ଏଥିଯୋଗୁଁ ଅନେକ ମହିଳା ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗତ କେତେବର୍ଷ ଧରି ସମସ୍ତଙ୍କୁ ଗ୍ୟାସ୍ ଚୁଲା ଦେବାର ପ୍ରୟାସ ଚାଲିଥିଲେ ମଧ୍ୟ ଏହା ଶତ ପ୍ରତିଶତ ସଫଳ ହୋଇପାରିନାହିଁ। ମୋଟାମୋଟି କହିଲେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାରଙ୍କ ଚେଷ୍ଟା ଚାଲିଛି ଏବଂ ବିଚାରାଳୟର ନିର୍ଦ୍ଦେଶ ମଧ୍ୟ ଆସୁଛି। ଲୋକମାନଙ୍କର ସୁସ୍ଥ ଜୀବନଯାପନ ପାଇଁ ଏହାକୁ ତ୍ୱରାନ୍ୱିତ କରାଯିବା ଆବଶ୍ୟକ।

(ସମ୍ପାଦକ, ସାଇନ୍ସ ହୋରିଜନ) ●

ଭୁବନେଶ୍ୱର, ମୋ: ୯୪୩୮ ୬୯୩୭୨୪

## 'ଘଟକୁଦେବତା' ଭାବେ ପୂଜା ପାଆନ୍ତି ଘଟୋତ୍କଚ

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ପଞ୍ଚପାଣ୍ଡବଙ୍କ ବନବାସ ସମୟରେ ବଳଶାଳୀ ଭୀମଙ୍କର ବିବାହ ଘଟଣାକ୍ରମେ ଅସୁରୁଣୀ ହିଡ଼ିମ୍ବାଙ୍କ ସହିତ ହୋଇଥିଲା। ସେମାନଙ୍କ ଔରସରୁ ଘଟୋତ୍କଚ ନାମକ ଅତ୍ୟନ୍ତ ବଳଶାଳୀ ପୁତ୍ରର ଜନ୍ମ ହେଲା। ଘଟୋତ୍କଚ ବଳବାନ ସହିତ ସମସ୍ତ ତନ୍ତ୍ରମନ୍ତ୍ର ଓ ମାୟାବୀ ଶକ୍ତିର ଅଧିକାରୀ ଥିଲେ। ତାଙ୍କୁ ଶ୍ରୀକୃଷ୍ଣଙ୍କଠାରୁ ଇନ୍ଦ୍ରଜାଲ ବିଦ୍ୟା ସିଦ୍ଧିର ବରଦାନ ମଧ୍ୟ ମିଳିଥିଲା। ତେଣୁ ତାଙ୍କୁ ପରାସ୍ତ କରିବା ଅସମ୍ଭବ ଥିଲା। କାଳାନ୍ତରରେ ଘଟୋତ୍କଚ ଦେବତା ଭାବେ ପୂଜା ପାଇଥିଲେ।

ଭାରତର ଅନେକ ସ୍ଥାନରେ ଘଟୋତ୍କଚଙ୍କ ମନ୍ଦିର ଥିଲେ ମଧ୍ୟ ଉତ୍ତରାଖଣ୍ଡର ଚମ୍ପାବତଠାରେ ଥିବା ଘଟୋତ୍କଚ ମନ୍ଦିର ମୁଖ୍ୟ ବୋଲି କୁହାଯାଏ। ଚମ୍ପାବତଠାରୁ ମାତ୍ର ୨ କିଲୋମିଟର ଦୂର ଚମ୍ପାବତ-ତାମିଲ ମାର୍ଗସ୍ଥିତ ମଲ୍ଲୀଚୌକ୍‌ଠାରେ ଏହି ମନ୍ଦିର ଅବସ୍ଥିତ। ସ୍ଥାନୀୟ ଲୋକମାନେ ଘଟୋତ୍କଚଙ୍କୁ 'ଘଟକୁ ଦେବତା' ଭାବେ ପୂଜା କରି ଆସୁଛନ୍ତି। ତେଣୁ ମନ୍ଦିରଟି 'ଘଟକୁ ମନ୍ଦିର' ଭାବେ ପରିଚିତ। କେତେକ ଐତିହାସିକଙ୍କ ମତାନୁସାରେ ଏହି ମନ୍ଦିର ୧୭ ଶତାବ୍ଦୀରେ ଚନ୍ଦ୍ରବଂଶର ରାଜାଙ୍କ ଦ୍ୱାରା ନିର୍ମାଣ କରାଯାଇଛି। ମହାଭାରତ ଯୁଦ୍ଧରେ କର୍ଣ୍ଣଙ୍କ ଅମୋଘ ଶକ୍ତି ପ୍ରୟୋଗ ଫଳରେ ଘଟୋତ୍କଚଙ୍କ ଶିରଚ୍ଛେଦ ହୋଇଥିଲା। ଘଟୋତ୍କଚଙ୍କ ଶିର ଯେଉଁ ସ୍ଥାନରେ ପଡ଼ିଥିଲା, ସେଠାରେ ଏହି ମନ୍ଦିର ନିର୍ମାଣ ହୋଇଛି ବୋଲି ଜନଶ୍ରୁତି ଅଛି। ମନ୍ଦିର ନିକଟରେ ଗୋଟିଏ ନୌଲା ଅର୍ଥାତ୍ ଛୋଟ କୁଣ୍ଡ ଅଛି, ଯାହା ଭିତରକୁ ପୂଜାରୀ ହାତ ବଢ଼ାଇଲେ କେଶ ଭଳି ଅନୁଭବ ହୋଇଥାଏ। ଏହି କୁଣ୍ଡର ଆଉ ଏକ ଅଲୌକିକତା ହେଉଛି, ଏଥିରେ ଯେତେ ପାଣି ଭର୍ତ୍ତି କଲେ ମଧ୍ୟ ଏହା ପୂର୍ଣ୍ଣ ହୁଏନାହିଁ। କିନ୍ତୁ ବର୍ଷା ହେବାର ପୂର୍ବ ସୂଚନା ଭାବେ ଏହି କୁଣ୍ଡରେ ପାଣି ଆପେ ଆପେ ଭରିଯାଇ ବାହାରକୁ ବୋହି ଚାଲେ। ଏହି ମନ୍ଦିର ନିକଟରେ ମାତା ହିଡ଼ିମ୍ବାଙ୍କ ଏକ ମନ୍ଦିର ମଧ୍ୟ ଅଛି।

ଅନ୍ୟ ଏକ ଲୋକକଥା ରହିଛି ଯେ, ଘଟୋତ୍କଚଙ୍କ ଶିର ଯେଉଁଠି ପଡ଼ିଥିଲା, ସେଠାରେ ଗୋଟିଏ ବିଶାଳ ଜଳାଶୟ ସୃଷ୍ଟି ହୋଇଥିଲା। ଯୁଦ୍ଧ ପରେ ପଞ୍ଚପାଣ୍ଡବ ଘଟୋତ୍କଚଙ୍କ ଛିନ୍ନଶିର ସନ୍ଧାନ କରିଥିଲେ ମଧ୍ୟ ସଫଳ ହେଲେ ନାହିଁ। ପରବର୍ତ୍ତି ସମୟରେ ଘଟୋତ୍କଚ ସ୍ୱପ୍ନରେ ଦେଇଥିବା ସୂଚନା ଅନୁଯାୟୀ ଭୀମ ଉକ୍ତ ସ୍ଥାନକୁ ଯାଇଥିଲେ। ସେ ସେଠାରେ ପ୍ରଥମେ ଭଗବତୀ ଅଖିଳତାରିଣୀଙ୍କୁ ସୁମରଣା କରି ଗଦା ଦ୍ୱାରା ଜଳାଶୟର କୂଳକୁ ପ୍ରହାର କଲେ। ଜଳ ନିଷ୍କାସିତ ହେବା ପରେ ଘଟୋତ୍କଚଙ୍କ ଶିରକୁ ଉଦ୍ଧାର କରି ସେଠାରେ ଶ୍ରାଦ୍ଧ କର୍ମ କରିଥିଲେ। ଭୀମ ଯେଉଁଠି ଶ୍ରାଦ୍ଧ କରିଥିଲେ, ସେହି ଯଜ୍ଞକୁଣ୍ଡ, ଦୀପ ଓ ଶ୍ରାଦ୍ଧସ୍ଥାନ ଆଜି ମଧ୍ୟ ସେଠାରେ ପଥରଖଣ୍ଡ ଆକାରରେ ରହିଛି। ଯେଉଁ ଶିଳା ଉପରେ ଭୀମ ଶ୍ରାଦ୍ଧକର୍ମ କରିଥିଲେ, ତାହାକୁ ବର୍ତ୍ତମାନ 'ଧର୍ମଶିଳା' ଭାବେ ପୂଜା କରାଯାଉଛି। ବିଭିନ୍ନ ପର୍ବପର୍ବାଣୀରେ ଏହି ଶିଳା ଉପରେ ସ୍ନାନ କଲେ ଅଶେଷ ପୁଣ୍ୟଫଳ ଲାଭ ହୋଇଥାଏ ବୋଲି ବିଶ୍ୱାସ ଅଛି।

ମନାଲିଠାରେ ହିଡ଼ିମ୍ବା ମନ୍ଦିର ନିକଟରେ ଘଟୋତ୍କଚ ଗୋଟିଏ ବିଶାଳ ବୃକ୍ଷ ରୂପରେ ପୂଜା ପାଉଛନ୍ତି। ତେଣୁ ଏହି ମନ୍ଦିରକୁ 'ଘଟୋତ୍କଚ ବୃକ୍ଷ ମନ୍ଦିର' ବୋଲି କୁହାଯାଉଛି। ଏହି ବିଶାଳ ବୃକ୍ଷ ଅନେକ ରହସ୍ୟରେ ପରିପୂର୍ଣ୍ଣ। ବୃକ୍ଷର ଗଣ୍ଡିରେ ଅଗଣିତ ଶିଂଘ (ମଇଁଷି ଶିଂଘ ଭଳି) ଲାଗିରହିଛି। ଏହା କିଭଳି ଓ କାହିଁକି ରହିଛି, ସେ ସମ୍ପର୍କରେ ପ୍ରାୟ ସମସ୍ତେ ଅଜ୍ଞ। ଏହାବ୍ୟତୀତ ବୃକ୍ଷ ଚାରିପଟେ ଲୌହନିର୍ମିତ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ସୁସଜ୍ଜିତ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀ କୁହନ୍ତି ଯେ, ଘଟୋତ୍କଚ ଜଣେ ବୀର ହୋଇଥିବାରୁ ଲୋକମାନେ ମାନସିକ ପୂରଣ ପାଇଁ ତାଙ୍କ ପାଖରେ ଅସ୍ତ୍ରଶସ୍ତ୍ର ଭେଟି ଦେଉଥିଲେ। କାଳକ୍ରମେ ଏହା ଏକ ପରମ୍ପରାରେ ପରିଣତ ହୋଇଛି ଏବଂ ଏବେ ମଧ୍ୟ ଅନେକ ଲୋକ ଲୌହନିର୍ମିତ ଧାରୁଆ ଅସ୍ତ୍ରଶସ୍ତ୍ର ଏଠାରେ ଅର୍ପଣ କରୁଛନ୍ତି। ଅନ୍ୟମତରେ ଶତାଧିକ ବର୍ଷ ପୂର୍ବରୁ ଘଟୋତ୍କଚ ମନ୍ଦିରରେ ବଳି ପ୍ରଥାର ପ୍ରଚଳନ ଥିଲା। ଲୋକମାନେ ଘଟୋତ୍କଚଙ୍କୁ ପ୍ରସନ୍ନ କରି ମାନସିକ ପୂରଣ କରିବା ପାଇଁ ପଶୁମାନଙ୍କୁ ବଳି ଦେଉଥିଲେ ଏବଂ ସେଥିରେ ବ୍ୟବହୃତ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ସେଠାରେ ରଖି ଦେଇ ଆସୁଥିଲେ।

ଇଣ୍ଡୋନେସିଆରେ ମଧ୍ୟ ଘଟୋତ୍କଚଙ୍କୁ ଦେବତା ଭାବେ ପୂଜା କରାଯିବା ସହିତ ତାଙ୍କୁ 'ସାତ୍ରିଆ ଓଟୋଟ କାବତ ବାଲୁଙ୍ଗ ୱେସି'ର ଉପନାମ ପ୍ରଦାନ କରାଯାଇଛି। ଏହାର ଅର୍ଥ ହେଉଛି 'ଶକ୍ତ ତାରର ମାଂସପେଶୀ ଓ ଲୁହାର ହାଡ଼ଯୁକ୍ତ ମହାନ ବଳଶାଳୀ ଯୋଦ୍ଧା'। ଜାବାନିସ୍ ଓ ବାଲିର ଲୋକମାନେ ଘଟୋତ୍କଚଙ୍କୁ ଦେବତା ଭାବେ ପୂଜିବା ସହିତ ବିଭିନ୍ନ ପାରମ୍ପରିକ କଳାକୃତିରେ ମଧ୍ୟ ଘଟୋତ୍କଚଙ୍କୁ ରୂପ ଦେଇଥା'ନ୍ତି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମାତ୍ରାଧିକ ମୂଲ୍ୟ ବୃଦ୍ଧି — ରଥ ଚକ ନେବାକୁ ଆଗ୍ରହ କରୁନାହାନ୍ତି ଶ୍ରଦ୍ଧାଳୁ

ପୁରୀ,୬।୧୧(ସମିସ): ମହାପ୍ରଭୁଙ୍କ ରଥ ଚକ ପ୍ରତି ସମସ୍ତଙ୍କର ଗଭୀର ଭକ୍ତି ଓ ବିଶ୍ୱାସ ରହିଛି। ଯେଉଁ ରଥରେ ବିଶ୍ୱନିୟନ୍ତା ବସି ଜନ୍ମବେଦୀକୁ ଯାତ୍ରା କରିଥାନ୍ତି ତା'ର ଚକକୁ ପ୍ରତିଦିନ ଦର୍ଶନ ଏବଂ ପୂଜା କରିବା ସମସ୍ତଙ୍କ ପାଇଁ ସୌଭାଗ୍ୟର ବିଷୟ। ହେଲେ ଏହି ଚକକୁ ପର୍ଯ୍ୟାପ୍ତ ପରିମାଣରେ ସମସ୍ତଙ୍କୁ ଯୋଗାଇ ଦିଆଯାଇପାରିବ ନାହିଁ। କାରଣ ପ୍ରତିବର୍ଷ ତିନିରଥରୁ ମାତ୍ର ୪୨ଟି ଚକ ବାହାରିଥାଏ। ତେଣୁ ଏହାକୁ ଆଗ୍ରହୀ ଧର୍ମାନୁଷ୍ଠାନ, ମଠ, ମନ୍ଦିର, ବ୍ୟକ୍ତିବିଶେଷଙ୍କୁ ଯୋଗାଇଦେବା ଲାଗି ଶ୍ରୀମନ୍ଦିର ପ୍ରଶାସନ ବିକ୍ରି ନିମନ୍ତେ ନିଷ୍ପତ୍ତି ନେଇଛି। ଏଥିପାଇଁ ସ୍ୱତନ୍ତ୍ର ଏସ୍‌ଓପି ମଧ୍ୟ ଜାରି କରାଯାଇଛି। ପୂର୍ବରୁ ରଥ ଚକକୁ କିଛି ଜାଗାକୁ ନିଃଶୁଳ୍କ ଦେବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ପ୍ରକାରେ ଏଥିରେ ପରିବର୍ତ୍ତନ ଘଟିଛି। କିନ୍ତୁ ଏବେ ଶ୍ରୀମନ୍ଦିର ପ୍ରଶାସନ ଚକ ପାଇଁ ଯେଉଁ ଦର ଧାର୍ଯ୍ୟ କରିଛି ତାହା ମାତ୍ରାଧିକ ରହିଛି। ଫଳରେ ରଥ ଚକ କିଣି ନେବା ଲାଗି ଆଉ ପୂର୍ବଭଳି ଆଗ୍ରହ ଦେଖାଉ ନାହାନ୍ତି ଶ୍ରଦ୍ଧାଳୁ। ଚଳିତବର୍ଷ ତିନିରଥରୁ ବାହାରିଥିବା ଚକଗୁଡ଼ିକ



ଏ ପର୍ଯ୍ୟନ୍ତ ବିକ୍ରି ହୋଇପାରି ନାହିଁ। ଫଳରେ ପୁଣି ସଂଶୋଧିତ ଏସ୍‌ଓପି (କେବଳ ଆବେଦନର ତାରିଖ ବୃଦ୍ଧି ପାଇଛି) ଜାରି କରିଛି ମନ୍ଦିର ପ୍ରଶାସନ।

ପୂର୍ବରୁ ରଥ ଚକ ନେବା ପାଇଁ ପ୍ରକ୍ରିୟା ବେଶ୍ ସହଜ ଥିଲା। ଏତେ ଦାମ୍ ବି ନ ଥିଲା। ଯେ କେହି ଚକ ନେବାକୁ ଚାହୁଁଥିଲେ ପ୍ରଥମେ ତାଙ୍କୁ ଆବେଦନ କରିବାକୁ ପଡୁଥିଲା। ବିଭିନ୍ନ ଆବେଦନ ସଂକ୍ରାନ୍ତରେ ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଉଥିଲା। କେଉଁ ଜାଗାକୁ ଅଗ୍ରାଧିକାର ଭିତ୍ତିରେ ରଥ ଚକ ଯିବା ଦରକାର

## ପୁଣି ସଂଶୋଧିତ ଏସ୍‌ଓପି ଜାରି କଲା ଶ୍ରୀମନ୍ଦିର ପ୍ରଶାସନ

ତାହା ନିଷ୍ପତ୍ତି ନିଆଯାଉଥିଲା। ପରିଚାଳନା କମିଟି ବୈଠକର ଅନୁମୋଦନ ପରେ ସେହି ସଂସ୍ଥା ବା ବ୍ୟକ୍ତିବିଶେଷଙ୍କୁ ରଥ ଚକ ପ୍ରଦାନ କରାଯାଉଥିଲା। ଯେଉଁମାନେ ନେଉଥିଲେ ସେମାନଙ୍କୁ ରଥ ଚକର ପବିତ୍ରତା ରକ୍ଷା କରିବା ଲାଗି କୁହାଯାଉଥିଲା। ୨୦୨୩ରେ ଗୋଟିଏ ଚକ(ଯେ କୌଣସି ରଥର) ର ଦର ରହିଥିଲା ୫୦ ହଜାର ଟଙ୍କା। ସେହିପରି ପ୍ରଭାଗୁଡ଼ିକର ଦର ଥିଲା ୨୫ ହଜାର ଟଙ୍କା। ଆଉ ଅଂଶୁଆରୀ ଓ କୋଣଗୁଜର ଦର ରହିଥିଲା ଗୋଟା ପ୍ରତି ୧୦ ହଜାର ଟଙ୍କା। କିନ୍ତୁ ୨୦୨୫ ରଥଯାତ୍ରା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୩ ରଥର ବିଭିନ୍ନ ଅଂଶ ବିକ୍ରି ନେଇ ଗତ ଜୁନ୍‌ରେ ନୂଆ ଏସ୍‌ଓପି ଜାରି କରାଯାଇଥିଲା। ବଡ଼ଠାକୁରଙ୍କ ତାଳଧ୍ୱଜ ରଥର ଚକ ପିଛା ଦାମ୍ ୨ ଲକ୍ଷ ଟଙ୍କା, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଚକ ପିଛା ଦେଢ଼ ଲକ୍ଷ ଟଙ୍କା ଓ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଚକ ଦାମ୍ ୩ ଲକ୍ଷ ଟଙ୍କା ରଖାଯାଇଥିଲା। ସେହିପରି ଗୁଜ ଓ ଅଂଶୁଆରୀ ଗୋଟା ପିଛା ଦାମ୍ ୧୫ ହଜାର ଟଙ୍କା, ପ୍ରଭା ପିଛା ୨୫ ହଜାର ଟଙ୍କା ରହିଥିଲା। ଯଦି କେହି ପ୍ରତ୍ୟେକ ରଥର ଗୋଟିଏ ଲେଖାଏଁ ଚକ ନିଅନ୍ତି ତେବେ ୬ ଲକ୍ଷ ଟଙ୍କା ଦେବାକୁ ସ୍ଥିର କରାଯାଇଥିଲା। ଏହି ଆବେଦନର ଶେଷ ତାରିଖ ଗତ ସେପ୍ଟେମ୍ବର ୧୫ ତାରିଖ ରହିଥିଲା। ହେଲେ ଚକଗୁଡ଼ିକର ଦାମ୍ ଏତେ ଅଧିକ ଥିବାରୁ କିଣିବାକୁ କେହି ଆଗ୍ରହ ଦେଖାଉ ନାହାନ୍ତି। ଫଳରେ ପୁଣିଥରେ ସଂଶୋଧିତ ଏସ୍‌ଓପି ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ଏଥିରେ ଦର ପ୍ରାୟ ସମାନ ଥିବାବେଳେ କେବଳ ଆବେଦନର ତାରିଖ ବୃଦ୍ଧି କରାଯାଇ ନଭେମ୍ବର ୧୦ ତାରିଖ ରଖାଯାଇଛି। ଆବେଦନର ଶେଷ ତାରିଖ ପର ୧୫ ଦିନ ଭିତରେ ରଥ ଉପକରଣଗୁଡ଼ିକ ଦିଆଯିବା ନେଇ ଏସ୍‌ଓପିରେ ସୂଚନା ଦିଆଯାଇଛି।

ତେବେ ଚକଗୁଡ଼ିକର ମାତ୍ରାଧିକ ଦରକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଭକ୍ତ ଓ ସେବାୟତ। ଏହାଦ୍ୱାରା ବିଭିନ୍ନ ଧର୍ମପୀଠ ନେବାକୁ ଅସମର୍ଥ ପ୍ରକାଶ କରୁଛନ୍ତି। ଏଣୁ ମୂଲ୍ୟକୁ ନେଇ ପୁନର୍ବାର ବିଚାର କରିବାର ଆବଶ୍ୟକତା ରହିଛି। ସେହିପରି ମହାପ୍ରଭୁଙ୍କ ମହିମା ଓ ଗରିମାକୁ ନେଇ ଚକ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ ଏହାକୁ ବଜାୟ ରଖିବା ପାଇଁ ସେବାୟତ ମତ ପ୍ରକାଶ କରିଛନ୍ତି। ଶ୍ରୀଜଗନ୍ନାଥଙ୍କ ସହ ଅଙ୍ଗାଙ୍ଗୀ ଜଡ଼ିତ ଧର୍ମସ୍ଥଳୀକୁ ମାଗଣାରେ ପ୍ରଦାନ କରାଯାଉ ବୋଲି ଦାବି ରଖିଛନ୍ତି। ପୁରୀର ଅନେକ ମନ୍ଦିର ରହିଛି, ଯାହା ମହାପ୍ରଭୁଙ୍କ ରୀତିନୀତି ସହ ସମ୍ପୃକ୍ତ। ସେହି ମନ୍ଦିରକୁ ଅଗ୍ରାଧିକାର ଭିତ୍ତିରେ ନିଃଶୁଳ୍କ ଚକ ଯୋଗାଇ ଦିଆଯିବା ଦରକାର। ଫଳରେ ଚକଗୁଡ଼ିକର ପବିତ୍ରତା ରକ୍ଷା ସହିତ ଭକ୍ତମାନେ ଦର୍ଶନ କରିପାରିବେ।

---

### ଉପକୂଳ ଓ ରେଳବାଇ ସୁରକ୍ଷା ଭିତ୍ତିଭୂମିର ଆଧୁନିକୀକରଣ ଯୋଜନା

# ଉପକୂଳ ସୁରକ୍ଷା ପାଇଁ ବ୍ୟୟ ହେବ ୧୪୯.୯୫ କୋଟି

ଭୁବନେଶ୍ୱର,୬।୧୧(ସମିସ): ଉପକୂଳ ସୁରକ୍ଷା ନିମନ୍ତେ ୧୦ଟି ଆଧୁନିକ ଡ୍ରୋନ୍, ୩ଟି ଟ୍ରଲର୍ ଓ ୧୪୦ ଜଣ ସ୍ୱତନ୍ତ୍ର ପୁଲିସ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ଖୁବ ଶୀଘ୍ର ରିୟଲ୍-ଟାଇମ୍ ସର୍ଭେଲାନ୍ସ ପାଇଁ ଏକ ଆଧୁନିକ କମାଣ୍ଡ ଓ କଣ୍ଟ୍ରୋଲ୍ ସେଣ୍ଟର ଗଠନ କରାଯିବ ବୋଲି ପୁଲିସ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ସୂଚନା ଦେଇଛନ୍ତି। ଭୁବନେଶ୍ୱର ପୁଲିସ ଭବନଠାରେ ପୁଲିସ ଅଧିକାରୀମାନଙ୍କ ପାଇଁ ଏକ ଦିନିଆ

- ୧୫ ଜିଆର୍‌ପିଏସ୍‌ରେ ହେବ ସିସିଟିଭି ମନିଟରିଂ ସେଣ୍ଟର
- ଗଠନ ହେବ ଆଧୁନିକ କମାଣ୍ଡ ଓ କଣ୍ଟ୍ରୋଲ୍ ସେଣ୍ଟର

ଦକ୍ଷତା ବୃଦ୍ଧି କର୍ମଶାଳାଯୋଗ ଦେଇ ସେ କହିଛନ୍ତି ଯେ ୩୨ଟି ମାଛ ଧରା ବନ୍ଦର ଓ ଫିସିଂ ହାର୍ବର୍‌କୁ ସିସିଟିଭି ସିଷ୍ଟମ୍‌ରେ ଆବୃତ କରିବା ପାଇଁ କାମ ଚାଲିଛି। ଏହା ସହିତ ନୂଆ ନୌକା କିଣିବା ପ୍ରକ୍ରିୟା ଆରମ୍ଭ ହୋଇଛି। ରେଳବାଇ ପୁଲିସକୁ ଅଧିକ ଆଧୁନିକୀକରଣ କରିବାକୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଶ୍ରୀ ଖୁରାନିଆ ଅଧିକାରୀମାନଙ୍କୁ ନିଜ ଦକ୍ଷତାକୁ ନିରନ୍ତର ଅପଡେଟ୍ ରଖିବା ସହ ନୂଆ ଚାଲେଞ୍ଜ ସମ୍ପର୍କରେ ସବୁବେଳେ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାର ଏହି ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୧୪୯.୯୫ କୋଟି ଅନୁମୋଦନ କରିଛନ୍ତି ବୋଲି ସେ କହିଛନ୍ତି। ଏହା ସହ ସମସ୍ତ ୧୫ଟି ଜିଆର୍‌ପିଏସ୍‌ରେ ସିସିଟିଭି ମନିଟରିଂ ସେଣ୍ଟର ସ୍ଥାପନ ପାଇଁ ମଧ୍ୟ ଅର୍ଥ ଅନୁମୋଦନ ହୋଇଛି ବୋଲି ଡିଜିପି ସୂଚନା ଦେଇଛନ୍ତି।

ଭାରତୀୟ କୋଷ୍ଟ ଗାର୍ଡ ଅଧିକାରୀ କମାଣ୍ଡାଣ୍ଟ ରବୀନ୍ଦ୍ର କୁମାର ଯୋଗ ଦେଇ ଅର୍ନ୍ତଜାତୀୟ ଓ ଜାତୀୟ ସମୁଦ୍ର ସୁରକ୍ଷା ଆଇନ ସହିତ ସାମୁଦ୍ରିକ ସୁରକ୍ଷା ସମସ୍ୟା ସଂକ୍ରାନ୍ତରେ ସୂଚନା ଦେଇଥିଲେ। ଗୁଜୁରାଟର ଅବସରପ୍ରାପ୍ତ ଡିଜିପି ଡା. କେଶବ କୁମାର ଅପରାଧ ତଦନ୍ତରେ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ବିଷୟରେ ଆଲୋଚନା କରି ନିଜ ବ୍ୟକ୍ତିଗତ ଜୀବନର ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରିଥିଲେ।

ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା ବୃତ୍ତିଗତ ଦକ୍ଷତା, ସମୟୋପଯୁକ୍ତ ପ୍ରସ୍ତୁତି ଓ ଉପକୂଳ ସୁରକ୍ଷା ସୁନିଶ୍ଚିତ କରିବା ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଏହାସହ ରେଳବାଇ ଅପରାଧ ନିୟନ୍ତ୍ରଣ ସମ୍ପର୍କରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଆଇଜିପି ଆର୍‌ପିଏଫ୍ ଅଲୋକ ବୋହରା ବିଭିନ୍ନ ଏଜେନ୍ସିମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଓ ସହଯୋଗର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏଆଇଜି (ରେଳବାଇ ଓ ଉପକୂଳ ସୁରକ୍ଷା) ସତ୍ୟଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

---

# ନବୀନଙ୍କ ନିର୍ବାଚନୀ ସଭା ଭଣ୍ଡୁର କରିବାକୁ ବିଜେପି ଚକ୍ରାନ୍ତ କରୁଛି: ବିଜେଡି

ଭୁବନେଶ୍ୱର, ୬।୧୧(ସମିସ): ଆସନ୍ତାକାଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନୂଆପଡ଼ା ଓ ଖରିଆର ରୋଡ୍‌ରେ ରୋଡ୍ ସୋ' କରିବେ ଏବଂ ଏକ ନିର୍ବାଚନ ସଭାକୁ ସମ୍ବୋଧନ କରିବେ। କିନ୍ତୁ ଏହି ରୋଡ୍ ସୋ' ଓ ନିର୍ବାଚନୀ ସଭାକୁ ଭଣ୍ଡୁର କରିବା ପାଇଁ ବିଜେପି ଚକ୍ରାନ୍ତ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ସେହିପରି ବିଜେପିର ଆଜି ଆୟୋଜିତ ନିର୍ବାଚନୀ ସଭାରେ ଖୋଦ୍ ମୁଖ୍ୟମନ୍ତ୍ରୀ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରିଛନ୍ତି ବୋଲି ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି।



- ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହେଲା ବିଜେଡି
- ନବୀନଙ୍କ ପ୍ରଚାର ବେଳେ ବିଜେପି କର୍ମୀ ବିଶୃଙ୍ଖଳା କରିବା ନେଇ ଆଶଙ୍କା
- ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି

ରାଜ୍ୟସଭା ସାଂସଦ ତଥା ଦଳର ସାଧାରଣ ସମ୍ପାଦିକା ସୁଲତା ଦେଓ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଥିଲେ। ଆସନ୍ତା ଶୁକ୍ରବାର ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ସଭା ଓ ରୋଡ୍ ସୋ'କୁ ଭଣ୍ଡୁର କରିବା ପାଇଁ ବିଜେପି ନେତା ଓ କର୍ମୀମାନେ ଚକ୍ରାନ୍ତ କରୁଛନ୍ତି। ରୋଡ୍ ସୋ'ରେ ବିଶୃଙ୍ଖଳା କରିବା, ପଥରମାଡ଼ କରିବା ଓ ଉତ୍ତେଜନା ସୃଷ୍ଟି କରିବା ପାଇଁ ଯୋଜନା କରୁଛନ୍ତି ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ବିଜେଡି ଅଭିଯୋଗ କରିଛି। ଆସନ୍ତାକାଲି ହେବାକୁ ଥିବା ନିର୍ବାଚନୀ ସଭା ଓ ରୋଡ୍ ସୋ'କୁ ଶୃଙ୍ଖଳିତ ତଥା ନିରାପଦ ଭାବେ ଆୟୋଜନ କରିବା ଏବଂ ବିରୋଧୀ ଦଳ ନେତାଙ୍କ ସୁରକ୍ଷାର ସମସ୍ତ ବ୍ୟବସ୍ଥା କରିବା ପାଇଁ ବିଜେଡି ପ୍ରତିନିଧିଦଳ ଏକ ସ୍ମାରକପତ୍ର ଦେଇ ଅନୁରୋଧ କରିଛନ୍ତି।

ଅନ୍ୟପଟେ ଆଜି ଆୟୋଜିତ ବିଜେପିର ବିଭିନ୍ନ ସାଧାରଣ ସଭା ପାଇଁ ନୂଆପଡ଼ାରେ ଟ୍ରାଫିକ୍ ବିଶୃଙ୍ଖଳା, ବେଆଇନ ଭାବେ ରାସ୍ତା ଅବରୋଧ କରି ବିଜେପି ଖୋଲାଖୋଲି ଭାବେ ନିର୍ବାଚନ ଆଚରଣବିଧିର ଉଲ୍ଲଂଘନ କରିଛି। ଏହି ସମସ୍ତ ନିର୍ବାଚନ ସଭା ମୁଖ୍ୟମନ୍ତ୍ରୀ ଦ୍ୱାରା ସମ୍ବୋଧିତ ହୋଇଥିବାରୁ ଆଚରଣ ବିଧିର ଉଲ୍ଲଂଘନକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେଡି କହିଛି। ବିଜେଡିର ଏହି ପ୍ରତିନିଧିମଣ୍ଡଳୀରେ ମିହିର ରାୟ, ତୁମ୍ବନାଥ ପଣ୍ଡା, ନାରାୟଣ ଜେନା, ସୋଫିଆ ଆଲାମ, ରୀତାଞ୍ଜଳୀ ପ୍ରଧାନ, ଜ୍ୟୋତ୍ସ୍ନା ପରିଡ଼ା, ପ୍ରଦୀପ ପଣ୍ଡା ପ୍ରମୁଖ ସାମିଲ ଥିଲେ।

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

By virtue of an affidavit sworn before Executive Magistrate, Kujang, dated 06-11-2025 I, **RASHMIREKHA SAHOO,** W/o Ganeswar Sahoo Permanent resident- At- Talapada (Bhaliapatana), Po- Rahama, Ps- Tritol, Dist- Jagatsinghpur, PIN- 754140, State- Odisha declare that I have changed the name of my daughter's from **DIBYANISHA SAHOO** (Old name) to **DIBYA ANISHA SAHOO** (New name), Henceforth, she shall be known as **DIBYA ANISHA SAHOO** for all purposes.

Sd-( **RASHMIREKHA SAHOO**)

**AFFIDAVIT**

I, Golekha Chandra Swain, aged about 65 years, S/o- Late Netrananda Swain, resident of Vill: Sundarkani, PO: Japabhuan, PS: Erasama, Dist: Jagatsinghpur, PIN: 754139, Odisha declared by this affidavit No. 4780, dtd- 01/11/2025 that now onwards I shall be known as **GOLEKHA SWAIN** for all future purposes.

**AFFIDAVIT**

By virtue of an affidavit No.2669 sworn before the Executive Magistrate, Champua on dtd- 06/11/2025. I, **Bhupendra Kumar Mishra,** S/o- Krushna Chandra Mishra, permanent resident of Vill- Bdnpur Sasan, Champua, Po/Ps- Champua, Dist-Keonjhar, Odisha, Pin- 758041. I have changed my minor daughter's name from **Susree Arpita Mishra** (old name) to **Arpita Mishra** (new name). Henceforth, she shall be known as **ARPITA MISHRA** (new name) for all future purposes.

**Bhupendra Kumar Mishra**

**AFFIDAVIT**

By virtue of an affidavit No-2841 sworn before the Executive Magistrate, Sukinda, Jajpur on dt 02/11/2025. I, **Sanjukta Mohanta**, W/o- Sanjay Kumar Mohanta resident of At- Kabata, Po- Lembo, Ps- Sukinda, Dist- Jajpur, Pin- 755018. My son's birth certificate vide No. 4079/2017, issue dtd- 7/12/2017, name has been written **Himanshu Mohanta,** S/o- Sanjaya Mohanta (father) & Sanjukta Mohanta (mother) but in Aadhar card No. 676576991853 name has been written as **Sridhartha Mohanta,** I have declared that Himanshu Mohanta, S/o- Sanjaya Mohanta (father) & Sanjukta Mohanta (mother) and Sridhartha Mohanta, S/o Sanjaya Mohanta is same & one person. He will known as **Himanshu Mohanta** for all future purposes.

**Sanjukta Mohanta**

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated- 01/11/2025. I, **Susena Nayak,** S/o Kanhu Charan Nayak, permanent resident of At- Sabak Dhanurjaypur, PO- Silitia, PS- Baria, Dist- Keonjhar, Odisha, PIN- 758032 declare that I have changed my daughter's name from **Khiramani Nayak** to **Sunayana Nayak.** Henceforth, she shall be known as **Sunayana Nayak** (new name) for all purposes.

**Susena Nayak**

---

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବେତନ ଓ ପେନ୍‌ସନରେ...

୨୦୨୫-୨୬ରେ ରାଜ୍ୟଗୁଡ଼ିକ ସେମାନଙ୍କ ରାଜସ୍ୱ ଆୟର ୫୦ ପ୍ରତିଶତ ଅର୍ଥ ଦରମା, ପେନସନ ଏବଂ ସୁଧ ଦେୟ ପାଇଁ ଖର୍ଚ୍ଚ କରିବେ ବୋଲି ଆକଳନ କରାଯାଇଛି। ଆସାମ, ହିମାଚଳ ପ୍ରଦେଶ, କେରଳ, ପଞ୍ଜାବ ଏବଂ ତାମିଲନାଡୁ ଭଳି ରାଜ୍ୟଗୁଡ଼ିକ ପୂର୍ବ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ୬୦ ପ୍ରତିଶତରୁ ଅଧିକ ଅର୍ଥ ଖର୍ଚ୍ଚ କରିବେ ବୋଲି ଆକଳନ କରାଯାଇଛି।

ରିପୋର୍ଟ ଅନୁସାରେ ପୂର୍ବ ଧାର୍ଯ୍ୟ ଲକ୍ଷ୍ୟ ଅନେକ ରାଜ୍ୟକୁ ତୁରନ୍ତ ଖର୍ଚ୍ଚ ପାଇଁ ମଧ୍ୟ ଋଣ ନେବାକୁ ବାଧ୍ୟ କରିଛି। ଏହା ଫଳରେ ମୋଟ ଋଣ ଜିଡିପିର ୨୭.୫ ପ୍ରତିଶତରେ ପହଞ୍ଚିଛି, ଯାହା ସୁପାରିଶ କରାଯାଇଥିବା ୨୦ ପ୍ରତିଶତ ସୀମାଠାରୁ ବହୁତ ଅଧିକ। ଏହା ରାଜ୍ୟଗୁଡିକର ଋଣ ବାବଦ ସୁଧ ପୈଠ ପରିମାଣ ବୃଦ୍ଧି କରିଛି, ଯାହା ଆର୍ଥିକବର୍ଷ ୨୦୨୪ରେ ରାଜସ୍ୱ ପ୍ରାପ୍ତିର ୧୩ ପ୍ରତିଶତ ଥିଲା। ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିଶ ଯୋଗୁଁ ନିରନ୍ତର ସ୍ଥାନାନ୍ତର ହ୍ରାସ ରାଜ୍ୟଗୁଡ଼ିକର ଖର୍ଚ୍ଚ ସ୍ୱାୟତ୍ତତାକୁ ଆହୁରି ହ୍ରାସ କରିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନିକଟରେ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି। ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସର ଏକ କର୍ମଶାଳାରେ କେନ୍ଦ୍ରଅର୍ଥମନ୍ତ୍ରୀ ଅନେକ ରାଜ୍ୟ ସେମାନଙ୍କ ଆୟର ପ୍ରାୟ ୭୦ ପ୍ରତିଶତ ଦରମା ଏବଂ ପେନସନରେ ଖର୍ଚ୍ଚ କରୁଛନ୍ତି, କେବଳ ୩୦ ପ୍ରତିଶତ ବିକାଶ ଆବଶ୍ୟକତା ରହୁଥିବା ଉଲ୍ଲେଖ କରି ଏଥିପାଇଁ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ମହିଳାଙ୍କ ପାଇଁ ନିରନ୍ତର ନଗଦ ହସ୍ତାନ୍ତର (ୟୁସିଟି) ଯୋଜନାର ପ୍ରସାର ରାଜ୍ୟର ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଛି । ୨୦୨୩ ମାତ୍ର ୨ଟି ରାଜ୍ୟ ମହିଳାଙ୍କୁ ମାଗଣା ସହାୟତା ଯୋଜନା ପ୍ରଚଳନ କରିଥିବାବେଳେ ଏବେ ଏହା ୧୨ଟି ରାଜ୍ୟରେ ପ୍ରଚଳିତ ହେଉଛି। ଏଥିପାଇଁ ଏହି ରାଜ୍ୟଗୁଡ଼ିକ ଗୋଟିଏ ବର୍ଷରେ ୧.୬୮ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଯାହା ଫଳରେ ରାଜ୍ୟଗୁଡ଼ିକର ରାଜସ୍ୱ ନିଅଣ୍ଟ ବୃଦ୍ଧି କରିଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି ।

### ଖସୁଛି ତାପମାତ୍ରା...

ଝାରସୁଗୁଡ଼ା, ମୋହନାରେ ତାପମାତ୍ରା ୧୪ ଡିଗ୍ରୀ ସହ ଭୁବନେଶ୍ୱରରେ ୧୮ ଡିଗ୍ରୀ ସେଲ୍‌ସିୟସ, ବାଲେଶ୍ୱରରେ ୧୬ ଡିଗ୍ରୀ ସେଲ୍‌ସିୟସକୁ ଖସିପାରେ। ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ଏହି ଥଣ୍ଡା ଜାରି ରହିବ। ଦିନର ତାପମାତ୍ରା ଦକ୍ଷିଣ ଆଭ୍ୟନ୍ତରୀଣରେ ୨୪ ଡିଗ୍ରୀ ଉତ୍ତର ଆଭ୍ୟନ୍ତରୀଣରେ ୨୪-୨୫ ଡିଗ୍ରୀ ଓ ଭୁବନେଶ୍ୱର ସମେତ ଉପକୂଳରେ ୨୭-୨୮ ଡିଗ୍ରୀକୁ ଖସିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ଗୁରୁବାର ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବିସ୍ତାରିତ ପରିସର ଆକଳନରେ ଦର୍ଶାଯାଇଛି ଯେ, ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ଶୀତର ପ୍ରଭାବ ରହିବ। ଏହି ସମୟରେ ଅନେକ ସ୍ଥାନରେ ରାତିର ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବ। ବିଶେଷ କରି ୧୪-୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବା ହେତୁ ଶୀତର ପ୍ରଭାବ ଅଧିକ ରହିବ। ଏମିତି କି ଏହି ସମୟରେ କିଛି ଜିଲ୍ଲାରେ ଶୀତ ଲହରୀ ପଡ଼ିବାର ମଧ୍ୟ ସମ୍ଭାବନା ରହିଛି।

---

### ଜି-୨୦ ରିପୋର୍ଟ — ଭାରତରେ ଖୁବ୍ ଜୋରରେ ବଢୁଛି ଧନୀ-ଗରିବ ବ୍ୟବଧାନ

# ୨୩ ବର୍ଷରେ ଅତି ଧନୀଙ୍କ ସମ୍ପତ୍ତି ୬୨% ବଢ଼ିଛି

ନୂଆଦିଲ୍ଲୀ,୬।୧୧(ଏଜେନ୍ସି): ଦେଶରେ ଦିନକୁ ଦିନ ବଢିବାରେ ଲାଗିଛି ଧନୀ ଏବଂ ଗରିବଙ୍କ ମଧ୍ୟରେ ବ୍ୟବଧାନ। ଗତ ୨୩ ବର୍ଷ ମଧ୍ୟରେକେବଳ ୧ ପ୍ରତିଶତ ବ୍ୟକ୍ତିଙ୍କ ସମ୍ପତ୍ତି ବଢ଼ିଛି। ଅର୍ଥାତ୍ ଅଧିକ ଧନୀ ହେଉଛନ୍ତି ଧନୀ ଏବଂ ଗରିବମାନେ ଅଧିକ ଗରିବ ହେବାରେ ଲାଗିଛନ୍ତି। ବର୍ଷ ୨୦୦୦ ରୁ ୨୦୨୩ ମଧ୍ୟରେ ଭାରତର ସବୁଠାରୁ ଧନୀ ୧ ପ୍ରତିଶତ ଲୋକଙ୍କ ସମ୍ପତ୍ତି ୬୨ ପ୍ରତିଶତ ବୃଦ୍ଧି ପାଇଛି। ଜି-୨୦ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି।

ନୋବେଲ ପୁରସ୍କାର ବିଜେତା ଜୋସେଫ ଷ୍ଟିଗଲିଟ୍ଜଙ୍କ ଅଧ୍ୟକ୍ଷତାରେ ଏକ ସର୍ଭେ କରାଯାଇଥିଲା।ଏଥିରେ ଧନୀ-ଗରିବଙ୍କ ସମ୍ପତ୍ତି ବାବଦରେ ଅନେକ ଅଧ୍ୟୟନ କରାଯାଇଥିଲା,ଯେଉଁଥିରେ ଭାରତରେ ବୃଦ୍ଧି ପାଉଥିବା ଆର୍ଥିକ ଅସମାନତା କଥା କୁହାଯାଇଛି। ଷ୍ଟିଗଲିଟ୍ଜଙ୍କ ନେତୃତ୍ୱରେ ହୋଇଥିବା ଏହି ଅଧ୍ୟୟନରେ ସତର୍କ କରାଯାଇଛି ଯେ ବିଶ୍ୱ ଅସମାନତା ବର୍ତ୍ତମାନ ଏକ ସଙ୍କଟଜନକ ସ୍ଥିତିରେ ପହଞ୍ଚିଛି, ଯାହା ଗଣତନ୍ତ୍ର, ଆର୍ଥିକ ସ୍ଥିରତା ଏବଂ ଜଳବାୟୁ ପରିବର୍ତ୍ତନକୁ ବିପଦରେ ପକାଇଛି। ସ୍ଥିତି ଏମିତି ହୋଇଛି ଯେ, ବିଶ୍ୱର ଶୀର୍ଷ ଏକ ପ୍ରତିଶତ ଅତି ଧନୀ, ୨୦୦୦ ରୁ ୨୦୨୪ ମଧ୍ୟରେ ସୃଷ୍ଟି ହୋଇଥିବା ସମସ୍ତ ନୂତନ ସମ୍ପତ୍ତିର ୪୧ ପ୍ରତିଶତ ହାସଲ କରିଛନ୍ତି। ଅପରପକ୍ଷେ , ନିମ୍ନ ସ୍ତରରେ ଥିବା ରହୁଥିବା ଲୋକସଂଖ୍ୟାର ଅଧାଭାଗ କେବଳ ୧ ପ୍ରତିଶତ ସମ୍ପତ୍ତି ପାଇଛନ୍ତି। ଏହି କମିଟିରେ ଅର୍ଥନୀତିଜ୍ଞ ଜୟତି ଘୋଷ, ୱିନି ବାୟାନିମା ଏବଂ ଇମ୍ରାନ ଭାଲୋଡିଆ ରହିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ବ୍ୟାପକ ଭାବରେ ପରିମାପିତ କ୍ରସ୍-କଣ୍ଟ୍ରି ଅସମାନତା ହ୍ରାସ ପାଇଛି, କାରଣ ଚୀନ୍ ଏବଂ ଭାରତ ଭଳି କିଛି ଉଚ୍ଚ ଜନସଂଖ୍ୟା ବିଶିଷ୍ଟ ଦେଶରେ ମୁଣ୍ଡପିଛା ଆୟ ବୃଦ୍ଧି ପାଇଛି। ଏହା ବିଶ୍ୱ ମୋଟ ଘରୋଇ ଉତ୍ପାଦ (ଜିଡିପି) ରେ ଉଚ୍ଚ-ଆୟକାରୀ ଦେଶଗୁଡ଼ିକର ଅଂଶକୁ କିଛି ପରିମାଣରେ ହ୍ରାସ କରିଛି। ଏଥିରେ କୁହାଯାଇଛି ଯେ ୨୦୦୦ରୁ ୨୦୨୩ ମଧ୍ୟରେ ଅତି ଧନୀମାନେ ବିଶ୍ୱର ସମସ୍ତ ଦେଶରେ ସେମାନଙ୍କର ସମ୍ପତ୍ତି ବୃଦ୍ଧି କରିଛନ୍ତି, ଯାହା ବିଶ୍ୱ ସମ୍ପତ୍ତିର ୭୪ ପ୍ରତିଶତ। ରିପୋର୍ଟ ଅନୁଯାୟୀ, ୨୦୦୦-୨୦୨୩ ମଧ୍ୟରେ ଭାରତର ଶୀର୍ଷ ଏକ ପ୍ରତିଶତ ଧନୀଙ୍କ ସମ୍ପତ୍ତି ୬୨% ପ୍ରତିଶତ ବୃଦ୍ଧି ପାଇଛି।

---

# ଘରୋଇ ହସ୍ପିଟାଲରେ କର୍ମଚାରୀଙ୍କୁ ଯୌନ ନିର୍ଯାତନା

ଭୁବନେଶ୍ୱର, ୬।୧୧ (ସମିସ): ନାଲକୋ ଛକସ୍ଥିତ କଳିଙ୍ଗ ହସ୍ପିଟାଲରୁ ସାଙ୍ଘାତିକ ଅଭିଯୋଗ ଆସିଛି। ଯୌନ ନିର୍ଯାତନା ଦିଆଯାଉଥିବା ନେଇ ମହିଳା ଓଟି ଇନଚାର୍ଜ (ନର୍ସ) ଅଭିଯୋଗ ଆଣିଛନ୍ତି। ବିରୋଧ ଓ ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ନିର୍ଯାତନା ଠାରୁ ସାଙ୍ଘାତିକ କଥା ହେଉଛି, ନ୍ୟାୟ ଦେବା ବଦଳରେ ଚାକିରିରୁ ବାହାର କରିଦେଇଛନ୍ତି କର୍ତ୍ତୃପକ୍ଷ। ଏନେଇ ଆଜି ଚନ୍ଦ୍ରଶେଖରପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି ପୀଡ଼ିତା। ଟେକ୍ନିସିଆନ ଶୁଭଙ୍କର ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ତା'ର ଇନଚାର୍ଜ ଦିଲ୍ଲୀପ ସେଠୀ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗୁରୁଡ଼ିଝାଟିଆ ଅଞ୍ଚଳରେ ମହିଳା ୧୦ ମାସ ହେବ କଳିଙ୍ଗ ହସ୍ପିଟାଲର ଓଟି ଇନଚାର୍ଜ (ନର୍ସ) ଭାବେ କାମ କରି ଆସୁଥିଲେ। ଡାକ୍ତରଖାନାରେ ଚାଲିଥିବା ଅନିୟମିତତା ସମ୍ପର୍କରେ ମୁହଁ ଖୋଲିବାରୁ ତାଙ୍କୁ କିଛି କର୍ମଚାରୀ ବିରୋଧ କରି ଆସୁଥିଲେ। ଗତମାସ ୨୫ ତାରିଖରେ ମହିଳା ଜଣକ ଡ୍ୟୁଟିରେ ଥିବାବେଳେ ଟେକ୍ନିସିଆନ ଶୁଭଙ୍କର ତାଙ୍କ ସମ୍ବେଦନଶୀଳ ଅଙ୍ଗରେ ହାତ ମାରିଥିଲେ। ବିରୋଧ କରିବାରୁ ସର୍ବସମ୍ମୁଖରେ ଗାଳିଗୁଲଜ କରିବା ସହ ଅସଦାଚରଣ କରିଥିଲେ। ଥାନାରେ ଅଭିଯୋଗ କଲେ ଉଲଗ୍ନ କରି ଭିଡିଓ କରିବା ସହ ଭାଇରାଲ କରିଦେବ ବୋଲି ଶୁଭଙ୍କର ଧମକ ଦେଇଥିଲା। ଏଥିସହିତ ଜୋର ଜବରଦସ୍ତ ମହିଳାଙ୍କର କିଛି ଭିଡିଓ ରେକର୍ଡ କରିଥିଲା। ଶୁଭଙ୍କର ସାଙ୍ଗ ତଥା ଟେକ୍ନିସିଆନ ପ୍ରଶାନ୍ତ ମଧ୍ୟ



ମହିଳାଙ୍କୁ ଗାଳିଗୁଲଜ କରିଥିଲା। ମହିଳା ଜଣକ ଶୁଭଙ୍କରର ଇନଚାର୍ଜ ଦିଲ୍ଲୀପ ସେଠୀଙ୍କ ନିକଟରେ ଫେରାଦ ହୋଇଥିଲେ। ହେଲେ ଦିଲ୍ଲୀପ ବୁଝିବା ବଦଳରେ ଶୁଭଙ୍କର ସହ ମିଶି ଦୁଷ୍କର୍ମ କରିବାର ଧମକ ଦେଇଥିଲେ। ପୀଡ଼ିତା ନର୍ସ ଡାଇରେକ୍ଟରଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା।

ଘଟଣାର ୩ ଦିନ ପରେ ଅର୍ଥାତ୍ ୨୮ ତାରିଖ ଦିନ ଶୁଭଙ୍କର ଅଭିଯୋଗ କରିଥିବା ନେଇ ଡାକ୍ତରଖାନାର ଏଚ୍‌ଆର୍ ମୁଖ୍ୟ ପୀଡ଼ିତାଙ୍କୁ ଡାକି କହିଥିଲେ। ଶୁଭଙ୍କର ମୋତେ ଯୌନ ନିର୍ଯାତନା ଦେଇଥିବା ନେଇ ଅଭିଯୋଗ କରିଥିଲେ ମଧ୍ୟ ଏଯାଏଁ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ପୀଡ଼ିତା ପ୍ରଶ୍ନ କରିଥିଲେ। ତାପରେ ଏଚ୍‌ଆର୍ ମୁଖ୍ୟ ନର୍ସ ଡାଇରେକ୍ଟରଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ

- ନ୍ୟାୟ ଦେବା ବଦଳରେ ଚାକିରିରୁ କାଢ଼ିଦେଲେ
- ଶୁଣିଲେନି କର୍ତ୍ତୃପକ୍ଷ; ଥାନାରେ ଏତଲା
- ଆଜି ପୀଡ଼ିତାଙ୍କ ବୟାନ ରେକର୍ଡ

ବୁଝିଥିଲେ। ଏହାପରେ ଡାକ୍ତରଖାନା ଅଧୀକ୍ଷକ, ଏଚ୍‌ଆର୍ ମୁଖ୍ୟ, ଏଚ୍‌ଆର୍ ମ୍ୟାନେଜର ଓ ନର୍ସ ଡାଇରେକ୍ଟର ପୀଡ଼ିତା ଡାକି ତଦନ୍ତରେ ଶୁଭଙ୍କର ମହାପାତ୍ରର କୌଣସି ଦୋଷ ପାରିଲେନି ବୋଲି ଜଣାଇଥିଲେ। କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକ୍ରମେ ତୁମେ ଇସ୍ତଫା ଦେଇଦିଅ ନଚେତ୍ ବହିଷ୍କାର କରି ଦିଆଯିବ ବୋଲି ପୀଡ଼ିତାଙ୍କୁ କହିଥିଲେ। କୌଣସି ଅଭିଜ୍ଞତା ପ୍ରମାଣପତ୍ର ଦିଆଯିବ ନାହିଁ ଓ ଆବଶ୍ୟକ ପଡ଼ିଲେ କଳା ତାଲିକାଭୁକ୍ତ କରିଦେବୁ ବୋଲି ଧମକ ଦେଇଥିଲେ। ଏମିତକି ସେ ଅଭିଯୋଗକାରିଣୀ ହୋଇଥିଲେ ମଧ୍ୟ ତାଙ୍କୁ ତଦନ୍ତ ରିପୋର୍ଟ ଦିଆଯାଇନଥିଲା। ଯୌନ ନିର୍ଯାତନା ପରେ ମାନସିକ ନିର୍ଯାତନା ପାଇ ପୀଡ଼ିତା ବୁଧବାର ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଛନ୍ତି। ଘଟଣାଟି ମୈତ୍ରୀ ବିହାର ଥାନା ଅଞ୍ଚଳର ହୋଇଥିବାରୁ ଚନ୍ଦ୍ରଶେଖରପୁର ଥାନା ପୁଲିସ ଜିରୋ ଏଫ୍‌ଆଇଆର୍ ରୁଜୁ କରି ପଠାଇ ଦେଇଛି। ଜିରୋ ଏଫ୍‌ଆଇଆର୍ ପାଇବା ପରେ ମାମଲା ରୁଜୁ କରିଛି ମୈତ୍ରୀ ବିହାର ଥାନା ପୁଲିସ। ତେବେ ଆସନ୍ତାକାଲି ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବ। ପୀଡ଼ିତାଙ୍କ ବୟାନ ଆଧାରରେ ତଦନ୍ତ ଆଗକୁ ବଢ଼ିବ ବୋଲି ପୁଲିସ କହିଛି। ଡାକ୍ତରଖାନା ପରିସରରେ କର୍ମଚାରୀଙ୍କୁ ଯୌନ ନିର୍ଯାତନା ଘଟଣା ସାମ୍ନାକୁ ଆସିବା ପରେ ମହିଳା ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଇଣ୍ଟରନାଲ ଅଭିଯୋଗ କମିଟି (ଆଇସିସି) ପୀଡ଼ିତାଙ୍କୁ ନ୍ୟାୟ ଦେବା ବଦଳରେ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଛି।

### ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରୁନାହାନ୍ତି ତହସିଲଦାର

# ଜଟିଳ ହେଉଛି ଛତାବରର ଜଳନିଷ୍କାସନ ସମସ୍ୟା

ବାରିକପୁର,୬ ।୧୧(ସମିସ)

ଭଣ୍ଡାରିପୋଖରୀ ବ୍ଲକ ଛତାବରଠାରୁ ଛଞ୍ଚିଣା ଓ ଛତାବରଠାରୁ ବଳିଘାଇ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ହେବା ପରେ ଏବେ ଉକ୍ତ ଅଞ୍ଚଳରେ ଜଳ ନିଷ୍କାସନ ସମସ୍ୟା ଜଟିଳ ହେବାରେ ଲାଗଛି । ସୂଚନା ମୁତାବକ, ଜାତୀୟ ରାଜପଥର ଛତାବର ଟୋଲଗେଟ ଡାହାଣ ପାର୍ଶ୍ୱରେ ସାମାନ୍ୟ ବର୍ଷା ହେଲେ ପ୍ରଚୁର ପାଣି ଜମି ଯାଏ। ଏପରିକି ମଞ୍ଜୁରୀରୋଡ଼ ଠାରୁ ଆଖୁଆପଦା ଯାଏଁ ବିସ୍ତୀର୍ଣ୍ଣ ଅଞ୍ଚଳରୁ ଆସୁଥିବା ପାଣି ବର୍ଷାଦିନେ ଏଠାରେ ଏକତ୍ରିତ ହୋଇଥାଏ। ତେଣୁ ଶହ ଶହ ହେକ୍ଟର ଚାଷ ଜମି କ୍ଷତି ହୋଇଥାଏ। ତେଣୁ ଉକ୍ତ ସମସ୍ୟାକୁ କିଛି ମାତ୍ରାରେ ଏଡାଇବା ପାଇଁ ଟୋଲ ଗେଟ ସଂଲଗ୍ନ ନେଉଳିଆ ଢ଼ାବା ନିକଟରେ ଜାତୀୟ ରାଜପଥକୁ କାଟି ନୂତନ ଜଳନିଷ୍କାସନ ପଥ ନିର୍ମାଣ ହୋଇଥିଲା। ଏହି ପଥରେ ପାଣି ଗଲେ ଛତାବର ବଳିଘାଇ ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନେଜ ନାଳରେ ଏହା ନିଷ୍କାସନ ହୋଇପାରିବ ବୋଲି ଚିନ୍ତା କରାଯାଇଥିଲା। ପରିତାପର ବିଷୟ ଗୋଟିଏ ସ୍ଥାନକୁ



ସୁରକ୍ଷା ଦେବାକୁ ଯାଇ ଅନ୍ୟ ଏକ ସ୍ଥାନର ଚାଷ ଜମି ଜଳମଗ୍ନ ହେଉଥିବା ପରବର୍ତ୍ତୀ ସମୟରେ ଦେଖାଗଲା। ଛତାବର ବଳିଘାଇ ରାସ୍ତା ପ୍ରଶସ୍ତିକରଣ ଯୋଗୁ ଦୁଇ ପାର୍ଶ୍ୱରେ ଥିବା ବୃହତ ଡ୍ରେନେଜ ନାଳ ଅର୍ଦ୍ଧାଧିକ ଅଂଶକୁ ପୋତାଯାଇଛି। ତେଣୁ ଜଳ ନିଷ୍କାସନ ପାଇଁ ଅସୁବିଧା ହେବାରୁ ଭୂତିଆ ଆଦିବାସୀ ସାହି ନିକଟସ୍ଥ ହନୁମାନ ମନ୍ଦିର ଠାରେ ରାସ୍ତାକୁ କାଟି ଏକ କଲଭର୍ଟ ନିର୍ମାଣ ପାଇଁ ସ୍ଥାନୀୟ ଲୋକ ଦାବି କରିଥିଲେ। ଏନେଇ ବହୁବାର ଚାଷୀମାନେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ। ବାରମ୍ବାର ଅଭିଯୋଗ ହେବାପରେ ଜିଲ୍ଲାପାଳ ଘଟଣାକୁ ଗୁରୁତର ସହ ନେବା ସହିତ ଏଡିଏମଙ୍କ ତତ୍ତ୍ୱାବଧାନରେ ତହସିଲଦାର କ୍ଷତ୍ରୀୟ ତଦନ୍ତ କରିବେ ବୋଲି ନିର୍ଦ୍ଦେଶ ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗୋଟିଏ ଗୋଷ୍ଠୀ ଏଠାରେ କଲଭର୍ଟ ନିର୍ମାଣ ନ ହେବା ପାଇଁ ପ୍ରଶାସନ ନିକଟରେ ଅଭିଯୋଗ କରିଥିବା ବେଳେ ଅନ୍ୟ ଗୋଷ୍ଠୀ ଜଳ ନିଷ୍କାସନ ସମସ୍ୟାକୁ ଏଡାଇବା ପାଇଁ କଲଭର୍ଟ ନିର୍ମାଣ ଅପରିହାର୍ଯ୍ୟ ବୋଲି ଦାବି କରିଛି। ପୂର୍ତ୍ତ ବିଭାଗ ଯନ୍ତ୍ରୀ ମାନେ ଉକ୍ତ ସ୍ଥାନରେ ରାସ୍ତା ଖୋଳି କଲଭର୍ଟ ନିର୍ମାଣ ପାଇଁ ପ୍ରସ୍ତୁତି କରିଥିବା ବେଳେ ତାହା ଏଯାଏଁ ସମ୍ଭବ ହୋଇପାରୁନାହିଁ। ଏପଟେ ଉଭୟ ପକ୍ଷକୁ ଡାକି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ତାହା ମାସାଧିକ ହେଲା କାର୍ଯ୍ୟକାରୀ ହେଉନାହିଁ। ଏପରିକି ତହସିଲଦାର କ୍ଷେତ୍ରକୁ ଯାଇ ସ୍ଥିତି ଅନୁଧ୍ୟାନ କରୁନଥିବା ଅଭିଯୋଗ ମଧ୍ୟ ହୋଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ତଳସ୍ତର ଅଧିକାରୀ କାର୍ଯ୍ୟକାରୀ କରୁନଥିବା ବେଳେ ସାଧାରଣ ଲୋକଙ୍କ ସମସ୍ୟା କେଉଁଭଳି ସମାଧାନ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମହିଳାଙ୍କୁ ମାରଣାନ୍ତକ ଆକ୍ରମଣ

ବାରିକପୁର,୬ ।୧୧(ସମିସ): ଭଣ୍ଡାରିପୋଖରୀ ଥାନା ଉତ୍ତରାଗଡିଆ ଗ୍ରାମରେ ଜଣେ ମହିଳାଙ୍କୁ ମାରଣାନ୍ତ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ଭାରତୀ ସାହୁଙ୍କୁ ମିନତୀ ସାହୁ ଓ ତାଙ୍କ ପୁଅ ମାଡ଼ ମାରି ଲହୁଲୁହାଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଆକ୍ରମଣରେ ଶିକାର ହୋଇଥିବା ଭାରତୀଙ୍କ ସ୍ୱାମୀ ପ୍ରମୋଦ କୁମାର ସାହୁ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗକୁ ଭିତ୍ତି କରି ୫୦୫/୨୫ରେ ଏକ ମାମଲା ରୁଜୁ କରିଛି।

## ମଦ ଜବତ; ୨ ଗିରଫ



ବାରିକପୁର,୬ ।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଆଜି ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଧାମନଗର ଅବକାରୀ ଥାନା ନିରୀକ୍ଷକ ଅଭିଳାଷ ପାଲଙ୍କ ନେତୃତ୍ୱରେ ଆଜି ଭୋର ସମୟରେ ଚଢ଼ାଉ ଆରମ୍ଭ ହୋଇଥିଲା। ଅବକାରୀ ଟିମ କୁରିଗାଁ, ରହଣିଆ, ସରସଦା ଆଦି ଅଞ୍ଚଳକୁ ଯାଇ ତଲାସୀ ଆରମ୍ଭ କରିଥିଲା। ସେଠାରୁ କୌଣସି ଚୋରା ମଦ ଧରିବାରେ ସଫଳ ହୋଇନଥିବା ବେଳେ ପରେ କୋଟସିରା ଓ ମଞ୍ଜୁରୀ ଅଞ୍ଚଳରେ ଚଢ଼ଉ କରାଯାଇଥିଲା। ଚଢ଼ାଉ ବେଳେ ୩୦ଲିଟର ଦେଶୀ ମଦ ଜବତ ହୋଇଥିବା ବେଳେ ବେଆଇନ ବିକ୍ରି ଅଭିଯୋଗରେ ଟିମ ଦୁଇଜଣଙ୍କୁ ଗିରଫ କରିଥିଲା। ଏନେଇ ଅବକାରୀ ବିଭାଗ ୨ଗୋଟି ମାମଲା ରୁଜୁ କରିଛି। ୨ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ଚୋରି



ଦୋବଲ,୬ ।୧୧(ସମିସ): ଦୋବଲ ଜୋନ ଅନ୍ତର୍ଗତ ସୋହଡା ପଞ୍ଚାୟତ ବେଦପୁର ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ଡାକ୍ତର ଜୟଶ୍ରୀ ପୁଷ୍ଟିଆ ଆଜି ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଗତ ୪ ତାରିଖ ଚୋରମାନେ ମେଡ଼ିକାଲ ପରିସରରେ ପଶି ଟିଉଓ୍ୱେଲ ସମେତ ପାଣି ମୋଟର ଚୋରିକରି ନେଇଯାଇଥିଲେ। ପୁଣି ୫ ତାରିଖ ରାତିରେ ଚୋରମାନେ ଆରୋଗ୍ୟ କେନ୍ଦ୍ରର ପଛପାଖ କବାଟ ଭାଙ୍ଗି ଘର ଭିତରକୁ ପଶି ଫ୍ୟାନ୍, ଚେୟାର ଓ ଅଫିସ ସାମଗ୍ରୀ ସହିତ ମେଡିକାଲ କାଗଜପତ୍ର ଓ ଔଷଧ ନେଇଯାଇଛନ୍ତି। ଆଜି ସକାଳେ ଚିକିତ୍ସାଳୟକୁ ଡାକ୍ତର ଜୟଶ୍ରୀ ପୁଷ୍ଟିଆ, ଆଶାକର୍ମୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମିଳିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଆଇନଜୀବୀଙ୍କ ସ୍ମୃତିଚାରଣ ସଭା




ବାରିକପୁର,୬ ।୧୧(ସମିସ): ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବାର ଆସୋସିଏସନର ପୂର୍ବତନ ସଭାପତି ତଥା ସାରୋ ଉଚ୍ଚ ବିଦ୍ୟାଳୟ, ଚିକିତ୍ସାଳୟ, ଦେବାଳୟ ଆଦିର ପ୍ରତିଷ୍ଠାତା ଡ଼. ଅଶୋକ କୁମାର ମହାପାତ୍ରଙ୍କ ୫ମ ବାର୍ଷିକ ସ୍ମୃତିଚାରଣ ସଭା ଶ୍ୟାମସୁନ୍ଦର ମହାପାତ୍ର ବିଦ୍ୟା ନିକେତନଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମନୋରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟ ଅତିଥି ଭାବେ ଶିଳ୍ପୀ ନାରାୟଣ ଚନ୍ଦ୍ର ସେନାପତି, ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା, ସମ୍ମାନିତ ଅତିଥି ଓ ବକ୍ତା ଭାବେ ଡ଼.ସନ୍ତୋଷ କୁମାର ମହାପାତ୍ର, "ଅଞ୍ଜଳି'ର ସମ୍ପାଦକ ପ୍ରକାଶ ମହାପାତ୍ର, ନାରାୟଣଚନ୍ଦ୍ର ଭାରତୀ, ଶରତ ଚନ୍ଦ୍ର ମହାପାତ୍ର, ପ୍ରଧାନଶିକ୍ଷକ ବୈକୁଣ୍ଠନାଥ ବିଶ୍ୱାଳ,ଗଜେନ୍ଦ୍ର ସାହୁ, ଅକ୍ଷୟ ଜେନା, ଜଗବନ୍ଧୁ ସେଠୀ, ପ୍ରମୁଖ ଡ଼.ମହାପାତ୍ରଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଶିଳ୍ପୀ ନାରାୟଣ ସେନାପତିଙ୍କୁ "ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଶିକ୍ଷକ ଅକ୍ଷୟ କୁମାର ମହାପାତ୍ର ଅତିଥି ପରିଚୟ ଓ ସନ୍ତୋଷ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୁଲସ୍ତରୀୟ ଛାୟା ସାଂସଦ କାର୍ଯ୍ୟକ୍ରମ




ଭଦ୍ରକ,୬।୧୧(ସମିସ): ଭଦ୍ରକ ଜିଲ୍ଲା ସ୍କୁଲରେ ହାଇସ୍କୁଲସ୍ତରୀୟ ଛାୟା ସାଂସଦ କାର୍ଯ୍ୟକ୍ରମ ୨୦୨୫ ଏବଂ କଳା ପ୍ରଦର୍ଶନୀ ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀ ବଡ଼ ହୋଇ ସାଂସଦ ଭବନରେ ସମ୍ବିଧାନର ନିୟମ ଅନୁପାଳନ କରି ନିଜର ଦକ୍ଷତା ନିଜ ନିଜ ଅଞ୍ଚଳର ମୌଳିକ ସମସ୍ୟା ଯୋଜନା ସଠିକ୍ ତଥ୍ୟ ଉପସ୍ଥାପନ କରି ପ୍ରତିପାଦନ କରିବା ସହ ଦେଶ ଓ ରାଜ୍ୟର ନେତୃତ୍ୱ ନେଇପାରିବେ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁଙ୍କ ସମେତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କଳା ପ୍ରଦର୍ଶନୀ ଜିଲ୍ଲାପାଳ ବୁଲି ଦେଖୁଥିଲେ।

## ଗଦୀ ଗାନ୍ଧୀ ପଡିଆରେ ରାହାସ ଉତ୍ସବ



ବାସୁଦେବପୁର,୬ ।୧୧(ସମିସ): ବାସୁଦେବପୁର ବ୍ଲକ ଗୋପବନ୍ଧୁନଗର ପଞ୍ଚାୟତର ଗଦି ଗାଁର ଗାନ୍ଧୀ ପଡିଆ ପରିସରରେ ରାହାସ ଉତ୍ସବ ପାଳିତ ହୋଇଯାଇଛି। ରାହାସ କମିଟି ପକ୍ଷରୁ ଅନୁଷ୍ଠିତ ରାହାସ ଉତ୍ସବ ଅବସରରେ ଗାନ୍ଧୀ ପଡିଆଠାରୁ ଏକ କଳସ ଶୋଭାଯାତ୍ରା ବାହାରି ଗାଁ ପରିକ୍ରମା କରିଥିଲା । ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ରାଧାକୃଷ୍ଣ ମୃଣ୍ମୟୀ ମୂର୍ତ୍ତି ପଣ୍ଡିତଙ୍କ ହୋମ ଯଜ୍ଞର ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ଶହ ଶହ ଗ୍ରାମବାସୀ ଦୀପ ଦାନ କରି ପରିବାର ଶୁଭମନାସୀ ଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମ୍ୟାଜିକ ଶୋ, ଓଡଶୀ ନୃତ୍ୟ ପରିବେଷଣ କରିଥିଲେ। ବାସୁଦେବପୁର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଦୀନବନ୍ଧୁ ଦାସ, ଚିନ୍ମୟ କୁମାର ବାରିକ, ମାନସ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ରାହାସ ଉତ୍ସବର ସଭାପତି ବିଦ୍ୟାଧର ମୁଦୁଲି ଓ ସମ୍ପାଦକ ଅରୁଣ କୁମାର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପଲାଇ, ବସନ୍ତ କୁମାର ମହାନ୍ତି, ପରମାନନ୍ଦ ସେନାପତି, ପର୍ଶୁରାମ ମୁଦୁଲି, ରିଙ୍କୁ ଦାସ, ନିରଞ୍ଜନ ସାହୁ, ଟୁକୁନା ଭୋଇ, ବାବୁଲି ବିଶ୍ୱାଳ, ହଜାର ବେହେରା ଓ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କୁ ସମ୍ବର୍ଦ୍ଧନା



ବାସୁଦେବପୁର,୬ ।୧୧(ସମିସ): ବାସୁଦେବପୁର ବ୍ଲକ ଚୂଡାମଣୀଠାରେ ଆୟୋଜିତ ଅଷ୍ଟାଦଶ ବାର୍ଷିକ ସାଗର ସାଥୀ ବୋଇତ ବନ୍ଦାଣ ମହୋତ୍ସବରେ ମାଟିର ପୁଅ ତଥା ଗଞ୍ଜାମ ଜିଲ୍ଲା କୋଦାଳର ଅତିରିକ୍ତ ଜିଲ୍ଲା ଦୌରାଜଜ ବିଶ୍ୱରଞ୍ଜନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ମହୋତ୍ସବରେ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବାସୁଦେବପୁର ପୌରପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା, ଚୂଡାମଣୀ ପଞ୍ଚାୟତର ସରପଞ୍ଚ ଅଗଣୀ ପ୍ରସାଦ ଜେନା ଯୋଗଦେଇ ଅତିରିକ୍ତ ଜିଲ୍ଲା ଦୌରାଜଜ ଶ୍ରୀ ବେହେରାଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସାଗର ସାଥୀ ବୋଇତ ବନ୍ଦାଣ ମହୋତ୍ସବର ସଭାପତି ଶଶିକାନ୍ତ ନାୟକ, ସମ୍ପାଦକ ହେମନ୍ତ ଜେନା ଓ ସଂଯୋଜକ ସୁନନ୍ଦ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଉନ୍ନତି କରଣ କାର୍ଯ୍ୟ ପରିଦର୍ଶନ କଲେ ଉପଜିଲ୍ଲାପାଳ



ଧାମନଗର,୬ ।୧୧(ସମିସ): ଧାମନଗର ଏନଏସି ଅଧୀନରେ ଥିବା ଐତିହାସିକ ବହୁ ପୁରାତନ ଜଗୁସାଗର ପୋଖରୀ ଉନ୍ନତିକରଣ, ଧାମନଗର ମେଡ଼ିକାଲର ନୂତନ ଗୃହ ନିର୍ମାଣ, ବସଷ୍ଟାଣ୍ଡ ନିର୍ମାଣ, ସ୍ମାର୍ଟ ପାର୍କ, ଭେଣ୍ଡିଂଜୋନ, ସ୍ମାର୍ଟ ଲାଇବ୍ରେରୀ, ଉଠା ଦୋକାନୀଙ୍କୁ ଥଇଥାନ ଓ ମାର୍କେଟ କମ୍ପ୍ଲେକ୍ସ ଆଦି ନିର୍ମାଣ ନିମନ୍ତେ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଐତିହାସିକ ଜଗୁସାଗର ପୋଖରୀ ଦୀର୍ଘ ବର୍ଷ ହେବ ଜରାଜୀର୍ଣ୍ଣ ହୋଇ ରହିଥିବାରୁ ଅଞ୍ଚଳବାସୀ ଦୀର୍ଘଦିନ ଧରି ଏହାର ପୁନରୁଦ୍ଧାର କରିବାକୁ ଦାବି କରୁଥିଲେ। ଏନେଇ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ପ୍ରୟାସରେ ଏହି ପୋଖରୀ ଉନ୍ନତି ପାଇଁ ଅର୍ଥ ମଞ୍ଜୁର ହୋଇଛି। ଏହା ପରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପୋଖରୀର ବର୍ତ୍ତମାନ ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଏ ନେଇ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଜମି ନିରୂପଣ ପରେ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲ ସେ ସୂଚନା ଦେଇଥିଲେ। ତାଙ୍କ ସହିତ ସାଂସଦଙ୍କ ପ୍ରତିନିଧି ସରୋଜ ମହାପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି କୈଳାଶ ମହାପାତ୍ର, ବିଜୟ ରାମ, ଧାମନଗର ରାଜସ୍ୱ ନିରୀକ୍ଷକ ପ୍ରକାଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ପୂର୍ବରୁ ଜଗୁସାଗର ଉନ୍ନତି କରଣ ପାଇଁ ପ୍ରାଥମିକ ସ୍ତରରେ ଧାମନଗର ଏନଏସି ତରଫରୁ ଲକ୍ଷ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ପୋଖରୀରୁ ଦଳ ସଫା ଓ ପଙ୍କ ଉଦ୍ଧାର କରାଯାଇଥିଲା। କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ସଲାସୁତୁରାରେ ମାତ୍ର ୨୫ରୁ ୩୦ ଟ୍ରିପ ପଙ୍କ ଉଦ୍ଧାର କରାଯାଇ ଲକ୍ଷାଧିକ ଟଙ୍କା ବାଟମାରଣା କରାଯାଇଥିଲା ବୋଲି ସାଧାରଣରେ ଅଭିଯୋଗ ହୋଇଥିଲା।

## ହୋମିଓପାଥି ଡାକ୍ତରଙ୍କ ସ୍ମୃତିଚାରଣ ସଭା

ବାରିକପୁର,୬ ।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଂଚାୟତ ହାଜିପୁର ଠାରେ ହୋମିଓପାଥି ଚିକିତ୍ସକ ବ୍ରହ୍ମାନନ୍ଦ ନାୟକଙ୍କ ଏକାଦଶାହ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଡାକ୍ତର ଯୋଗେନ୍ଦ୍ର ଦାସ, ସମାଜସେବୀ ବଦ୍ରିନାରାୟଣ ଧଳ, ସୁକାନ୍ତ ନାୟକ, ଅକ୍ଷୟ ସାହୁ, ଶିକ୍ଷାବିତ ନବକିଶୋର ପରିଡା, ପ୍ରୀତିକାନ୍ତ ରାଉତ, ନରେନ୍ଦ୍ର ସ୍ୱାଇଁ, ନୃସିଂହ ଖିଲାର, ଅଧ୍ୟାପକ ଭରତ କରଣ, ସରପଞ୍ଚ ରଞ୍ଜନ ପରିଡା, ସାମାଜିକ କର୍ମୀ ଗିରିଶ ସାମଲ, ତରଣୀ ଜେନା, ସୁଧାଂଶୁ ଧଳ, ପ୍ରଦୀପ ନାୟକ, କୀର୍ତ୍ତନ ଧଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତି ଚାରଣ କରିବା ସହ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜନ୍ମେଞ୍ଜୟ ନାୟକ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟରୁ ନାଗସାପ ଉଦ୍ଧାର

ଭଣ୍ଡାରିପୋଖରୀ,୬।୧୧(ସମିସ): ସାନଶାସନ ପଞ୍ଚାୟତ ଅନ୍ତର୍ଗତ ମତାବାଜଶାସନ ଉପ୍ରା ବିଦ୍ୟାଳୟରୁ ଏକ ନାଗସାପ ଗୁରୁବାର ଉଦ୍ଧାର ହୋଇଛି। ସକାଳ ୧୦ଟାରେ ଜଣେ ଶିକ୍ଷକ ବିଦ୍ୟାଳୟ କାର୍ଯ୍ୟାଳୟ ଖୋଲିଥିଲେ। ଉଦ୍ୟମ କରିଥିଲେ। ମାତ୍ର ସାପଟି କାର୍ଯ୍ୟାଳୟରୁ ବାହାରି ଗୋଟିକ ପରେ ଗୋଟିଏ ଶ୍ରେଣୀ କକ୍ଷକୁ ଯାଇ ପୁନଶ୍ଚ କାର୍ଯ୍ୟାଳୟ ଭିତରେ ରହିଥିଲା। ପରେ ଭଦ୍ରକ ସ୍ନେକ ହେଲପ ଲାଇନକୁ ସୂଚନା ଦିଆଯାଇଥିଲା। ସ୍ନେକ ହେଲପ ଲାଇନ



ଟେବୁଲ ଉପରେ ଫଣା ଟେକି ନାଗସାପ ଥିବା ଦେଖିଥିଲେ। ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସାପକୁ ଘଉଡାଇବାକୁ ପକ୍ଷରୁ ଶେଖ ମିର୍ଜା ସାଢେ ଚାରିଫୁଟ ଲମ୍ବର ନାଗସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ଜଣାଯାଇଛି।

### ଭଦ୍ରକ ଜିଲ୍ଲାରେ ଶିକ୍ଷକ ଅଭାବ ସମସ୍ୟା ଉତ୍କଟ

# ଭୁଶୁଡ଼ି ପଡିଲାଣି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା

ଭଦ୍ରକ,୬ ।୧୧(ସମିସ): ଭଦ୍ରକ ଜିଲ୍ଲାରେ ପ୍ରାଥମିକ ବିଦ୍ୟାଳୟଠାରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ ଶିକ୍ଷକ ଅଭାବ ସମସ୍ୟା ଏବେ ଚିନ୍ତାର ବିଷୟ ହୋଇଛି। ଜିଲ୍ଲାରେ ଥିବା ୧୬୪୫ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ଏଥିରେ ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧ ଲକ୍ଷ ୫୩ ହଜାର ୫୩୫ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ପିଲା ସଂଖ୍ୟା ଓ ଶ୍ରେଣୀ ସଂଖ୍ୟା ଅନୁପାତରେ ଶିକ୍ଷକ ନାହାନ୍ତି। ଜିଲ୍ଲାରେ ଅନେକ ପ୍ରାଥମିକ ବିଦ୍ୟାଳୟରେ ଜଣେ କିମ୍ବା ଦୁଇ ଜଣ ଶିକ୍ଷକଙ୍କୁ ନେଇ ପଢା ଚାଲିଛି। ଭଦ୍ରକ ସହରରେ ଥିବା ଏକ ସ୍କୁଲରେ ଜଣେ ପ୍ରଧାନଶିକ୍ଷକଙ୍କୁ ଛାଡ଼ି ଦେଲେ ଆଉ ଜଣେ ମାତ୍ର ଶିକ୍ଷକଙ୍କର ଚାଲିଛି ସ୍କୁଲ ପାଠପଢା । ୬ଟି ଶ୍ରେଣୀରେ ଜଣେ ଶିକ୍ଷକ କେମିତି ପାଠ ପଢ଼ାଉଥିବେ ଏହା ବୁଦ୍ଧିଜୀବୀ ତଥା ଅଭିଭାବକ ମହଲରେ ପ୍ରଶ୍ନ ସୃଷ୍ଟି କରିଛି। ପ୍ରଧାନଶିକ୍ଷକ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଅଧିକାଂଶ ସମୟ ଟ୍ରେନିଂ ଓ କିରାଣୀ କାମ କରୁଛନ୍ତି। ଜଣେ ପ୍ରଧାନଶିକ୍ଷକଙ୍କୁ ପାଠ ପଢ଼ାଇବା ବଦଳରେ କିରାଣୀ କାମ ଓ ସରକାରଙ୍କ ବିଭିନ୍ନ ଯୋଜନା, ମଧ୍ୟାହ୍ନ ଭୋଜନ, ଅଣ୍ଡା, ଲଡୁ, ପୋଷାକ, ଜୋତା, ବହି ଆଣିବା ଓ ଅଭିଭାବକ ମିଟିଂ, ଫାଇଲ କାମ କରାଯାଇ ସମୟ ନଷ୍ଟ କରାଯାଉଛି। ସରକାର ସ୍କୁଲରେ କିରାଣୀ ନିଯୁକ୍ତି ନଦେଇ ଜଣେ ପ୍ରଧାନଶିକ୍ଷକ ଉପରେ କାମ ଲଦି ଦେବା ସହ ଅନେକ ସ୍କୁଲରେ ପ୍ରଧାନ ଶିକ୍ଷକ ନଥିବା ବେଳେ ସେହି ସ୍ଥାନରେ ସହକାରୀ ଶିକ୍ଷକ ପ୍ରଧାନ ଶିକ୍ଷକ କାମ

**ପାଠପଢ଼ା ନେଇ ଚିନ୍ତାରେ ଅଭିଭାବକ**




କରୁଛି। ସେହି ସ୍କୁଲରେ କିଭଳି ପାଠ ପଢ଼ା ଯାଉଥିବ ଏଥିନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲାରେ ବହୁ ସଂଖ୍ୟାରେ ପ୍ରାଥମିକ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ଏବେ ପୁଣି ସରକାର ବାଲ୍ ବାଟିକା ସ୍କୁଲରେ ଖୋଲି ଆଉ ଏକ ନୂଆ ଶ୍ରେଣୀର ଚାପ ଶିକ୍ଷକଙ୍କ ଉପରେ ପକାଇ ଦେଇଛନ୍ତି। ଜିଲ୍ଲାରେ ପ୍ରାଥମିକ ସ୍କୁଲରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ବେଳେ ସରକାରୀ ସ୍କୁଲରେ ଆବଶ୍ୟକ ଶିକ୍ଷକ ନଥିବାରୁ ପାଠ ପଢା ଠିକ ଭାବରେ ହୋଇପାରି ନଥିବା ଅଭିଭାବକ ମହଲ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାରେ ମୋଟ ୩୧୯ ଟି ହାଇସ୍କୁଲରେ ମୋଟ ୪୩ ହଜାର ୫୨୩ ଜଣ ଛାତ୍ରଛାତ୍ରୀ ନବମ ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି। ଏମାନଙ୍କ ପାଇଁ ଆବଶ୍ୟକ ଶିକ୍ଷକ ନାହାନ୍ତି। ଜିଲ୍ଲାରେ ଥିବା ଆଡେଡ୍ ହାଇସ୍କୁଲରେ ସବୁଠି ପ୍ରଧାନ ଶିକ୍ଷକ ଅଭାବ। ନ୍ୟୁ ଆଡେଡ୍ ସ୍କୁଲ କଥା ନ କହିବା ଭଲ। ବିନା ପ୍ରଧାନଶିକ୍ଷକରେ ସ୍କୁଲର ଶିକ୍ଷା ବ୍ୟବସ୍ଥା କିଭଳି ଚାଲିଥିବ ତାହା ସହଜରେ ବୁଝା ପଡୁଛି। କେବଳ ପ୍ରଧାନଶିକ୍ଷକ ପଦବି ଖାଲି ପଡ଼ି ନାହିଁ। ବହୁ ହାଇସ୍କୁଲରେ ପିଜିଟି, ସିବିଜେଡ଼, ଆର୍ଟସ ଶିକ୍ଷକ ସଂଖ୍ୟା ବି କମ୍ ରହିଛନ୍ତି। ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଉଛି। ବିନା ଶିକ୍ଷକରେ ସ୍କୁଲ ପିଲା ଶ୍ରେଣୀ ଡେଉଁଛନ୍ତି। ଗୁଣାତ୍ମକ ଶିକ୍ଷାର ମାନ ଖସୁଛି। ଅଧିକାଂଶ ସ୍କୁଲରେ କିରାଣୀ ଓ ପିଅନ ନାହାନ୍ତି। ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ ନିଯୁକ୍ତି ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି। ହେଲେ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି କଥା କେହି ଚିନ୍ତା କରୁନାହାନ୍ତି। ଶିକ୍ଷକ ଅଭାବ ପୂରଣ ଲାଗି ସରକାର ଅତିଥି ଶିକ୍ଷକଙ୍କୁ ଭରସା କରୁଛନ୍ତି। ଅବସର ନେଇଥିବା ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବରେ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରେ ଏହି ପ୍ରକ୍ରିୟା ଏବେ ସୁଦ୍ଧା ଶେଷ ହୋଇନାହିଁ। ଭଦ୍ରକ ଜିଲ୍ଲାର ୧୭୫ଟି ସରକାରୀ ହାଇସ୍କୁଲ ରହିଛି। ତନ୍ମଧ୍ୟରୁ ୧୧୫ ସ୍କୁଲ୍‌ରେ ପ୍ରଧାନ ଶିକ୍ଷକ ରହିଛନ୍ତି। ସରକାରୀ ସ୍କୁଲରେ ୫୦୬ କଳା ଶିକ୍ଷକରୁ ୫୫ରୁ ପିଅନ ପଦବି ୩ ଶହ ଥିବାବେଳେ ୨ଶହରୁ ଅଧିକ ପଦବୀ ଖାଲି ରହିଛି। ରାତ୍ର ଜଗୁଆଳି ସ୍ଥିତି ବି ସଙ୍ଗୀନ। ୧୬୯ ପଦରୁ ୧୦୫ ସ୍କୁଲ ଏବେ ବିନା ଜଗୁଆଳିରେ ଚାଲିଛି। ସରକାରୀ ହାଇସ୍କୁଲ ଅବସ୍ଥା ଯଦିଓ ଟିକେ ଭଲ ଅଛି, କିନ୍ତୁ ଆଡେଡ୍ ଓ ନ୍ୟୁ ଆଡେଡ୍ ସ୍କୁଲ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିଛି। ଭଦ୍ରକ ଜିଲ୍ଲାର ୩୪ଟି ଆଡେଡ୍ ହାଇସ୍କୁଲ ଥିବାବେଳେ ନ୍ୟୁ ଆଡେଡ୍ ସ୍କୁଲ ସଂଖ୍ୟା ୯୧। ଏହି ସ୍କୁଲକୁ ସରକାର ଅଣଦେଖା କରି ଆସୁଛନ୍ତି। ଏବେ ୩୪ ଆଡେଡ୍ ହାଇସ୍କୁଲରୁ ୩୨ଟିରେ ନିୟମିତ ପ୍ରଧାନ ଶିକ୍ଷକ ନାହାନ୍ତି। ପିଅନ ୭୪ଟି ପଦରୁ ୪୮ଟି ପାଙ୍କା ପଡ଼ିଛି। ଅଧିକାଂଶ ସ୍କୁଲରେ ପିଅନ ନ ଥିବାରୁ ପ୍ରଧାନଶିକ୍ଷକ ଓ ଶିକ୍ଷକ ଝାଡୁ ମାରୁଛନ୍ତି ଓ ଘଟାଂ ମାରୁଥିବା ଜଣାଯାଇଛି । ୯୧ଟି ନ୍ୟୁ ଆଡେଡ୍ ସ୍କୁଲରେ ୧୦ରୁ ଅଧିକ ପ୍ରଧାନଶିକ୍ଷକ ନ ଥିବାବେଳେ ୨୦ଟି ସ୍କୁଲରେ ପିଅନ ଓ ୧୮ଟିରେ ରାତି ଜଗୁଆଳି ବିନା ସ୍କୁଲ ଚାଲିଛି। ରାଜ୍ୟ ସରକାର ଏହି ଆଡେକ ଓ ନ୍ୟୁ ଆଡେନ୍ ୧୨୫ ହାଇସ୍କୁଲରେ ଏବେ ବିଭିନ୍ନ ୨୨୦ ବିଭାଗରେ ଶିକ୍ଷକ ଦରକାର ପଡୁଥିବାବେଳେ ଏହାର ଭରଣା ଲାଗି ଅତିଥି ଶିକ୍ଷକଙ୍କ ଲୋଡ଼ା ପଡ଼ିଛି। ଜିଲ୍ଲା ଶିକ୍ଷା ବିଭାଗ ଆନ୍ତରିକତା ଅଭାବରୁ ଏଭଳି ଅବସ୍ଥା ଆଡେଡ୍ ହାଇସ୍କୁଲ ଶିକ୍ଷା ବାଟବଣା ଅବସ୍ଥାକୁ ଆସିଛି। ସରକାରଙ୍କ ଆନ୍ତରିକା ଅଭାବରୁ ଦୀର୍ଘ ୪୫ ବର୍ଷର ଆଡେଡ୍ ହାଇସ୍କୁଲ ସରକାରୀ ହୋଇପାରୁନି।

# ଜିଲ୍ଲାରୁ ୧୧୭ ତୀର୍ଥଯାତ୍ରୀ ଅଯୋଧ୍ୟା ଅଭିମୁଖେ



ଭଦ୍ରକ/ଭଣ୍ଡାରୀପୋଖରୀ, ୬।୧୧(ସମିସ): ପର୍ଯ୍ୟଟନ ବିଭାଗର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଦଳଙ୍କୁ ନେଇ ଯାଉଥିବା ବସ୍‌କୁ ପତାକା ଦେଖାଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଶୁଭାରମ୍ଭ କରିଛନ୍ତି। ଏହି ତୀର୍ଥଯାତ୍ରୀମାନେ ଆସନ୍ତାକାଲି ବାଲେଶ୍ୱର ଷ୍ଟେସନ୍‌ରୁ ଅଯୋଧ୍ୟା ଓ ବାରଣାସୀ ଭଳି ପ୍ରସିଦ୍ଧ ତୀର୍ଥସ୍ଥାନ ଭ୍ରମଣରେ ଯିବେ। ଏଥିପାଇଁ ଭଦ୍ରକ ଜିଲ୍ଲାରୁ ୧୧୭ ଜଣ ତୀର୍ଥଯାତ୍ରୀ ବାଲେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଆଜି ଭଦ୍ରକଠାରେ ଏହି ଯାତ୍ରାର ଶୁଭାରମ୍ଭ କରି ବରିଷ୍ଠ ନାଗରିକମାନଙ୍କ ସୁସ୍ଥ ଓ ସୁରକ୍ଷିତ ତୀର୍ଥଯାତ୍ରା ପାଇଁ ଶୁଭେଚ୍ଛା ଉପ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ।

ଜିଲ୍ଲାପାଳ ଦୀଲିପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟପଟେ, ଭଣ୍ଡାରିପୋଖରୀ ବ୍ଲକ୍ ପ୍ରଶାସନ ପକ୍ଷରୁ ୧୪ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଦଳ ଥିରେ ସାମିଲ ହୋଇଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସଙ୍କ ସଂଯୋଜନାରେ ତୀର୍ଥଯାତ୍ରୀ ୧୪ ତୀର୍ଥଯାତ୍ରୀଙ୍କୁ ଭଦ୍ରକ ରେଳ ଷ୍ଟେସନ ପଠାଯାଇଥିଲା। ଏହି ଉତ୍ସବକୁ ବ୍ଲକ ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ ମୁଖ୍ୟଅତିଥି ଭାବେ ଶୁଭାରମ୍ଭ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟ ବଦ୍ରିନାରାୟଣ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ହୃଦାନନ୍ଦ ଜେନା, ସମାଜସେବୀ ପ୍ରଣବ ରାଉତ, ଦକ୍ଷିଣବାଡ ସରପଞ୍ଚ ପ୍ରତିନିଧି କାର୍ତ୍ତିକ ଜେନା, କର୍ମଚାରୀ ସୁଧାଂଶୁ ପାଢୀ ସଫଳ ଯାତ୍ରାର କାମନା କରିଥିଲେ। ଯାତ୍ରୀମାନେ ଭଦ୍ରକରୁ ରେଳ ଯୋଗେ ଅଯୋଧ୍ୟା ଓ ବାରଣାସୀ ଭ୍ରମଣ କରି ଅଗାମୀ ୧୩ ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାଯାଇଛି।

## ସୋସୋ କଲେଜ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ଧାରଣା



ହାଟଡ଼ିହୀ,୬।୧୧(ସମିସ): ବେଆଇନ୍ ଭାବେ ଫାଇନ୍ ଆଦାୟକୁ ନେଇ ସୋସୋ କଲେଜ ସମ୍ମୁଖରେ ଛାତ୍ରଛାତ୍ରୀମାନେ ଧାରଣାରେ ବସିଥିଲେ। ସୋସୋ କଲେଜରେ ସେମିଷ୍ଟାର ପରୀକ୍ଷା ପାଇଁ ଫର୍ମ ପୂରଣ ବେଳେ କିଛି ଛାତ୍ରଛାତ୍ରୀଙ୍କଠାରୁ ବେଆଇନ୍ ଭାବେ କଲେଜ କର୍ତ୍ତୃପକ୍ଷ ହଜାରେ ଟଙ୍କା ଲେଖାଏଁ ଫାଇନ୍ ଆଦାୟ କରୁଛନ୍ତି। ଶତକଡା ୭୫ ପ୍ରତିଶତ ଉପସ୍ଥାନ ନଥିବା ହେତୁ ଏହି ଜରିମାନା ଆଦାୟ କରାଯାଉଥିବା କଲେଜ କର୍ତ୍ତୃପକ୍ଷ କହୁଥିବା ବେଳେ କୌଣସି ରସିଦ୍ ଦେଉ ନଥିବାରୁ ଛାତ୍ରଛାତ୍ରୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇବା ସହ ଧାରଣା ଦେଇଥିଲେ। କଲେଜ ଅଧ୍ୟକ୍ଷ କହୁଛନ୍ତି ଯେ ୟୁନିଭର୍ସିଟିର ନିର୍ଦ୍ଦେଶ ଅନୁଯାୟୀ ଆମେ ଏପରି ନିଷ୍ପତ୍ତି ନେଉଛୁ। ଧାରଣାରେ ବସିଥିବା ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଶୂନ୍ ଥିବାରୁ କଲେଜ୍ ଫାଇନ୍ ଆଦାୟ କରୁଛି ବୋଲି କହିଛନ୍ତି।

## ଆରଡି-ଭଦ୍ରକ ରାସ୍ତା ନିର୍ମାଣରେ ଅନିୟମିତତା; ୭ରେ ପ୍ରତିବାଦ



ଅସୁରାଳି,୬।୧୧(ସମିସ): ଆଖଣ୍ଡଳମଣି-ଭଦ୍ରକ ୩୫ ନମ୍ବର ରାଜ୍ୟ ରାଜପଥରେ ୪ ବର୍ଷ ଧରି ରାସ୍ତା ପ୍ରଶସ୍ତୀକରଣ ଓ ମରାମତିରେ ଅନିୟମିତତା ଯୋଗୁଁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ଦୁର୍ଘଟଣା ମଧ୍ୟ ଘଟୁଛି। ଧାମନଗର ବ୍ଲକର ବେତାଳିଗାଁ ବଜାରରେ ଗୁରୁବାର ସନ୍ଧ୍ୟାରେ ଏହାର ପ୍ରତିବାଦ କରିବା ପାଇଁ ଏକ ରୂପରେଖ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ଏକ ରାସ୍ତାରୋକକୁ କିପରି ସଫଳ କରାଯିବ ସେଥିପାଇଁ ପୂର୍ବତନ ସରପଞ୍ଚ ଅନିଲ ଦାସଙ୍କ ସଭାପତିତ୍ୱ ଓ ପୂର୍ବତନ ସମିତିସଭ୍ୟ ରମେଶଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ବୈଠକରେ ଆଲୋଚନା କରାଯାଇଥିଲା। ବରିଷ୍ଠ ସିପିଏମ୍ ନେତା ଚନ୍ଦ୍ରଶେଖର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡା, ଭାଗୀରଥି ମହାନ୍ତି, ରବୀନ୍ଦ୍ର କୁମାର ବେହୁରିଆ, କାଶୀନାଥ ମହାନ୍ତି, ମାର୍କଣ୍ଡ ଜେନା, ଆଲୋକ ସ୍ୱାଇଁ, ମାନସରଞ୍ଜନ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରାସ୍ତା ସମସ୍ୟା ନେଇ ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯାଉଥିଲେ ବି ପୂର୍ତ୍ତ ବିଭାଗ ଅଧିକାରୀ ଓ କର୍ମଚାରୀ ନିରବରେ ବସିଛନ୍ତି। ଠିକାଦାରଙ୍କଠାରୁ ଆରମ୍ଭ କରି ଶାସକ ଦଳର ବିଧାୟକ ତଥା ମନ୍ତ୍ରୀ ଏବଂ ନେତା ରାସ୍ତା ପାଇଁ ତତ୍ପରତା ପ୍ରକାଶ କରୁ ନାହାଁନ୍ତି। ମେଗା ପ୍ରକଳ୍ପରୁ ପାନୀୟଜଳ ଯୋଗାଇ ଦେବାକୁ କହି ଏହି ରାଜପଥକୁ ଖୋଳି ଛାରଖାର କରି ଦେଉଛନ୍ତି। ଏପରି ଅନୀତି ବିରୁଦ୍ଧରେ ଦଳମତ ନିର୍ବିଶେଷରେ ଧାମନଗର ବ୍ଲକର ପାଳସାହି ପଞ୍ଚାୟତର ଜନସାଧାରଣ ରାସ୍ତାକୁ ଓହ୍ଲାଇବେ। ୧୦ ଦିନ ପୂର୍ବରୁ ଜିଲ୍ଲା ପ୍ରଶାସନକୁ ଆସନ୍ତା ୭ ତାରିଖ ଶୁକ୍ରବାର ସୁଦ୍ଧା ସମସ୍ୟାର ସମାଧାନ ନହେଲେ ରାସ୍ତାରୋକ କରିବା ନେଇ ଲିଖିତ ଭାବେ ଅବଗତ କରାଯାଇଛି।

## ବିଦ୍ୟାଳୟରେ ଚୋରି; ତଦନ୍ତ ଆରମ୍ଭ

ଧାମନଗର, ୬।୧୧(ସମିସ): ଧାମନଗର ଅଞ୍ଚଳରେ ବିଭିନ୍ନ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନ ବିଭିନ୍ନ ସମୟରେ ଚୋରି ହେଉଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ଧାମନଗର ଥାନା ଅନ୍ତର୍ଗତ କଲ୍ୟାଣୀ ଉଚ୍ଚ ବିଦ୍ୟାଳୟରେ ଚୋରି ହୋଇଥିବା ଜଣାଯାଇଛି। ଏହି ଘଟଣା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ମାତ୍ରେ ଆଇଆଇସି ରଞ୍ଜନ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ନରେନ୍ଦ୍ର ରାଉତ ବିଦ୍ୟାଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ବିଦ୍ୟାଳୟ ସ୍ମାର୍ଟ କ୍ଲାସରୁମରୁ ୨ଟି ଏଲଇଡି ଟିଭି ସହିତ କିଛି ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି। ଏହି ଚୋରି ଘଟଣାର ତଦନ୍ତ ଆରମ୍ଭ ହୋଇଛି ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଯଥାଶୀଘ୍ର ଧରାଯିବ ବୋଲି ଆଇଆଇସି ଶ୍ରୀ ସେଠୀ ସୂଚନା ଦେଇଛନ୍ତି।

## ଉପମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ବିକାଶ କାର୍ଯ୍ୟର ସମୀକ୍ଷା

ଭଦ୍ରକ, ୬।୧୧ (ସମିସ): ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ଭଦ୍ରକ ଗସ୍ତ ପରିପ୍ରେକ୍ଷୀରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଛି। ପ୍ରଥମେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୧୧୭ ଜଣ ବରିଷ୍ଠ ନାଗରିକଙ୍କୁ ୩ଟି ବସ୍‌ରେ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହାପରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ଓ ସରକାରୀ ଯୋଜନା ସଂପର୍କରେ ଏକ ବୈଠକ ଜିଲ୍ଲା ସଦଭାବନା ସଭାଗୃହରେ ଯୋଗଦେଇଥିଲେ। ଜିଲ୍ଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ କୁମାର ଦତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟୀ କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଏବଂ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ପ୍ରଥମେ ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା ହୋଇଥିଲା। ଏଥିରେ ଏସ୍‌ପି ଶ୍ରୀ ରାଉତ ଜିଲ୍ଲାରେ ବିଭିନ୍ନ ପର୍ବପର୍ବାଣୀକୁ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବାର ସୂଚନା ପ୍ରଦାନ କରିଥିଲେ।

ବିଶେଷ କରି ଐତିହାସିକ କାଳୀପୂଜା ଓ ଧାମନଗର ଉର୍ସରେ ହୋଇଥିବା ପ୍ରବଳ ଜନସମାଗମକୁ



ଅତି ସୁସଂଗଠିତ ଭାବରେ ପରିଚାଳନା କରାଯାଇଥିଲା, ଯାହାଫଳରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନଥିଲା। ଏହାଛଡ଼ା ମହିଳାଙ୍କ ଉପରେ ହେଉଥିବା ନିର୍ଯାତନାକୁ ରୋକିବା ପାଇଁ ପ୍ରତ୍ୟେକ ଥାନାରେ ଏକ ମହିଳା ଶକ୍ତି କେନ୍ଦ୍ର କ୍ରିୟାଶୀଳ ଅଛି। ମିଶନ ଶକ୍ତି କାଫେ ସମସ୍ତ ବ୍ଲକ ଏବଂ ଜିଲ୍ଲା ମୁଖ୍ୟାଳୟରେ ଅବିଳମ୍ବେ କାର୍ଯ୍ୟାନ୍ୱିତ କରିବା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ଥାପନ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମସ୍ତ ଅଙ୍ଗନବାଡିର ନିଜସ୍ୱ ଗୃହ ଉପଲବ୍ଧି କରିବାପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା, ସୁଭଦ୍ରା ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କୁ ସଠିକ ତଦନ୍ତ କରି ବାଦ ଦେବା, ଶିଶୁ ସୁରକ୍ଷା ଯୋଜନାରେ ଉଦ୍ଧାର ହେଉଥିବା ଶିଶୁଙ୍କୁ ଶିଶୁ ପରିଚର୍ଯ୍ୟା ସଂସ୍ଥା ମାଧ୍ୟମରେ ଉପଯୁକ୍ତ ଶିକ୍ଷା ପ୍ରଦାନ ସହିତ ସେମାନଙ୍କୁ ଥଇଥାନ କରିବା ଦିଗରେ ପଦକ୍ଷେପ, ମିଶନ ବାତ୍ସଲ୍ୟ ଓ ଯଶୋଦା ଯୋଜନାକୁ ଠିକଭାବରେ କାର୍ଯ୍ୟକାରୀ କରିବା, ଶିଶୁ ହେଲ୍ପଲାଇନ ନମ୍ବର ୧୦୯୮ ଓ ପୁଲିସ ହେଲ୍ପଲାଇନ ନମ୍ବର ୧୧୨କୁ ବହୁଳଭାବରେ ଜନସମାଗମ ହେଉଥିବା ସ୍ଥାନ ବସ ଷ୍ଟାଣ୍ଡ, ରେଲୱେ ଷ୍ଟେସନ, ଅଟୋ ଷ୍ଟାଣ୍ଡ ଇତ୍ୟାଦିରେ ପ୍ରଚାର ପ୍ରସାର କରିବା, ପର୍ଯ୍ୟଟନ ପ୍ରକଳ୍ପ ଯଥା ଚାରବାଟିଆରେ ଏକ ପାର୍କ, କାନ୍ତ କବି ଲକ୍ଷ୍ମୀକାନ୍ତ ମେମୋରିଆଲ ପାର୍କ, ବିରଞ୍ଚିନାରାୟଣ ମନ୍ଦିର, ପାଳିଆବିନ୍ଧାର ଉନ୍ନତିକରଣ, ଗୋହିରାଟିକିରିରେ ଏକ ପାର୍କ, ଲାଇବ୍ରେରୀ, ଇଣ୍ଟରପ୍ରିଟେସନ୍ କେନ୍ଦ୍ର, ବାବା ଆଖଣ୍ଡଳମଣୀ ମନ୍ଦିରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ, ମା'ଭଦ୍ରକାଳୀଙ୍କ ପୀଠର ଉନ୍ନତିକରଣ, ରକ୍ତତୀର୍ଥ ଇରମର ପାରିପାର୍ଶ୍ୱିକ ଉନ୍ନତିକରଣ, ଜିଲ୍ଲାର ବିଭିନ୍ନ ରାସ୍ତା ପ୍ରକଳ୍ପର ଅଗ୍ରଗତି, ଆରଡି ରାସ୍ତାର ସଂପ୍ରସାରଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ସ୍ଥାପନ କରିବା ଆଦି ବିଭିନ୍ନ କାର୍ଯ୍ୟର କାର୍ଯ୍ୟକାରୀ ଓ ଅଗ୍ରଗତି ଉପରେ ଗୁରୁତ୍ୱ ପ୍ରଦାନ କରି ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଯେପରି ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁ ଜନସାଧାରଣଙ୍କ ପାଖରେ ପହଞ୍ଚିପାରିବ ସେଥିପ୍ରତି ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପଥର ପ୍ୟାକିଂରେ ଅନିୟମିତତା; ନଦୀକୁ ଧସିଲାଣି ବନ୍ଧ

# ଗୋଟିଏ ବର୍ଷରେ ୨ଟି ପ୍ରୋଜେକ୍ଟରୁ କୋଟିଏରୁ ଅଧିକ ଖର୍ଚ୍ଚ



ଅସୁରାଳି, ୬।୧୧(ସମିସ): ଧାମନଗର ବ୍ଲକ ପାଳସାହି ପଞ୍ଚାୟତର ତୋଟାସାହି ନିକଟରେ ସପ୍ତାହେ ତଳେ ବୈତରଣୀ ନଦୀ ମଧ୍ୟକୁ ପ୍ରାୟ ୧୦୦ ଫୁଟର ମାଟି ଅତଡା ଖସିଥିଲା। ଜଳ ସମ୍ପଦ ବିଭାଗର ଅଧିକାରୀମାନେ ସେହି ସ୍ଥାନକୁ ଯାଇ ନଦୀବନ୍ଧ ଉପରେ କେଇଖଣ୍ଡ ପୁରୁଣା ବାଉଁଶ ଖୁଣ୍ଟ ପୋତି ସେଥିରେ ତାର ବାନ୍ଧି ନିରବ ହୋଇ ବସିଛନ୍ତି। ୨/୩ ଦିନ ମଧ୍ୟରେ ମାଟି ଧସିବା ସ୍ଥାନରେ ମରାମତି କାର୍ଯ୍ୟ କରାଯିବ ବୋଲି ବିଭାଗୀୟ ଜେଇ ଆତଙ୍କିତ ହୋଇ ପଡିଥିବା ଗ୍ରାମର ଲୋକଙ୍କୁ କହିଥିଲେ। ମରାମତି କାର୍ଯ୍ୟ ଏ ଯାଏଁ ନଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ସେମାନେ ନଦୀରେ ହୋଇଥିବା ପଥର ପ୍ୟାକିଂରେ ସମ୍ପୂର୍ଣ୍ଣ ଅନିୟମିତତା ହୋଇଥିବା ଓ ଏହାର ଭିଜିଲାନ୍ସ ତଦନ୍ତ କରାଯିବା ନେଇ ସେମାନେ ଦାବି କରିଛନ୍ତି। ୬ ମାସ ତଳେ ହେଉଥିବା ଏହି ପଥର ପ୍ୟାକିଂ ସଠିକ ଭାବରେ ହେଉ ନଥିବାରୁ ସେମାନେ ଏହା ଧସିବା ନେଇ ଆଶଙ୍କା କରିଥିଲେ। ତତ୍କାଳୀନ ଜେଇଙ୍କୁ ଅନିୟମିତତା ସମ୍ପର୍କରେ କହିଥିଲେ। ସେ ସଠିକ କାମ ହେବ ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଇଥିବା ଅଭିଯୋଗ କରିଛନ୍ତି। ତେବେ ପଥର ପ୍ୟାକିଂ ପାଇଁ ୩ ଗୋଟି ଟେଣ୍ଡର କରାଯାଇଥିଲା। ଏହାର ଅଟକଳ ପ୍ରାୟ ୨ କୋଟି ବୋଲି କୁହାଯାଉଛି। ୨ଟି ଟେଣ୍ଡରରେ କାମ ଶେଷ ହୋଇଥିବା ବେଳେ ଆଉ ଗୋଟିଏ କାମ ପାଇଁ ଠିକାଦାର ବନ୍ଧ ଉପରେ କେବଳ କେଇଟ୍ରିପ ପଥର ପକାଇଛନ୍ତି ଓ ଚଳିତ ବର୍ଷ ସେହି କାମ ଶେଷ କରିବାର ମସୁଧା ରଖିଛନ୍ତି। ଯେଉଁ ୨ଟି ପଥର ପ୍ୟାକିଂ ପ୍ରୋଜେକ୍ଟରେ କାମ ସରିଛି ଏବଂ ଅର୍ଥ ହେରଫେର ହୋଇଥିବା କୁହାଯାଉଛି। ଏହି କାର୍ଯ୍ୟ ପାଇଁ କେତେ ଟଙ୍କାର ଟେଣ୍ଡର ହୋଇଛି ଓ କେତେ ମିଟର ଲମ୍ବର କାର୍ଯ୍ୟ କରାଯାଇଛି, ତାହାର ଫଳକ ଲଗା ଯାଇନି। ତେବେ ଫଳକ ନମାରି ଠିକାଦାର କେମିତି ବିଲ୍ କଲେ ଗ୍ରାମବାସୀ ଏନେଇ ପ୍ରଶ୍ନ କରିଛନ୍ତି। ପଥର ପ୍ୟାକିଂ ନିମ୍ନମାନର ହୋଇ ଥିବାରୁ ବର୍ଷେ ନପୁରୁଣୁ ଏହା ବିଭିନ୍ନ ସ୍ଥାନରେ ଦବିବା ସହ କେତେକ ସ୍ଥାନରେ ପଥର ଖସି ପଡିଛି। ଏବେ ଏହା ଗାଁ ପ୍ରତି ବିପଦ ସୃଷ୍ଟି କରିଛି। ଗ୍ରାମବାସୀ ଆସନ୍ତା ସପ୍ତାହରେ ଭଦ୍ରକ ଜିଲାପାଳଙ୍କୁ ସାକ୍ଷାତକରି ଏ ବିଷୟରେ ଅବଗତ କରାଇବେ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଜେଇ ବିମଳ କୁମାର ବେହେରାଙ୍କୁ ପଚାରିବାରୁ କହିଛନ୍ତି, ପଥର ପ୍ୟାକିଂ ଦବିଛି ଓ କେତେକ ସ୍ଥାନରେ ଖସି ପଡିଥିବା ବାବଦରେ ସେ ଜାଣିଛନ୍ତି; ଯେହେତୁ ସମସ୍ତ କାମ ସରିନି, ତା'ର ମରାମତି କାର୍ଯ୍ୟ ନିଶ୍ଚିତ କରାଯିବ।

## ମହିମାଶ୍ରମରେ କାର୍ତ୍ତିକ ପୂର୍ଣ୍ଣିମା ମହାଯଜ୍ଞ

ଅସୁରାଳି, ୬।୧୧(ସମିସ): କଲ୍ୟାଣୀ ଅଲେଖ ମହିମା ଆଶ୍ରମର ପବିତ୍ର ପରିସରରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଏକଦିନିଆ ମହାଯଜ୍ଞ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଗତ ୧୦୦ ବର୍ଷ ଧରି ଅବିରତ ଭାବେ ଚାଲିଆସୁଥିବା ଏହି ଆଧ୍ୟାତ୍ମିକ ଅନୁଷ୍ଠାନ ଏବେ ଏକ ଐତିହାସିକ ପରମ୍ପରାର ରୂପ ନେଇଛି। ଯଜ୍ଞ ଅନୁଷ୍ଠାନ କାର୍ତିକ ପୂର୍ଣ୍ଣିମା ପୂର୍ବଦିନ ଆରମ୍ଭ ହୋଇ ନାମସଙ୍କୀର୍ତନ ଓ ଧାର୍ମିକ କାର୍ଯ୍ୟକ୍ରମ ସହ ଆଶ୍ରମ ପରିସର ଶୁଭ ଉତ୍ସାହରେ ସମାପନ ହୋଇଥିଲା। ପୂର୍ଣ୍ଣିମା ଦିନ ଭୋରୁ ଯଜ୍ଞର ପୂର୍ଣ୍ଣ ଆହୁତି ଦିଆଯାଇ ବିଶେଷ ପୂଜା ପାଳନ କରାଯାଇଥିଲା। ଏହି ଅବସରରେ ଦୂରରୁ ଆସିଥିବା ଶ୍ରଦ୍ଧାଳୁମାନେ ଆଶ୍ରମର ଦିବ୍ୟ ପରିବେଶରେ ଅଂଶଗ୍ରହଣ କରି ଧାର୍ମିକ ଆନନ୍ଦ ଉପଭୋଗ କରିଥିଲେ। ପ୍ରସାଦ ବଣ୍ଟନ ଓ ନାମସଙ୍କୀର୍ତନ ମାଧ୍ୟମରେ ଆଶ୍ରମର ଶାନ୍ତିମୟ ଓ ଆଧ୍ୟାତ୍ମିକ ଚେତନା ଅନୁଭୂତି ଦେଖିବାକୁ ମିଳିଥିଲା।

## ବିଶ୍ୱେଶ୍ୱର ପୀଠରେ ଭଜନ ସନ୍ଧ୍ୟା



ବାରିକପୁର, ୬।୧୧(ସମିସ): ପବିତ୍ର କାର୍ତିକ ପୂର୍ଣ୍ଣିମା ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରହଣିଆ ପଞ୍ଚାୟତ ରାଢୋ ବିଶ୍ୱେଶ୍ୱର ପୀଠରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ପୀଠରେ ନବଦିନ ବ୍ୟାପି ବାର୍ଷିକ ଶୈବ ପୁରାଣ ପାଠ ହୋଇଥିଲା। କାର୍ତିକ ପୂର୍ଣ୍ଣିମା ଦିନ ପାଠ ଉତ୍ସବ ଉଦଯାପିତ ହୋଇଥିବା ବେଳେ ସନ୍ଧ୍ୟାରେ ଆୟୋଜକ କମିଟି ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଜୁରୀ ରୋଡଠାରୁ ଆସିଥିବା ବାବା ଭଜନ ଟ୍ରୁପ ପକ୍ଷରୁ ସଙ୍ଗୀତ ପରିବେଷଣ ହୋଇଥିଲା। ଦୃଷ୍ଟିବାଧିତ ଶିଶୁ କଳାକାର ହରିହର ବାରିକଙ୍କ ଭଜନ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମବାସୀ ସମେତ ବୋହୁ ଜନସାଧାରଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱେଶ୍ୱର ପୂଜା କମିଟି ସଦସ୍ୟ ଅଜୟ କୁମାର ନାୟକ, ହେମନ୍ତ ଦାସ, ଗୋଲଖ ଚନ୍ଦ୍ର ରାଉତ, ବିଶ୍ୱନାଥ ନାୟକ, ମନୋଜ ନାୟକ, ବିଜୟ ନାୟକ, ନାରାୟଣ ବେହେରା, ଦୁର୍ଯ୍ୟୋଧନ ଲେଙ୍କା, ସନ୍ତୋଷ ଦାସ, ଯଶୋବନ୍ତ ବିନ୍ଧାଣି, ଗୋପାଳ କୁଅଁର, ଅରୁଣ ଲେଙ୍କା, ବିଳାଶଚନ୍ଦ୍ର ନାୟକ, ଶିଶିର ନାୟକ, ପ୍ରଶାନ୍ତ କୁମାର ନାୟକ, ନିଶିକାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଆଇରନ ବୋଝେଇ ଟ୍ରକ୍ ଧକ୍କାରେ ଯୁବକ ଗୁରୁତର

ବାସୁଦେବପୁର, ୬।୧୧(ସମିସ): ବାସୁଦେବପୁର-ଧାମରା ରାସ୍ତାର କୃଷ୍ଣପୁର ଛକରେ କୋଇଲା ବୋଝେଇ ଟ୍ରକ ଧକ୍କାରେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କଟକ ରେଫର କରାଯାଇଛି। ଧାମରା ବନ୍ଦରକୁ ପ୍ରତିଦିନ ଶହ ଶହ ଆଇରନ ବୋଝେଇ ଟ୍ରକ ଯାତାୟାତ କରୁଛି। ଟ୍ରକ ଚାଳକଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ମଣିଷଠାରୁ ଗୋରୁଗାଈଙ୍କ ମୁଣ୍ଡ ଗଡୁଛି। କୃଷ୍ଣପୁର ଛକ ଆଗ ରାସ୍ତାର କୃଷ୍ଣପୁର ଗ୍ରାମର ସୌମ୍ୟରଞ୍ଜନ ମହାକୁଡ ରାସ୍ତା ପାରି ହେଉଥିବା ସମୟରେ ପଛରୁ ଆଇରନ ଟ୍ରକ(ଓଡି -୨୨ ଆର/୩୧୧୩) ଧକ୍କା ଦେଇଥିଲା।

## ଐତିହ୍ୟ ଜରାଜୀର୍ଣ୍ଣ, ପରିତ୍ୟକ୍ତ

# ପରିଚୟ ଖୋଜୁଛି ଅଲୋଡ଼ା 'ପଦ୍ମପୋଖରୀ'

ବନ୍ତ/ଆଗରପଡ଼ା, ୬।୧୧(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ପୁରୁଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ପୁରୁଷଣ୍ଡ ଗ୍ରାମରେ ଥିବା ବହୁ ପୁରାତନ ପଦ୍ମପୋଖରୀ ଅବହେଳିତ ଅବସ୍ଥାରେ ପଡ଼ିଛି। ବିଭାଗୀୟ ଉଦାସୀନତା ଯୋଗୁଁ ଅଲୋଡ଼ା ହୋଇ ପଡ଼ିଥିବା ପଦ୍ମପୋଖରୀ ତାର ପରିଚୟ ଖୋଜିବାରେ ଲାଗିଛି। ୨୦୧୫ରେ ଗ୍ରାମାଞ୍ଚଳର ବିକାଶ ସକାଶେ



ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିଲେ ସାଂସଦଙ୍କ ପୋଷ୍ୟଗ୍ରାମ ଗ୍ରହଣ ଯୋଜନା। ଦେଶର ସାଂସଦଙ୍କୁ ପର୍ଯ୍ୟାୟକ୍ରମେ ନିଜ ଅଞ୍ଚଳରେ ଥିବା ଗୋଟିଏ ଗୋଟିଏ ପଞ୍ଚାୟତକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରି ଏହାର ସାମଗ୍ରୀକ ବିକାଶ ପ୍ରତି ଧ୍ୟାନ ଦେବାକୁ କୁହାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣାକୁ ଆଧାରକରି ତତ୍କାଳୀନ ଭଦ୍ରକ ସାଂସଦ ସ୍ୱର୍ଗତ ଅର୍ଜ୍ଜୁନ ଚରଣ ସେଠୀ ବନ୍ତ ବ୍ଲକ ପୁରୁଷଣ୍ଡ ପଞ୍ଚାୟତକୁ ପ୍ରଥମ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରିଥିଲେ। ଗ୍ରାମର ବିକାଶ ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରି ନିଜ ହାତ ପାଣ୍ଠିରୁ ଅର୍ଥ ମଧ୍ୟ ମଂଜୁର କରିଥିଲେ; କିନ୍ତୁ ଐତିହ୍ୟସମ୍ପନ୍ନ ଉକ୍ତ ପଦ୍ମପୋଖରୀର ପରିଚୟକୁ ଉଜ୍ଜୀବିତ କରାଇପାରି ନଥିଲେ। ଦିନ ଥିଲା ଯେତେବେଳେ କୌଣସି ନଳକୂପ ନଥିଲା ଲୋକେ ଏହି ପୋଖରୀର ପାଣିକୁ ପାନୀୟଜଳ ରୂପେ ବ୍ୟବହାର କରିବା ସହ ଲୋକେ ଏଠାରେ ଗାଧୋଉଥିଲେ ମଧ୍ୟ। ତତ୍‌ସଙ୍ଗେସଙ୍ଗେ ପଶୁ ପକ୍ଷୀ ସେମାନଙ୍କ ତୃଷ୍ଣା ମେଣ୍ଟାଉଥିଲେ। ସମୟକ୍ରମେ ପୋଖରୀକୁ ସଫା କିମ୍ବା ପୁନରୁଦ୍ଧାର କରା ନଯିବାରୁ ଏହା ଏବେ ଦଳ ଓ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ଅପରିଷ୍କାର ପରିବେଶ ସୃଷ୍ଟି କରୁଛି। ଗ୍ରାମର ବହୁ ପ୍ରସିଦ୍ଧ ପାରକେଶ୍ୱର ମନ୍ଦିର (ବୁଢ଼ା ମହାଦେବ)ଙ୍କ ପ୍ରାୟ ୪ ଏକର ଜମିରେ ଏହି ପୁରାତନ ପଦ୍ମପୋଖରୀ ଅବସ୍ଥିତ। ପୋଖରୀଟି ଅବିଭକ୍ତ ପୁରୁଷଣ୍ଡ ପଞ୍ଚାୟତରେ ଥିବାବେଳେ ପଞ୍ଚାୟତ ବିଭାଜନ ପରେ କିଛି ଅଂଶ ବିଟିପୁର ପଞ୍ଚାୟତରେ ରହିଛି। ଗ୍ରାମର ଆରମ୍ଭରେ ପୋଖରୀଟି ରହିଥିବାରୁ ଦୁଇ ପଞ୍ଚାୟତ ବାସିନ୍ଦା ଏଠାରେ ପୂଜାକାର୍ଯ୍ୟ ଓ ଶୁଦ୍ଧିକ୍ରିୟା କରିଥାନ୍ତି। ଉକ୍ତ ପୋଖରୀ ଜଳ ମନ୍ଦିରର ବିଭିନ୍ନ କାର୍ଯ୍ୟରେ ଲାଗିଥାଏ। ପରବର୍ତ୍ତୀ ସମୟରେ ଉକ୍ତ ପୋଖରୀ ପଞ୍ଚାୟତ ଅଧୀନକୁ ଯିବାପରେ ଏଠାରେ ମାଛ ଚାଷ ଆରମ୍ଭ ହୋଇଥିଲା। ବ୍ୟବସାୟ ଦୃଷ୍ଟିକୋଣରୁ ଏହା ଲୋକଙ୍କ ନିତ୍ୟ ବ୍ୟବହାର୍ଯ୍ୟ ରୂପେ ଆଉ ବ୍ୟବହାର ଯୋଗ୍ୟ ହୋଇପାରିଲା ନାହିଁ। ପରବର୍ତ୍ତୀ ସମୟରେ ପୋଖରୀର ଆୟତନ ତୁଳନାରେ ପୋଖରୀର ନିଲାମ ମୂଲ୍ୟ ବଢିବାରେ ଲାଗିଲା। ତେଣୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟକୁ ଆଖିଆଗରେ ରଖି କେହିବି ନିଲାମ ଧରୁ ନ ଥିବା ଜଣାପଡ଼ିଛି। ୨୦୨୨-୨୩ ଆର୍ଥିକ ବର୍ଷରୁ ୨୦୨୪-୨୫ ୩ବର୍ଷ ପର୍ଯ୍ୟନ୍ତ ନିଲାମ ମଧ୍ୟ ବନ୍ଦ ରହିଥିଲା। ଚଳିତ ବର୍ଷ ନିଲାମ ମୂଲ୍ୟ ୧ଲକ୍ଷ୧୫ହଜାର୫୦୦ଟଙ୍କା ଧାର୍ଯ୍ୟ କରାଯାଇଥିଲେ ସୁଦ୍ଧା କେହିବି ନିଲାମ ଧରିବାକୁ ଆଗ୍ରହ ପ୍ରକାଶ କରୁ ନଥିବା ଜଣାପଡ଼ିଛି। ସେହିପରି ନିଲାମ ମୂଲ୍ୟ ଅତ୍ୟଧିକ ହେବା ଯୋଗୁଁ ଉକ୍ତ ପଞ୍ଚାୟତ ଅନ୍ତର୍ଗତ ପାଣଗଡ଼ିଆ ଓ କଚେରି ପୋଖରୀ ମଧ୍ୟ ନିଲାମ ହୋଇପାରୁ ନଥିବା ଜଣାପଡ଼ିଛି। ଗୋଟିଏ ପଟେ ମୂଲ୍ୟ ବୃଦ୍ଧି ଯୋଗୁଁ ଏହା ନିଲାମ ହୋଇପାରୁ ନଥିବା ବେଳେ ଅପରପକ୍ଷରେ ପୋଖରୀକୁ ସଫା କରାଯାଉ ନଥିବାରୁ ଦଳରେ ପରିପୂର୍ଣ୍ଣ ହୋଇ ଏହା ଖେଳ ପଡ଼ିଆର ଭ୍ରମ ସୃଷ୍ଟି କରିବା ସହ ଏହାର ଜଳ ଦେହରେ ଲାଗିଲେ ଚର୍ମ ରୋଗ ସୃଷ୍ଟି କରୁଛି। ତେଣୁ ବିଭାଗୀୟ ଅଧିକାରୀ ଐତିହ୍ୟ ହରାଇବସିଥିବା ପଦ୍ମପୋଖରୀର ପୁରାତନ ପରିଚୟକୁ ଉଜ୍ଜିବୀତ ରଖିବା ପାଇଁ ଚେଷ୍ଟିତ ହେବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେଉଛି।

### ସେମାନେ ଯାହା କହନ୍ତି...



ପଞ୍ଚାୟତ ପ୍ରଶାସନ ପକ୍ଷରୁ ପୋଖରୀର ଉନ୍ନତିକରଣ ପାଇଁ ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ। ଏହା କରିଦେଲେ ବିଭାଗ ପକ୍ଷରୁ ପୋଖରୀର ଉନ୍ନତିକରଣରେ କିପରି ପଦକ୍ଷେପ ନିଆଯାଇପାରିବ ସେଥିପାଇଁ ଚେଷ୍ଟା କରିବି।

**- ସୀତାକାନ୍ତ ରାଉତ, ବିଡିଓ, ବନ୍ତ**



ପୋଖରୀର ଦଳ ଆଦି ସଫା କରିବା ପାଇଁ ସେପରି କୌଣସି ଯୋଜନା ସରକାରଙ୍କର ନାହିଁ। ପୁନରୁଦ୍ଧାର ପାଇଁ ଯୋଜନା ଅଛି। ଏଥିପାଇଁ ଅର୍ଥ ମଂଜୁର ହୋଇପାରିବ।

**- ପ୍ରଜ୍ଞା ପରମିତା ମହାନ୍ତି, କନିଷ୍ଠଯନ୍ତ୍ରୀ, ପୁରୁଷଣ୍ଡ ପଞ୍ଚାୟତ**



ଏଥିବାବଦରେ ଅର୍ଥ ମଧ୍ୟ ମଂଜୁର ହେବା ସମ୍ଭାବନା ନାହିଁ। ଅଗାମୀ କିଛି ଦିନ ମଧ୍ୟରେ ଧାର୍ଯ୍ୟ ନିଲାମ ଅର୍ଥରେ ପରିବର୍ତ୍ତନ ଆଣିବା ପାଇଁ ପଞ୍ଚାୟତ ପକ୍ଷରୁ ବିହିତ ପଦକ୍ଷେପ ନେବା ସହ ଏକ ପ୍ରସ୍ତାବ ପାରିତ କରି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପ୍ରେରଣ କରାଯିବାକୁ ସ୍ଥିର କରାଯାଇଛି।

**- ବୀରକିଶୋର ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ**



ପଞ୍ଚାୟତରେ ପୋଖରୀକୁ ସଫା କରିବା ବାବଦରେ ଅର୍ଥ ନ ଥିବାରୁ ସେ କୋ÷ଣସି ପଦକ୍ଷେପ ନେଇ ପାରୁନାହାନ୍ତି। ଏହାର ନିଲାମ ରାଶିରେ ପରିବର୍ତ୍ତନ ଅଣାଯାଇପାରିଲେ କିଛି ପଦକ୍ଷେପ ନିଆ ଯାଇପାରିବ।

**- ପ୍ରକାଶ ବିଶ୍ୱାଳ, ସରପଞ୍ଚ, ପୁରୁଷଣ୍ଡ**

# ଯୁବତୀ ଅପହରଣକୁ ୨୪ ଘଣ୍ଟା ବିତିଲା; ପୁଲିସ ହାତ ଖାଲି

ବାରିପଦା, ୬।୧୧(ସମିସ): କୁଳିଅଣା ଥାନା ଅଞ୍ଚଳରୁ ଜଣେ ଯୁବତୀଙ୍କୁ ଅପହରଣ ହୋଇଥିବା ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ବାରିପଦା ସହର କାଳିମନ୍ଦିର ସାହିର ଦୁଇଜଣ ଯୁବକ ବଳପୂର୍ବକ ଅପହରଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଅପହରଣର ୨୪ଘଣ୍ଟା ବିତିବା ପରେ ବି ପୁଲିସ ହାତ ଖାଲି। ଘଟଣାରୁ ପ୍ରକାଶ ଯେ, କୁଳିଅଣା ଥାନା ଅଧୀନ କୁଡିଆପାଳ ଗ୍ରାମର ଜନୈକା ଯୁବତୀ ବାରିପଦା ସ୍ଥିତ କକା ଘରକୁ ବୁଲିବାକୁ ଆସିଥିଲେ। ଗତ ୪ତାରିଖ ଯୁବତୀ ଜଣକ ଘରକୁ ଯିବା ପାଇଁ ନିଜ କକା ପୁଅ ଭାଇ ସାଇ ସମ୍ରିତ ସହିତ ବସଷ୍ଟାଣ୍ଡକୁ ଆସିଥିଲେ। ପରେ ସାଇ ସମ୍ରିତଙ୍କୁ ଅଭିଯୁକ୍ତ ଦ୍ୱୟ ମାଡମାରିବା ସହ ଜନଗହଳି ସ୍ଥାନରୁ ଯୁବତୀଙ୍କୁ ଏକ ବାଇକ୍‌ରେ ଉଠାଇ ନେଇ ପଳାଇଥିଲେ। ଏ ନେଇ ସାଇ ସମ୍ରିତ ପରିବାରଙ୍କୁ ଜଣାଇବା ପରେ ଯୁବତୀଙ୍କ ବାପା ଖୋଜାଖୋଜି ଆରମ୍ଭ କରିଥିଲେ। ଉକ୍ତ ଘଟଣାକୁ ନେଇ ୧୧୨ନଂରେ ପୁଲିସକୁ ଜଣାଇବା ପରେ ପୁଲିସ ଉପସ୍ଥିତିରେ ଗାଳିଗୁଲଜ କରିଥିଲେ। ଯାହାକୁ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି ଯୁବତୀଙ୍କୁ ଉଦ୍ଧାର କରାଯାଇପାରିନାହିଁ। ଏ ସଂକ୍ରାନ୍ତରେ ଥାନାଧିକାରୀ କରୁଣାକର ରାଉତ କହନ୍ତି, ଯୁବତୀଙ୍କୁ ଏକା ଛାଡି ସମ୍ପର୍କୀୟ ଭାଇ ପଳାଇଆସିଥିଲେ। ତେବେ ଶୁକ୍ରବାର ସୁଦ୍ଧା ଯୁବତୀଙ୍କୁ ଉଦ୍ଧାର କରାଯିବ ବୋଲି କହିଛନ୍ତି। ଉଦ୍ଧାର ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡିବ।

# ୨ ମହିଳାଙ୍କଠାରୁ ସୁନା ଅଳଙ୍କାର ଲୁଟ୍

ବାରିପଦା, ୬।୧୧(ସମିସ): ବାରିପଦା ସହରରରେ ଛିନତାଇ ଗ୍ୟାଙ୍ଗଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ଚିନ୍ତାଜନକ ହେଲାଣି। କାର୍ତ୍ତିକ ପୂର୍ଣ୍ଣିମାରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ଶ୍ରୀଶ୍ରୀ ହରିବଳଦେବ ଜୀଉ (ଜଗନ୍ନାଥ) ମନ୍ଦିରକୁ ପୂଜା କରିବାକୁ ଆସିଥିବା ୨ ଜଣ ମହିଳା ଭକ୍ତଙ୍କ ନିକଟରୁ ଦୁର୍ବୃତ୍ତମାନେ ସୁନାହାର ଲୁଟି ନେଇ ପଳାଇଛନ୍ତି। ଏ ନେଇ ଟାଉନ ଥାନାରେ ଦୁଇଟି ପୃଥକ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନବକିଶୋର ବିଶ୍ୱାଳ ତାଙ୍କ ପତ୍ନୀଙ୍କ ସହିତ ସକାଳୁ ଜଗନ୍ନାଥ ମନ୍ଦିରକୁ ଦର୍ଶନ କରିବା ପାଇଁ ଯାଇଥିଲେ। ତେବେ ଭିଡ଼ ମଧ୍ୟରେ ସୁଯୋଗ ପାଇ ଦୁର୍ବୃତ୍ତମାନେ ମହିଳାଙ୍କଠାରୁ ସୁନାହାର ଲୁଟ କରିଛନ୍ତି। ସୁନା ହାର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ସେହିପରି ଦେବୀଦତ୍ତ ଖୁଣ୍ଟିଆଙ୍କ ଶାଶୂ ସକାଳେ ଜଗନ୍ନାଥ ମନ୍ଦିର ଯାଇଥିବା ବେଳେ ତାଙ୍କର ମଧ୍ୟ ସୁନାହାର ଲୁଟ ହୋଇଛି। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଚୋରି ସୁନା ହାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ପୁଲିସ ତଦନ୍ତ ଚଳାଇଛି।

# ଘରେ କଳାକନା ବୁଲାଇଦେଲେ ଦୁର୍ବୃତ୍ତ

ଭୋଗରାଇ, ୬।୧୧ (ସମିସ): ଘରେ କେହି ନ ଥିଲା ବେଳେ ବିଳମ୍ବିତ ରାତିରେ ଚୋରି । ଲକ୍ଷାଧିକ ଟଙ୍କାର ସୁନା ଗହଣା ସହ ନଗଦ ଟଙ୍କା ଚୋରି କରିନେଲେ ଦୁର୍ବୃତ୍ତ। ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅନ୍ତର୍ଗତ ଡେମୁରିଆ ଗ୍ରାମର ଯତୀନ୍ଦ୍ର ଦାସ ଓ ସ୍ତ୍ରୀ ଅସୀମା ଦାସ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ପଞ୍ଚୁକ ବ୍ରତ ରଖିବା ପାଇଁ ଘରେ ତାଲା ପକାଇ ପୁରୀ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଗତ ୫ ତାରିଖ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘର ପଛପଟ ତାରବାଡ଼ କାଟି ମୁଖ୍ୟ ଦ୍ୱାର ଗ୍ରୀଲକୁ ଗ୍ୟାସ କଟରରେ କାଟି ଘର ଭିତରକୁ ପ୍ରବେଶ କରିଥିଲେ। ତିନୋଟି ରୁମ୍‌ର କବାଟ ଓ ଆଲମାରୀ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାରୁପା ଗହଣା ଓ ନଗଦ ଟଙ୍କା ଚୋରି କରି ଫେରାର ହୋଇଯାଇଥିଲେ। ସକାଳେ ଗ୍ରାମର ସଂପର୍କୀୟ ଘରେ ଚୋରିହୋଇଥିବା ଜାଣିପାରି ଯତିନ୍ଦ୍ରଙ୍କୁ ଜଣାଇଥିଲେ। ଯତିନ୍ଦ୍ରଙ୍କ ପରାମର୍ଶ କ୍ରମେ ତାଙ୍କର ସମ୍ପର୍କୀୟ ନାତି କମର୍ଦ୍ଦା ପୁଲିସକୁ ଖବର ଦେବା ସହିତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖବରପାଇ କମର୍ଦ୍ଦା ଥାନା ଏଏସଆଇ ଗୁରୁଚରଣ ବେହେରା ଓ କନେଷ୍ଟବଳ ଲକ୍ଷ୍ମଣ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଥାନା ଅଧିକାରିଣୀ ପ୍ରିୟଦର୍ଶିନୀ ଖଟୁଆ ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ କରିଛନ୍ତି। କମର୍ଦ୍ଦା ଥାନା ଅଧୀନରେ ଥିବା ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ସମୟରେ ବହୁ ଚୋରି, ଡକାୟତି ଓ ଛିନ୍ତାଇ ହେଉଥିଲା ବେଳେ ପୁଲିସର ହାତ ଖାଲି ରହୁଛି। କମର୍ଦ୍ଦା ଥାନାକୁ ଆସିଥିବା ନୂତନ ଥାନା ଅଧିକାରୀଣୀ ପ୍ରିୟଦର୍ଶିନୀ ଖଟୁଆ କ'ଣ ସବୁ ପଦକ୍ଷେପ ନେଉଛନ୍ତି ଏବଂ ଦୁର୍ବୃତ୍ତଙ୍କୁ ଧରିବାରେ କେତେ ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ହାଇୱା ଧକ୍କାରେ ବାଇକ୍‌ଆରୋହୀ ମୃତ



ଚମ୍ପୁଆ,୬।୧୧(ସମିସ): ଚମ୍ପୁଆ ଥାନା ଅନ୍ତର୍ଗତ ବାସୁଦେବପୁର ଛକ ନିକଟରେ ଘଟିଯାଇଛି ଏକ ମର୍ମନ୍ତୁଦ ଦୁର୍ଘଟଣା। ହାଇୱା ଧକ୍କାରେ କୋଦଗାଡ଼ିଆ ଗ୍ରାମର ବାଇକ ଆରୋହୀ ପବିତ୍ର ମହାନ୍ତଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡିଛି। ସୂଚନା ଅନୁସାରେ, ପବିତ୍ର ଆଜି ନିଜ ଗ୍ରୋସରୀ ଦୋକାନ ପାଇଁ ସାମଗ୍ରୀ କିଣିବାକୁ ବାସୁଦେବପୁର ଯାଇଥିଲେ। ସେଠାରୁ ସାମଗ୍ରୀକୁ ନିଜ ବାଇକରେ ଲଦି ଘରକୁ ବାହାରୁଥିବା ବେଳେ ଓଡି୦୯ପି୬୬୭୦ ହାଇୱା ଧକ୍କା ଦେଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ପୁଲିସ ହାଇୱାକୁ ଜବତ କରିବା ସହ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଦିନକ ପାଇଁ ଖୋଲିଲା ଜ୍ୱାଳାମୁଖୀ ମନ୍ଦିର; ପ୍ରବଳ ଜନସମାଗମ



ବାରିପଦା,୬।୧୧(ସମିସ): ବାରିପଦାର ସବୁଜ ପରିବେଶ ମଧ୍ୟରେ ଲୁଚି ରହିଛି ଏକ ପବିତ୍ର ସ୍ଥାନ ଜ୍ୱାଳାମୁଖୀ ମନ୍ଦିର।ଏହି ମନ୍ଦିର ନିଆଁ ଓ ଆଲୋକର ଦେବୀ ଜ୍ୱାଳାମୁଖୀଙ୍କ ପ୍ରତି ସମର୍ପିତ। ମନ୍ଦିର ଭିତରେ ଏକ ନୀଳ ଜ୍ୱାଳା ଅବିରତ ଭାବେ ଜଳୁଛି; ଯାହା ଭୂମି ତଳୁ ଆସୁଥିବା ପ୍ରାକୃତିକ ଗ୍ୟାସ୍‌ର ଅଲୌକିକ ରୂପ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏହି ଅମର ନୀଳ ଜ୍ୱାଳା ଦେବୀଙ୍କ ଅସ୍ତିତ୍ୱର ପ୍ରତୀକ; ଯାହା ଭକ୍ତଙ୍କ ମନରେ ଶାନ୍ତି ଓ ଆଲୋକ ବୁହାଇ ଦିଏ। ବର୍ଷକୁ ଥରେ ଏହି ମନ୍ଦିର ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଥିଲା। କାର୍ତ୍ତିକ ପୂର୍ଣ୍ଣିମାରେ ପ୍ରବଳ ଜନସମାଗମ ହୋଇଥିଲା। ଭଞ୍ଜ ରାଜବଂଶର ଉପହାର ସ୍ୱରୂପ ଷୋଡ଼ଶ ଶତାବ୍ଦୀରେ ରାଜା ଭଞ୍ଜଦେଓ ଏହି ମନ୍ଦିର ନିର୍ମାଣ କରିଥିଲେ। ଏହା ଭାରତର ୫୧ଟି ଶକ୍ତିପୀଠ ମଧ୍ୟରୁ ଅନ୍ୟତମ। ପୌରାଣିକ କଥା ଅନୁସାରେ, ଦେବୀ ସତୀଙ୍କ ଦେହର ଏକ ଅଂଶ ଏଠାରେ ପଡ଼ିଥିଲା। ମନ୍ଦିରର ସୁନାକାର ଗମ୍ବୁଜ ମୋଗଲ ସମ୍ରାଟ ଅକବରଙ୍କ ଦାନ। ଏହି ସୁନାକାର ଗମ୍ବୁଜକୁ ସୁରକ୍ଷା ଦେବା ପାଇଁ ପୂର୍ବରୁ ନିକଟସ୍ଥ ଘର ଉପରେ ଏକ ସ୍ୱୟଂଚାଳିତ ବନ୍ଧୁକ ବସାଇଥିଲା। ଏହା ମନ୍ଦିରର ଐତିହାସିକ ମହତ୍ତ୍ୱକୁ ଆହୁରି ଗଭୀର କରିଥାଏ। ସ୍ଥାପତ୍ୟ ଓ ସାଂସ୍କୃତିକ ସୌନ୍ଦର୍ଯ୍ୟ ଉତ୍ତର ଭାରତୀୟ ଶୈଳୀରେ ନିର୍ମିତ। ଏହି ମନ୍ଦିରରେ ଉଚ୍ଚ ଶିଖର ଓ ସୁନାକାର ଗମ୍ବୁଜ ରହିଛି। ମନ୍ଦିର ଭିତରେ ସୁନାରେ ନିର୍ମିତ ଦେବୀ ଜ୍ୱାଳାମୁଖୀଙ୍କ ମୂର୍ତ୍ତି ଭକ୍ତଙ୍କୁ ଆକର୍ଷଣ କରେ। ବିଭିନ୍ନ ଦେଶର କାରିଗରଙ୍କ ହସ୍ତକଳା ଏହି ସ୍ଥାପତ୍ୟରେ ମିଶି ରହିଛି। ମନ୍ଦିର ପରିସରରେ ସବୁଜ ଉଦ୍ୟାନ ଓ ଏକ ବିଶାଳ ପୁଷ୍କରିଣୀ 'ଜ୍ୱାଳାମୁଖୀ ସରୋବର' ରହିଛି। ଏହି ସରୋବର ମନ୍ଦିରର ସୌନ୍ଦର୍ଯ୍ୟକୁ ଆହୁରି ବୃଦ୍ଧି କରିଥାଏ। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଆଧ୍ୟାତ୍ମିକ ଶାନ୍ତିମନ୍ଦିର ଚାରିପାଖେ ସବୁଜ ଉଦ୍ୟାନ ଓ ଗଭୀର ସରୋବର ଏକ ଅପୂର୍ବ ଶାନ୍ତିର ପରିବେଶ ସୃଷ୍ଟି କରିଥାଏ। ସରୋବରରେ ମନ୍ଦିରର ପ୍ରତିଛବି ଦେଖି ଭକ୍ତ ଧ୍ୟାନ ଓ ଆତ୍ମଚିନ୍ତନରେ ମଗ୍ନ ହୋଇଯାଆନ୍ତି। ଅମର ନୀଳ ଜ୍ୱାଳାର ଆଲୋକରେ ଭକ୍ତଙ୍କ ମନର ଅନ୍ଧକାର ଦୂର ହୋଇଯାଏ। ଭକ୍ତଙ୍କ ଅନୁଭବ ପ୍ରତିବର୍ଷ ହଜାର ହଜାର ଭକ୍ତ ଏଠାକୁ ଆସନ୍ତି। ଅନେକ ଭକ୍ତ କହନ୍ତି, ଏଠି ଆସିଲେ ମନର ସବୁ କଷ୍ଟ ଭୁଲି ଯାଏ। ଦେବୀଙ୍କ ଦର୍ଶନରେ ଜୀବନରେ ନୂଆ ଆଲୋକ ଆସିଯାଏ। ବାରିପଦାର ଏହି ଜ୍ୱାଳାମୁଖୀ ମନ୍ଦିର କେବଳ ଏକ ଧାର୍ମିକ ସ୍ଥାନ ନୁହେଁ; ଏହା ଐତିହ୍ୟ, ସ୍ଥାପତ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଏକ ଅପୂର୍ବ ସଂଗମ ବୋଲି କୁହାଯାଏ।

# କାମ କରିବାକୁ ଗୁଜୁରାଟ ଯାଇ ଯୁବକ ନିଖୋଜ

## ହତ୍ୟା ଅଭିଯୋଗ କଲେ ଲୋଧା ଦମ୍ପତି

ମୋରଡ଼ା,୬।୧୧(ସମିସ): ଗୁଜରାଟକୁ କାମ କରିବାକୁ ଯାଇଥିବା ଜଣେ ଯୁବକ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଯୁବକଙ୍କ ବାପାମାଆ ହତ୍ୟା ଅଭିଯୋଗ ଆଣିଛନ୍ତି। ମୋରଡ଼ା ଥାନା ଅନ୍ତର୍ଗତ ଟିଆଁସି ଗ୍ରାମର କନ୍ଦା ମଳିକ ଓ ରେବତୀ ମଳିକଙ୍କ ମଝିଆ ପୁଅ ରଞ୍ଜନ ମଳିକଙ୍କୁ ଫେବୃୟାରୀରେ ବସ୍ତା ଥାନା ଅଞ୍ଚଳର ଦାମୋଦର ଦାସ ନାମକ ଏକ ଠିକାଦାର ପ୍ରଲୋଭନ ଦେଖାଇ ରଞ୍ଜନଙ୍କୁ ଗୁଜୁରାଟକୁ କାମ କରାଇବା ପାଇଁ ନେଇଯାଇଥିଲେ। ରଞ୍ଜନ ସେଠାରେ କାମ କରୁଥିବା ସମୟରେ ଜଣେ ବିବାହିତା ମହିଳାକୁ ପ୍ରେମ ଜାଲରେ ଫସାଇ ସେଠାରୁ ହାଇଦ୍ରାବାଦକୁ ନେଇଯାଇଥିଲେ। ଉକ୍ତ ମହିଳା ଜଣକର ଶଶୁର କୁସୁଡା ଅଞ୍ଚଳର କଟି ବାବୁ ଏବଂ ତାଙ୍କର ପରିବାର କନ୍ଦା ମଳିକର ଘରକୁ ଆସି ଉକ୍ତ ମହିଳାକୁ ଖୋଜାଖୋଜି କରିବା ସହ ରଞ୍ଜନକୁ ମାରିଦେବାର ଧମକ ଦେଇ ଚାଲି ଯାଇଥିଲେ। କାଳୀପୂଜା ସମୟରେ ରଞ୍ଜନ ଶେଷ



ଥର କଥା ହୋଇଥିବା ବେଳେ ବର୍ତ୍ତମାନ କୌଣସି ପତ୍ତା ମିଳୁନାହିଁ। ତେବେ ଉକ୍ତ ମହିଳ କୁ କଟିବାବୁ ଏବଂ ତାଙ୍କ ପରିବାର ଘରକୁ ଫେରାଇ ଆଣିଥିବା ବେଳେ ପୁଅର କୌଣସି ସନ୍ଧାନ ମିଳୁନାହିଁ। ରଂଜନର ବାପାମାଆ ଥାନା ଏବଂ ଲୋଧା ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହେଲେଣି। ତାଙ୍କ ପୁଅକୁ କେହି ହତ୍ୟା କରିଦେଇଛି ବୋଲି ଦମ୍ପତି ଅଭିଯୋଗ କରିଛନ୍ତି। ତେଣୁ କଟିବାବୁକୁ ପୁଲିସ ପଚରାଉଚୁରା କଲେ ପ୍ରକୃତ ସତ୍ୟତା ଜଣାପଡିବ। ଏ ନେଇ ଲୋଧା ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଭବାନୀ ଶଙ୍କର ପାଢ଼ୀଙ୍କୁ ପଚାରିବାରୁ ସେ ଛୁଟିରେ ଅଛନ୍ତି ଏବଂ ଅଭିଯୋଗକୁ ଗ୍ରହଣ କରାଯାଇଥିବା କହିଛନ୍ତି। ପୁଲିସ ଏବଂ ଲୋଧା ଉନ୍ନୟନ ସଂସ୍ଥାର ଚେୟାରମ୍ୟାନ ଜିଲ୍ଲାପାଳଙ୍କୁ ଚିଠି କରିବେ ବୋଲି ପ୍ରତିକ୍ରିୟା ଦେଇଛନ୍ତି।

# ନନ୍ଦିପଦା ଥାନାଞ୍ଚଳର ୨ ସାଇବର ଠକ ଗିରଫ

ହାଟଡ଼ିହୀ,୬।୧୧(ସମିସ): ଅଜଣା ନମ୍ବରରେ ଲୋକଙ୍କୁ ହ୍ୱାଟ୍ସଆପରେ ମେସେଜ୍ କରି ନିଜକୁ ଟ୍ରେଡର ପରିଚୟ ଦେଇ ରାତାରାତି କୋଟିପତି ହେବାର ସୁନେଲି ସ୍ୱପ୍ନ ଦେଖାଉଥିବା ୬ଜଣ ସାଇବର ଠକଙ୍କୁ ଭୁବନେଶ୍ୱର କମିସନରେଟ୍ ପୁଲିସ୍ ଠାବ କରି ଗିରଫ କରିଛି। ଏହି ୬ ଜଣଙ୍କ ମଧ୍ୟରୁ ୨ଜଣ ନନ୍ଦିପଦା ଥାନା ଅଧୀନ ଶଙ୍ଖଣା

## ପୁଞ୍ଜି ନିବେଶ ନାଁରେ ଲକ୍ଷାଧିକ ଟଙ୍କା ଠକେଇ ମାମଲା

ଗ୍ରାମର ସୁଶାନ୍ତ ଜେନା(୪୨) ଓ ବ୍ରହ୍ମାନନ୍ଦ ପହି(୪୪)। ଜଣେ ଦେବଗଡ଼ ଜିଲ୍ଲା ବାରକୋଟ ଅଞ୍ଚଳର, ଜଣେ ଭଦ୍ରକ ଜିଲ୍ଲା ଜଗନ୍ନାଥପୁର ଅଞ୍ଚଳର ଏବଂ ଆଉ ଦୁଇଜଣ ସମ୍ବଲପୁର ଜିଲ୍ଲା ହୀରାକୁଦ ଅଞ୍ଚଳର ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ସେମାନଙ୍କଠାରୁ ଗୋଟିଏ କାର, ୬ଟି ମୋବାଇଲ୍ ଫୋନ୍ ଏବଂ ଆକାଉଣ୍ଟ ଜବତ ହୋଇଛି।

# ଷଡ଼ଙ୍ଗୀରେ ବାଘ ପାଦଚିହ୍ନ; ସତର୍କତା ଜାରିକଲା ବନ ବିଭାଗ

ଆନନ୍ଦପୁର,୬।୧୧ (ସମିସ): ଆନନ୍ଦପୁର ବ୍ଲକ୍ ବାଉଁଶଗଡ଼ ପଞ୍ଚାୟତର ଷଡ଼ଙ୍ଗୀ ଗ୍ରାମରେ ବାଘ ପାଦଚିହ୍ନ ଠାବ ହେବା ପରେ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ବନ ବିଭାଗ ପକ୍ଷରୁ ତଦନ୍ତ କରାଯିବା ସହ ବାଘ ବିଷୟରେ ତଥ୍ୟ ସଂଗ୍ରହ କରାଯାଉଛି। ଆଖାପାଖ ଗ୍ରାମରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସତର୍କ କରାଯାଇଛି। ଗତକାଲି



ରାତିରେ ଷଡ଼ଙ୍ଗୀ ଗ୍ରାମରେ କୁକୁରଗୁଡ଼ିକ ଖୁବ୍ ଜୋରରେ ଭୁକିଥିଲେ। ଦାମୋଦର ପିଙ୍ଗୁଆ ନାମକ ଜଣେ ବ୍ୟକ୍ତି ଘର ବାହାରକୁ ଆସିଥିଲେ। ଏହି ସମୟରେ ନିକଟସ୍ଥ ଧାନବିଲ ଭିତରକୁ ଏକ ବାଘ ଯାଉଥିବା ସେ ଦେଖିଥିଲେ। ଆନନ୍ଦପୁର ରେଞ୍ଜର ନବକିଶୋର ନାଏକ ଆଜି ଦିନତମାମ ବାଘର ଗତିବିଧି ସମ୍ପର୍କରେ ଜାଣିବାପାଇଁ ଉଦ୍ୟମ ଜାରି ରଖିଛନ୍ତି। ବାଘଟି ବାଉଁଶଗଡ଼ ନାଳ ପାରି ହୋଇ କାଠକଟା ଜଙ୍ଗଲ ଆଡ଼କୁ ଯାଇଥିବା ପଦଚିହ୍ନରୁ ଜଣାପଡ଼ିଛି। ସଂଧ୍ୟା ପରେ ଘରୁ ନବାହାରିବା ଓ ଗୃହପାଳିତ ପଶୁଙ୍କୁ ଜଙ୍ଗଲକୁ ନ ଛାଡ଼ିବାପାଇଁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ ସାକିକୋଶିଆ ରେଞ୍ଜ ଠାକୁରମୁଣ୍ଡା ଅଞ୍ଚଳରେ ଏକ ବାଘ ବୁଲୁଥିବା ଜଣାପଡ଼ିଥିଲା। ମଙ୍ଗଳବାର ସକାଳେ ସିଂହନାଳୀ ଜଙ୍ଗଲ ନିକଟରେ ମଧ୍ୟ ବାଘର ପାଦଚିହ୍ନ ଦେଖିବାକୁ ମିଳିଥିଲା। ବାଘ ସମ୍ପର୍କରେ ଖବର ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ୩୨ ବର୍ଷରେ କଚେରୀ ପରିବା ମାର୍କେଟ୍ ଜଗଦ୍ଧାତ୍ରୀ ପୂଜା

# ଦହି ପଖାଳ ଭୋଗ ସ୍ୱତନ୍ତ୍ର; ଆଜି ଭସାଣି



ବାରିପଦା, ୬।୧୧(ସମିସ): କଚେରୀ ପରିବା ମାର୍କେଟ ବ୍ୟବସାୟୀ ସଂଘର ଜଗଦ୍ଧାତ୍ରୀ ପୂଜାର ରହିଛି ସ୍ୱତନ୍ତ୍ରତା। ଚଳିତ ବର୍ଷ ୩୨ ବର୍ଷରେ ପୂଜା ପଦାର୍ପଣ କରିଛି। ଅଁଳା ନବମୀରେ ଘଟ ଉତ୍ତୋଳନ ପୂର୍ବକ ସ୍ଥାପନ ପରେ ପୂଜା ଆରମ୍ଭ ହୋଇଛି। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ସହିତ ହରିନାମ ସଙ୍କିର୍ତ୍ତନ ହୋଇ ୭ ତାରିଖ ପର୍ଯ୍ୟନ୍ତ ପୂଜା ଚାଲିବ। ସଂଘର ସଭାପତି ସମ୍ପାଦକ ଉତ୍ତମ କୁମାର ଘଡ଼େଇ, ଉପସଭାପତି ନିମାଇ କୁମାର ଘୋଷ, ସମ୍ପାଦକ ସୁଦର୍ଶନ ଦତ୍ତ ଓ କୋଷାଧକ୍ଷ ଚନ୍ଦ୍ରଶେଖର ପଣ୍ଡାଙ୍କ ନେତୃତ୍ୱରେ ଏହି ପୂଜା ଅନୁଷ୍ଠିତ ହେଉଛି। ପୂଜାକୁ ସୁନ୍ଦର କରିବା ପାଇଁ ଆଲୋକ ଓ ତୋରଣମାଳାରେ ସୁସଜ୍ଜିତ କରାଯାଇଛି। ପୂଜା କମିଟି ପକ୍ଷରୁ ପ୍ରତିଦିନ ସର୍ବସାଧାରଣଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା କରାଯାଇଛି। ଏଥି ସହିତ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ନଭେମ୍ବର ୫ ଓ ୬ ଅଖଣ୍ଡ ଶ୍ରୀ ହରିନାମ କୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଏଥି ସହିତ ୬ତାରିଖରେ ସ୍ୱତନ୍ତ୍ର ଦଧି ଭଞ୍ଜନ ହୋଇ ଦହି ପଖାଳ ପ୍ରସାଦ ବଣ୍ଟନ କରାଯାଇଥିଲା ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପୂଜା ପାଇଁ ଦିନକ ପାଇଁ ସକାଳେ ମାର୍କେଟର ସମସ୍ତ ଦୋକାନ ବନ୍ଦ ରହିଥିଲା।

# ନାହିଁ ନାହିଁରେ ଚାଲିଛି ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନା

ରାଇରଙ୍ଗପୁର,୬।୧୧(ସମିସ): ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନା ସେବା ବିପର୍ଯ୍ୟସ୍ତ ହୋଇଛି। ଏହି ଡାକ୍ତରଖାନା ଏବେ ନାହିଁ ନାହିଁରେ ଚାଲିଛି। ଏହା ପୁରାତନ ହସ୍ପିଟାଲ ହୋଇଥିବା ବେଳେ ଏମଆରଆଇ ଓ ସିଟି ସ୍କାନ ଭଳି ରୋଗ ନିରୂପଣ ବ୍ୟବସ୍ଥା ନ ଥିବାରୀ ରୋଗୀ ନାହିଁ ନ ଥିବା ହନ୍ତସନ୍ତ ହେଉଛନ୍ତି। ଏପରିକି

- ହସ୍ପିଟାଲରେ ନାହିଁ ଏମଆରଆଇ ଓ ସିଟି ସ୍କାନ
- ରୋଗ ନିରୂପଣ ପାଇଁ ପିଆରଏମ ଉପରେ ନିର୍ଭର

ରୋଗ ନିରୂପଣ କରିବା ନିମନ୍ତେ ରୋଗୀ ବାଧହୋଇ ବାରିପଦାସ୍ଥିତ ପିଆରଏମ୍ ଉପରେ ନିର୍ଭର କରୁଛନ୍ତି। ଏହି ହସ୍ପିଟାଲ ଉପରେ ସ୍ଥାନୀୟ ଅଞ୍ଚଳବାସୀ ସମେତ ଝାରଖଣ୍ଡ ରାଜ୍ୟର ଲୋକେ ମଧ୍ୟ ନିର୍ଭର କରନ୍ତି। ପ୍ରତିଦିନ ଅନେକ ସଂଖ୍ୟକ ରୋଗୀ ଚିକିତ୍ସା ନିମନ୍ତେ ଆସିଥାନ୍ତି। ତେବେ ଜଟିଳ ରୋଗ ଅନୁଧ୍ୟାନ ନିମନ୍ତେ ଏମଆରଆଇ ଓ ସିଟି ସ୍କାନ କରିବାର ନିହାତି



ଜରୁରୀ। ଏହିସବୁ ଯାଞ୍ଚ ଦ୍ୱାରା ଡାକ୍ତର ସହଜରେ ରୋ।ଗ ନିରୂପଣ କରିପାରିଥାନ୍ତି। କିନ୍ତୁ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଉକ୍ତ ବ୍ୟବସ୍ଥା ଉପଲବ୍ଧ ନାହିଁ। ଏମଆରଆଇ ଓ ସିଟି ସ୍କାନ ନିମନ୍ତେ ରୋଗୀମାନେ ବାରିପଦା କିମ୍ବା ଟାଟା ଉପରେ ନିର୍ଭରଶୀଳ ରହୁଛନ୍ତି। ରାଇରଙ୍ଗପୁରରୁ ବାରିପଦା ପିଆରଏମ ହସ୍ପିଟାଲକୁ ରୋଗୀକୁ ନେଇ ଯିବା ଆସିବା ଏବଂ ଲାଇନ କରି ପରୀକ୍ଷା କରାଇବାରେ ୨/୩ଦିନ ଲାଗି ଯାଉଛି। ଏଥିସହିତ ଘରୋଇ ହସ୍ପିଟାଲରେ ଉକ୍ତ ରୋଗ ପରୀକ୍ଷା କରାଇବା ଅନେକ ବ୍ୟୟ ବହୁଳ; ଯାହାକି ଜଣେ ଗରିବ କିମ୍ବା ମଧ୍ୟବିତ୍ତ ପରିବାର ପକ୍ଷେ କଷ୍ଟକର। ଏଠାରେ ବସବାସ କରୁଥିବା ଅଧିକାଂଶ ଲୋକେ ଆର୍ଥିକ ସ୍ତରରେ ସ୍ୱଚ୍ଛଳ ନଥିବାରୁ ଅଧିକ ଟଙ୍କା ଦେଇ ଏହିପରି ରୋଗ ନିରୂପଣ ପରୀକ୍ଷା କରାଇବା ଅସମ୍ଭବ। ଫଳରେ ଲୋକେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ସରକାର ସମସ୍ତଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଉଥିବାର ଡିଣ୍ଡିମ ପିଟୁଥିବାବେଳେ ଏଠାରେ କିନ୍ତୁ ଓଲଟା। ଏନେଇ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ରବୀନ୍ଦ୍ର ମାଣ୍ଡିଙ୍କୁ ପଚାରିବାରୁ ରାଇରଙ୍ଗପୁର ହସ୍ପିଟାଲରେ ଏମଆରଆଇ ଓ ସିଟି ସ୍କାନ ବ୍ୟବସ୍ଥା ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ସୂଚନା ମିଳିନାହିଁ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଷ୍ପତ୍ତି ହେଲେ ସେବା କାର୍ଯ୍ୟକାରୀ ହୋଇପାରିବ ବୋଲି କହିଛନ୍ତି।

# ଦାନ ରୁପା ମୁକୁଟ ଫେରାଇଦେଲେ ପୂଜକ

ଚନ୍ଦନେଶ୍ୱର, ୬।୧୧(ସମିସ) : ଚନ୍ଦନେଶ୍ୱର ମନ୍ଦିର ପରିସରରେ ଥିବା ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଦାନ କରିଥିବା ଚାନ୍ଦି ରୁପାର ମୁକୁଟକୁ ଫେରାଇ ଦେଇଛନ୍ତି ମୁଖ୍ୟ ପୂଜକ ସୁଶୀଲ ପଣ୍ଡା। ଏ ନେଇ ମନ୍ଦିର ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଅସନ୍ତୋଷ ପ୍ରକାଶ କରିଛନ୍ତି ସାମୁଦ୍ରିକ ଥାନାରେ ଅଭିଯୋଗ କରିବା ପରେ ଏଭଳି ପଦକ୍ଷେପ ନିଆଯାଇଥିବା କଥା ପୂଜକ ଶ୍ରୀ ପଣ୍ଡା କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତର କରି ଚାକିରି ପଛରେ ନ ଧାଇଁ ୧୯୮୦ ମସିହାରୁ



ଚନ୍ଦନେଶ୍ୱର ମନ୍ଦିର ପରିସରରେ ଥିବା ଜଗନ୍ନାଥଙ୍କ ସେବାପୂଜା କରି ଆସୁଛନ୍ତି ସୁଶିଲ ପଣ୍ଡା। ଶ୍ରୀଜୀଉଙ୍କ ବିଭିନ୍ନ ଅଳଙ୍କାର ଓ ମୁକୁଟ ଆଦି ରହିଛି। ୨୦୧୭ ମସିହାରେ ରାସ ବିହାରୀ କାମିଲା ଶ୍ରୀଜୀଉଙ୍କ ଲାଗି ଚାନ୍ଦି ରୂପାର ୩ଟି ମୁକୁଟ ଦାନ ଦେଇଥିଲେ। ରଥଯାତ୍ରା, ବାହୁଡା, ଦୁର୍ଗାପୂଜା, ରାସ ପୂର୍ଣ୍ଣିମା ଏବଂ ମନ୍ଦିରର ବିଭିନ୍ନ ସ୍ୱତନ୍ତ୍ର ନୀତିକାନ୍ତି ପୂଜାର୍ଚ୍ଚନାରେ ଦାରୁ ଦେବତାଙ୍କୁ ଉକ୍ତ ଚାନ୍ଦି ମୁକୁଟକୁ ପିନ୍ଧା ଯାଇଥାଏ। ମାତ୍ର ଦିଲ୍ଲୀପ କାମିଳା ପବିତ୍ର ପଂଚକ ବ୍ରତରେ ମୁକୁଟକୁ ପିନ୍ଧାଇବାକୁ ଦାବି କରିବା ସହିତ ପୂଜକଙ୍କୁ ଅଶାଳୀନ ଭାଷାରେ ଗାଳି ଗୁଲଜ କରିଥିଲେ। ଏପରିକି ଉକ୍ତ ପୂଜକ ମୁକୁଟ ୩ଟି ଆତ୍ମସାତ କରିଥିବା ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି। ଫଳରେ ସେବାୟତମାନେ। ୩ଟି ମୁକୁଟ, ପିତଳ ଥାଳି, ଗ୍ଲାସ ଓ ବାଟିକୁ ଦାନ କରିଥିଲେ ତେଘରି ଗାଁର ରାସ ବିହାରୀ କାମିଲା। ମାତ୍ର ତାଙ୍କ ସାନଭାଇ ଦିଲ୍ଲୀପ କୁମାର କାମିଲା ପୂଜକଙ୍କୁ ଅଶାଳୀନ ଭାଷାରେ ଗାଳି ଗୁଲଜ କରିବା ସହ ତାଳସାରୀ

## ସେବାୟତଙ୍କ ଅସନ୍ତୋଷ

ବାଧହୋଇ ସେବାୟତ ସଂଘର ସଭାପତି ତପନ କୁମାର ପଣ୍ଡାଙ୍କ ନିଷ୍ପତି କ୍ରମେ ଦାନ ଦେଇଥିବା ମୁକୁଟ ୩ଟିକୁ ରାସ ବିହାରୀ କାମିଲାଙ୍କୁ ଆଜି ଗୁରୁବାର ସକାଳେ ଫେରାଇ ଦିଆଯାଇଥିଲା। ପରେ ଭୋଗରାଇ ତହସିଲ କାର୍ଯ୍ୟାଳୟରୁ କର୍ମଚାରୀ ମାନେ ତାକୁ ନେଇ ଟ୍ରଷ୍ଟ ବୋର୍ଡ ଅଧୀନରେ ଜମା କରିଥିବା ଜଣା ପଡିଛି। ଏଥିରେ ସେବାୟତ ବୃନ୍ଦଦେବ ପଣ୍ଡା, ଆଶିଷ ପଣ୍ଡାଙ୍କ ସମେତ ଅନ୍ୟ ସେବାୟତମାନେ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ବନ୍ଧୁଙ୍କ ସହାୟତା ମିଳିବ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ନକାରାତ୍ମକ ଚିନ୍ତା ଦୂର ହେବ ।

**ବୃଷ:** ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି । ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ । ନିବେଶରୁ ଦୂରେଇ ରୁହନ୍ତୁ । କୌଣସି ଶୁଭ ଖବର ମିଳିବ । ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ମନ ପ୍ରସନ୍ନ ରହିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ । ବିବାହରେ ସମସ୍ୟା ଆସିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ସିଂହ:** ଚାକିରିରେ ସଫଳତା ମିଳିବ । ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ଜୀବନସାଥୀଙ୍କ ସହଯୋଗ ମିଳିବ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଆୟର ନୂଆ ଅବସର ପ୍ରାପ୍ତ ହେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିବ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ । ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ । ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

## ଆଜିର ଇତିହାସ

- ୧୮୫୮ - ସ୍ୱାଧୀନତା ସଂଗ୍ରାମୀ ବିପିନ୍ ଚନ୍ଦ୍ର ପାଲ୍‌ଙ୍କ ଜନ୍ମ ।
- ୧୮୭୫- ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟ 'ବନ୍ଦେ ମାତରମ୍' ଗୀତର ରଚନା କଲେ ।
- ୧୯୬୮ - ତତ୍‌କାଳୀନ ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା ।
- ୧୯୮୨- ତୁର୍କୀରେ ସମ୍ବିଧାନ ଲାଗୁ କରାଗଲା ।
- ୨୦୦୨- ଇରାନ୍ ଆମେରିକୀୟ ଉତ୍ପାଦର ବିଜ୍ଞାପନ ଉପରେ କଟକଣା ଲଗାଇଲା ।
- ୨୦୧୨- ଗୁଏଟ୍‌ମାଲାରେ ଭୂମିକମ୍ପ ଯୋଗୁ ୫୨ ଜଣଙ୍କ ମୃତ୍ୟୁ ।

## ୨୦୨୬ରେ 'କିଙ୍ଗ୍'



ବଲିଉଡ୍ ବାଦଶାହ ଶାହାରୁଖ ଖାନ ନିକଟରେ ତାଙ୍କର ୬୦ ତମ ଜନ୍ମଦିନ ପାଳନ କରିଛନ୍ତି । ଶାହାରୁଖ୍‌ଙ୍କ ଜନ୍ମଦିନ (ନଭେମ୍ବର ୨) ଅବସରରେ ତାଙ୍କର ଆଗାମୀ ଫିଲ୍ମ 'କିଙ୍ଗ୍'ର ଟିଜର୍ ଆସିଛି । ଏଥିରେ ଫିଲ୍ମର ନାମ ସହ ରିଲିଜ୍ ଡେଟ୍ ମଧ୍ୟ ଘୋଷଣା କରାଯାଇଛି । ଟିଜର୍‌ରେ ଶାହାରୁଖ୍ ଧଳା କେଶ, କାନରେ କାନଫୁଲ ପିନ୍ଧିଥିବାର ଦେଖାଯାଇଛନ୍ତି । ଏଥିରେ ଶାହାରୁଖ୍‌ଙ୍କ ଆକ୍ସନ ସିନ୍‌ଗୁଡ଼ିକ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି । ଏହାସହ ଫିଲ୍ମର ନାମ 'କିଙ୍ଗ୍' ହେବ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି । ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ୨୦୨୬ରେ ପରଦାକୁ ଆସିବ । ଫିଲ୍ମର ବଜେଟ୍ ରହିଛି ୨୦୦ କୋଟି । ଏଥିରେ ଶାହାରୁଖ୍‌ଙ୍କ ସହ ଦୀପିକା ପାଦୁ୍ୟକୋନ୍, ଅଭିଷେକ ବଚ୍ଚନ, ଅନୀଲ କପୁର, ଜ୍ୟାକି ସ୍ରଫ୍ ପ୍ରମୁଖ ନଜର ଆସିବେ । 'କିଙ୍ଗ୍'ରେ ଶାହାରୁଖ୍‌ଙ୍କ ଝିଅ ସୁହାନା ଖାନ୍ ମଧ୍ୟ ଦେଖାଯିବେ ।

## ଶରୀର ପାଇଁ ଭଲ ବିନା ତେଲର ଖାଦ୍ୟ



ଅତ୍ୟଧିକ ତେଲ ଖାଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ହେଲେ ବିନା ତେଲରେ ରୋଷେଇ କରିବା ଅସମ୍ଭବ, ଏକଥା ସମସ୍ତେ ଜାଣନ୍ତି । ଅବଶ୍ୟ ଆଜିକାଲି ବିନା ତେଲରେ କେତେକ ଖାଦ୍ୟ ପ୍ରସ୍ତୁତ କରାଯାଉଛି । ସେହିପରି ଖାଦ୍ୟ ପ୍ରସ୍ତୁତି ଲାଗି କେଉଁ ତେଲ ଉତ୍ତମ, ତା'କୁ ନେଇ ବି ଦ୍ୱନ୍ଦ୍ୱ ଲାଗି ରହେ । ବିଶେଷକରି ସୋରିଷ ତେଲ ଓ ଅଲିଭ୍ ତେଲ ବ୍ୟବହାର କରିବାକୁ ନେଇ ଲୋକେ ଶଙ୍କାରେ ରହନ୍ତି । ହେଲେ ଭାରତୀୟଙ୍କ ମଧ୍ୟରେ ସୋରିଷ ତେଲ ଖୁବ୍ ଲୋକପ୍ରିୟ । ଭାରତୀୟ ବ୍ୟଞ୍ଜନଗୁଡ଼ିକରେ ସୋରିଷ ତେଲର ଅଧିକ ବ୍ୟବହାର କରାଯାଏ । ଅନେକ ଗବେଷଣାନୁସାରେ, ହାଲକାଫୁଲକା ବ୍ୟଞ୍ଜନରେ ଅଲିଭ୍ ତେଲ ବ୍ୟବହାର କରିବା ଭଲ । ଅନ୍ୟପକ୍ଷରେ ଏନେଇ ଡାକ୍ତରଙ୍କ କହିବା କଥା, ଏମିତି କୌଣସି ତେଲ ନାହିଁ, ଯାହା ଶରୀର ପାଇଁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ । ତେଣୁ ଖାଦ୍ୟରେ ଯେତେସମ୍ଭବ କମ୍ ମାତ୍ରାରେ ତେଲ ବ୍ୟବହାର କରିବା ଉଚିତ । ତେବେ ଓଜନ କମ୍ କରିବାକୁ ଚାହୁଁଥିବା ଲୋକେ ନିଜ ଡାଏଟ୍‌ରେ ତେଲ କମ୍ କରିବା ଦରକାର । ଲଗାତାର ଦୁଇ ସପ୍ତାହ ପର୍ଯ୍ୟନ୍ତ ଖାଦ୍ୟରୁ ତେଲ ବାଦ୍ ଦେବା ଦ୍ୱାରା ଏହାଦ୍ୱାରା ଅନେକ ଫାଇଦା ମିଳିଥାଏ । ବିନା ତେଲର ଖାଦ୍ୟ ପାଚନକ୍ରିୟା ପାଇଁ ଭଲ ହୋଇଥାଏ । ବିନା ତେଲରେ ଖାଦ୍ୟ ଖାଇବା ଦ୍ୱାରା ପେଟ ଫୁଲା ଓ ହଜମ ଜନିତ ସମସ୍ୟାର ଆଶଙ୍କା କମ୍ ଥାଏ । ତେଲରେ ବହୁତ ଅଧିକ କ୍ୟାଲୋରି ଥାଏ । ତେଣୁ ଏହାକୁ ଖାଦ୍ୟରେ ବ୍ୟବହାର ନ କରିବା ଦ୍ୱାରା ଶରୀରରେ କ୍ୟାଲୋରି ପରିମାଣ ହ୍ରାସ ପାଏ । ତେଲରେ ଚର୍ବି ଓ କ୍ୟାଲୋରି ଥାଏ । ତେଣୁ ବିନା ତେଲରେ ଖାଦ୍ୟ ପ୍ରସ୍ତୁତି କରିବା ଦ୍ୱାରା ଓଜନ କମ୍ କରିବାରେ ଏହା ସାହାଯ୍ୟ କରେ । ବିନା ତେଲରେ ରୋଷେଇ କରିବା ଦ୍ୱାରା ସାଚୁ୍ୟରେଟେଡ୍ ଫ୍ୟାଟ୍ ଏବଂ ଟ୍ରାନ୍ସ ଫ୍ୟାଟ୍ କମ୍ ହୁଏ । ଏହାଦ୍ୱାରା ଶରୀରରେ ଏଲ୍‌ଡିଏଲ୍(ଖରାପ) କୋଲେଷ୍ଟ୍ରଲ ସ୍ତର ହ୍ରାସ ପାଏ, ହୃଦ୍ ରୋଗ ଆଶଙ୍କା କମ୍ ହୁଏ । ଅନ୍ୟପଟେ ବିନା ତେଲରେ ବି ଆଜିକାଲି ଅନେକ ସ୍ୱାଦିଷ୍ଟ ରାନ୍ଧଣା ପ୍ରସ୍ତୁତ କରାଯାଉଛି । ଇଡ୍‌ଲି, ଢୋକଲା, ସୁପ୍, ଓଟ୍ସ, ଉପମା, ଦଲିଆ, ସାଲାଡ ମଧ୍ୟ ତିଆରି କରାଯାଇପାରିବ । ଅନ୍ୟପକ୍ଷରେ ଜଣେ ତେଲ ବଦଳରେ ଘିଅ ବ୍ୟବହାର କରିପାରିବେ । ଏଥିରେ ଅନେକ ପୋଷକତତ୍ତ୍ୱ ଥାଏ ।

## ବିନା ଦୋକାନୀରେ ଚାଲୁଛି ଦୋକାନ



ବିଶ୍ୱର ପ୍ରତ୍ୟେକ ସହର ନିଜସ୍ୱ ସ୍ୱତନ୍ତ୍ରତା ତଥା ଭିନ୍ନତା ପାଇଁ ଜଣାଯାଏ । ଏଭଳି ଏକ ସହର ହେଉଛି ନାଗାଲାଣ୍ଡର ଫୁତ୍‌ସେରୋ । ଏହି ସହରରେ ଥିବା ଥିବା ଦୋକାନଗୁଡ଼ିକରେ ଦୋକାନୀ ବସନ୍ତିନି । ଦୋକାନରେ ଜିନିଷ ଭର୍ତ୍ତି ହୋଇଥିଲେ ସୁଦ୍ଧା ଏହାକୁ ବିକ୍ରି କରିବା ପାଇଁ ଦୋକାନୀ ନ ଥାନ୍ତି । ଦୋକାନରେ ଥିବା ପ୍ରତ୍ୟେକ ଜିନିଷ ଉପରେ ଏହାର ମୂଲ୍ୟ ଲେଖାଯାଇଥାଏ । ସେହି ଅନୁଯାୟୀ, ଲୋକେ ନିଜ ଆବଶ୍ୟକ ଜିନିଷ କିଣି ଦୋକାନରେ ଟଙ୍କା ରଖି ଦେଇ ଯାଆନ୍ତି । ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଦୋକାନରେ ଥିବା କ୍ୟାସ୍ ବକ୍ସରୁ ଚୋରି ମଧ୍ୟ ହୁଏନାହିଁ । ଏଠାକାର ଦୋକାନୀମାନଙ୍କର ଲୋକଙ୍କ ଉପରେ ଥିବା ବିଶ୍ୱାସ ଓ ଗ୍ରାହକଙ୍କ ସଚ୍ଚୋଟପଣିଆ ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଏଠାରେ ୨୦ ଟି ଦୋକାନ ଅଛି । ବିଶେଷ କରି ମହିଳା ଚାଷୀମାନେ ଏହି ଦୋକାନ ଚଳାଇଥାନ୍ତି । ଦୋକାନଗୁଡ଼ିକରେ ଫଳ, ପନିପରିବା, ଆଚାର, ଜାମ୍ ଓ ଜୁସ୍ ବିକ୍ରି ହୋଇଥାଏ । ସକାଳୁ ନେଇ ସଞ୍ଜ ଯାଏ ଏହି ଦୋକାନ ସବୁ ଖୋଲା ରହିଥାଏ । ଏହାର ମାଲିକମାନେ କ୍ଷେତରୁ ଘରକୁ ଫେରିଲାବେଳେ ଦୋକାନରୁ ଟଙ୍କା ନେଇ ଯାଆନ୍ତି । ଦୋକାନ ମଧ୍ୟରେ ସିସିଟିଭି କ୍ୟାମେରା ଲାଗି ନାହିଁ କି ଏହାକୁ ସୁରକ୍ଷାକର୍ମୀମାନେ ମଧ୍ୟ ଜଗନ୍ତି ନାହିଁ । ସ୍ଥାନୀୟ ଅଞ୍ଚଳର ଜଣେ ସମାଜସେବୀ ଅଙ୍ଗ ବେଖାଟାଲୁଙ୍କ କହିବାନୁଯାୟୀ, ଏହି ଦୋକାନଗୁଡ଼ିକ ୧୫ ବର୍ଷ ପୂର୍ବରୁ ଖୋଲାଯାଇଛି । ଦୋକାନରୁ ନାଗା ଓ ଅଣନାଗା ଶ୍ରେଣୀର ଲୋକମାନେ ଜିନିଷ କିଣାବିକା କରିଥାନ୍ତି । ଲୋକମାନେ ଜିନିଷ ନେଇ ଦୋକାନରେ ଥିବା ବାକ୍ସରେ ଟଙ୍କା ରଖି ଦିଅନ୍ତି । ସେହିପରି କେହି କେହି ୟୁପିଆଇ ପେମେଣ୍ଟ ମଧ୍ୟ କରିଥାନ୍ତି । ଏଠାକାର ମହିଳା ଚାଷୀମାନେ ଦୋକାନରୁ ନିତିଦିନ ପାଖାପାଖି ୨୦୦୦ ଟଙ୍କା ଆୟ କରନ୍ତି । ଅବଶ୍ୟ ବେଳେ ବେଳେ ଲୋକ ଟଙ୍କା ନ ଦେଇ ମଧ୍ୟ ଜିନିଷ ନେଇଯାଆନ୍ତି । ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଏଭଳି ଦୋକାନ ଦେଖି ଆଚମ୍ବିତ ହୋଇଥାନ୍ତି ।

## ସୁନା ଷ୍ଟ୍ରରେ ପିଅନ୍ତି ଚା'




ଥଣ୍ଡାପାନୀୟ କିମ୍ବା ପଇଡ଼ ପିଇବା ସମୟରେ ଅନେକ ଲୋକ ଷ୍ଟ୍ର ବ୍ୟବହାର କରନ୍ତି । ଷ୍ଟ୍ର ମୁଖ୍ୟତଃ ପ୍ଲାଷ୍ଟିକ୍ କିମ୍ବା କାଗଜରୁ ତିଆରି ହୋଇଥାଏ । ହେଲେ ଚୀନ୍, ଝେଜିୟାଙ୍ଗ ପ୍ରଦେଶର ଶୌଉ ନାମକ ବ୍ୟକ୍ତି କେବଳ ଚା ପିଇବା ପାଇଁ ଭାରତୀୟ ମୁଦ୍ରାରେ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏକ ସୁନାର ଷ୍ଟ୍ର ତିଆରି କରିଛନ୍ତି । ବିନା ଷ୍ଟ୍ରରେ ଚା' ପିଇବାକୁ ତାଙ୍କୁ ଭଲ ଲାଗୁ ନ ଥିବାରୁ ବରାଦ ଦେଇ ସେ ୧୦୦ ଗ୍ରାମ୍ ସୁନାରେ ଏହି ଷ୍ଟ୍ରଟିକୁ ତିଆରି କରିଥିଲେ । ଦିନେ ସେ ଇଲେକ୍ଟ୍ରିକ୍ ବାଇକ୍‌ରେ ଘରକୁ ଯାଉଥିବାବେଳେ ଭୁଲବଶତଃ ଷ୍ଟ୍ରଟି ତାଙ୍କ ପ୍ୟାଣ୍ଟ ପକେଟ୍‌ରୁ ଖସି ଯାଇଥିଲା । ଘଣ୍ଟାଏ ଖୋଜିବା ପରେ ବି ଷ୍ଟ୍ରଟି ମିଳି ନ ଥିଲା । ଏହାପରେ ସେ ପୁଲିସ୍‌ର ସହାୟତା ନେଇଥିଲେ । ଦୁଇଜଣ ପୁଲିସ୍ ଅଧିକାରୀ ବହୁତ ଖୋଜାଖୋଜି ପରେ ସୁନା ଷ୍ଟ୍ରଟିକୁ ଏକ ମ୍ୟାନ୍‌ହୋଲରୁ ୧୦୦ ମିଟର ଦୂରରେ ଫୁଟପାଥ ନିକଟରେ ପାଇଥିଲେ । ସୁନା ନିର୍ମିତ ଷ୍ଟ୍ରଟିକୁ ପାଇବା ପରେ ଶୌଉ ବହୁତ ଖୁସି ହୋଇଯାଇଥିଲେ । ଅବଶ୍ୟ ଏହା ଏବେ ଚେପା ହୋଇ ଯାଇଥିବାରୁ ଏହାକୁ ତରଳାଇ ପୁଣିଥରେ ଏକ ନୂଆ ଷ୍ଟ୍ର ତିଆରି ପାଇଁ ସେ ଚିନ୍ତା କରିଛନ୍ତି । ଭବିଷ୍ୟତରେ ଏହାକୁ ଆଉ ପ୍ୟାଣ୍ଟ ପକେଟ୍‌ରେ ନେଇ କୌଣସି ସ୍ଥାନକୁ ଯାତ୍ରା କରିବେ ନାହିଁ ବୋଲି ମଧ୍ୟ ସେ କହିଛନ୍ତି । ଶୌଉଙ୍କ ପାଖରେ ସୁନା ସହ ଏକ ରୂପାରଷ୍ଟ୍ର ମଧ୍ୟ ରହିଛି ।

## ସଞ୍ଜୀବନୀ

'ସକାଳ'ର ସ୍ୱାସ୍ଥ୍ୟ

## ଯନ୍ତ୍ରଣା ଲାଘବ କରେ ଫିଜିଓଥେରାପି



**ମାନସିକ ଏବଂ ଶାରୀରିକ ସୁସ୍ଥତା ଦିଗରେ ବ୍ୟବହାର ହେଉଥିବା ଚିକିତ୍ସାକୁ ଫିଜିଓଥେରାପି କୁହାଯାଏ । ଫିଜିଓଥେରାପି ଦ୍ୱାରା ଅନେକ ରୋଗର ଯନ୍ତ୍ରଣା ଦୂର ହୁଏ । ତେଣୁ କିଛି ନିର୍ଦ୍ଦିଷ୍ଟ ରୋଗ ପାଇଁ ଫିଜିଓଥେରାପିର ସାହାଯ୍ୟ ନେଇ ପାରିବେ ।**

**ସ୍ପଣ୍ଡିଲାଇଟିସ୍:** ଆଜିକାଲି ଭୁଲ୍ ଶୈଳୀରେ ବସିବା ଓ ବ୍ୟାୟାମ ନ କରିବା ଯୋଗୁଁ ମେରୁଦଣ୍ଡ ଯନ୍ତ୍ରଣା ହେଉଛି । ଅଣ୍ଟାରୁ ନେଇ ମୁଣ୍ଡପଛ ପର୍ଯ୍ୟନ୍ତ ରହିଥିବା ମେରୁଦଣ୍ଡ ହାଡ଼ର ହେଉଥିବା ଯନ୍ତ୍ରଣାକୁ ସ୍ପଣ୍ଡିଲାଇଟ୍‌ସ କୁହାଯାଏ । ଏଥିପାଇଁ ଫିଜିଓ ଥେରାପି ନେଲେ ଯନ୍ତ୍ରଣାରୁ ଉପଶମ ମିଳିଥାଏ । ସେହିପରି ମେରୁଦଣ୍ଡ ଯନ୍ତ୍ରଣା, ଆଣ୍ଠୁଗଣ୍ଠିବାତ, ସନ୍ଧିବାତ, କାନ୍ଧଖିଞ୍ଚା ଯନ୍ତ୍ରଣା, ଅଷ୍ଟିଓଆର୍ଥ୍ରାଇଟିସ୍ ଆଦି ହେଲେ ଫିଜିଓ ଥେରାପି ଦ୍ୱାରା ଯନ୍ତ୍ରଣାରୁ ଆରାମ ମିଳିପାରେ । ଗାଉଟ୍, ଅଣ୍ଟାବ୍ୟଥା, ବ୍ରେନ୍‌ଷ୍ଟ୍ରୋକ୍, ସ୍ପୋର୍ଟସ ଇଞ୍ଜୁରି, ଲିଗାମେଣ୍ଟ ଇଞ୍ଜୁରି ଆଦି ପାଇଁ ଫିଜଓଥେରାପିର ମୁଖ୍ୟ ଭୂମିକା ରହିଛି ।

**ଶ୍ୱାସକ୍ରିୟା ଜନିତ ସମସ୍ୟା:** ଆଜ୍‌ମା, ସିଓପିଡି, ବ୍ରୋଙ୍କାଇଟିସ୍ ଆଦି ଶ୍ୱାସଜନିତ ସମସ୍ୟାରୁ ଉପଶମ ପାଇବାକୁ ଫିଜିଓଥେରାପିର ସାହାଯ୍ୟ ନେଇପାରିବେ ।

**ମାଇଗ୍ରେନ ବା ମୁଣ୍ଡବିନ୍ଧା:** ଲଗାତାର ମୁଣ୍ଡ ବିନ୍ଧି ବେକରୁ କାନ୍ଧପର୍ଯ୍ୟନ୍ତ ଯନ୍ତ୍ରଣା ହୁଏ । ତେବେ ଫିଜିଓଥେରାପି ଦ୍ୱାରା ଯନ୍ତ୍ରଣାରୁ ଆରାମ ମିଳିପାରେ । ତେବେ ରୋଗୀର ବୟସ ଏବଂ ଯନ୍ତ୍ରଣାର ତୀବ୍ରତା ଅନୁସାରେ ଫିଜିଓଥେରାପି କରାଯାଏ । ଏହା ସରଳ ବ୍ୟାୟାମ ସହିତ ସମାନ ନୁହେଁ, ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେଇ କରିବା ଆବଶ୍ୟକ ।

## ମଳାଶୟ କର୍କଟ



**ଖରାପ ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ, ବଂଶାନୁଗତ, ଶାରୀରିକ ନିଷ୍କ୍ରିୟତା ଆଦି ଯୋଗୁଁ ଏବେ ବହୁ ଲୋକ କର୍କଟର ଶିକାର ହେଉଛନ୍ତି । ତନ୍ମଧ୍ୟରୁ ମଳାଶୟ ତଥା ରେକ୍ଟମରେ ହେଉଥିବା କର୍କଟକୁ ମଳାଶୟ କର୍କଟ କୁହାଯାଏ । ଏହି କର୍କଟରେ ମଳାଶୟରୁ ରକ୍ତ ବାହରିଥାଏ । ତେଣୁ ଏହାର ଲକ୍ଷଣକୁ ଚିହ୍ନଟ କରି ଚିକିତ୍ସା ଯୋଗାଇଲେ ପୀଡ଼ିତ ସ୍ୱାଭାବିକ ଜୀବନ ଅତିବାହିତ କରି ପାରିବେ ।**

ମଳାଶୟ କର୍କଟ ହେଲେ ଶରୀରରେ ଭିନ୍ନ ଭିନ୍ନ ଲକ୍ଷଣ ଦେଖାଯାଏ । ମଳାଶୟରୁ ରକ୍ତ ପଡ଼ିବା ସହ ଯନ୍ତ୍ରଣା ଅନୁଭୂତ ହୋଇଥାଏ । ମଳତ୍ୟାଗରେ ସମସ୍ୟା ଓ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଯାଏ । ପତଳା ଝାଡ଼ା ହୋଇ ଥକ୍କାପଣ ଲାଗିବା, ଦୁର୍ବଳ ଅନୁଭବ, ତଳିପେଟ ଯନ୍ତ୍ରଣା ଆଦି ହୁଏ । ଅଚାନକ ଓଜନ କମିବା ଲକ୍ଷଣ ଦେଖାଯାଏ । ପ୍ରାଥମିକ ପର୍ଯ୍ୟାୟରୁ ଏହାକୁ ଅଣଦେଖା କଲେ, ମଳାଶୟରୁ କର୍କଟ ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପିପାରେ । ତେଣୁ ଉପରୋକ୍ତ ଲକ୍ଷଣ ଦେଖିଲେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ରେକ୍ଟମ ୧୨ରୁ ୧୫ ସେମି ଲମ୍ବା । ଏହା ତିନିଟି ଭାଗରେ ବିଭକ୍ତ । ତେଣୁ କର୍କଟ ହୋଇଥିବା ସ୍ଥାନର ଚିହ୍ନଟ ପାଇଁ ଡିଜିଟାଲ ରେକ୍ଟାଲ ପରୀକ୍ଷା (ଡିଆର୍‌ଇ) ସହିତ ଶାରୀରିକ ପରୀକ୍ଷଣ କରାଯାଏ । କୋଲୋନୋସ୍କୋପି, ବାୟୋପ୍ସି, ସିଟି ସ୍କାନ୍, ଏମ୍‌ଆର୍‌ଆଇ, ପିଇଟି ସିଟି, ଅଲଟ୍ରାସାଉଣ୍ଡ ଆଦି ପରୀକ୍ଷା କରାଯାଏ । ତେବେ କର୍କଟର ସ୍ଥିତି ଉପରେ ସର୍ଜରୀ ନିର୍ଭରଶୀଳ । ଏବେ ରୋବୋଟିକ୍ ସର୍ଜରୀ ମଧ୍ୟ ହୋଇପାରୁଛି । ସନ୍ତୁଳିତ ଖାଦ୍ୟ ସେବନ ସହିତ ନିୟମିତ ବ୍ୟାୟାମ ଜରୁରି । ଓଜନ ନିୟନ୍ତ୍ରଣରେ ରଖିବା ଆବଶ୍ୟକ ରହିଛି ।

## ମଧୁମେହ ପାଇଁ ରାମବାଣ ବଥୁଆ



**ବଥୁଆ ଶାଗ କେବଳ ସ୍ୱାଦରେ ସୀମିତ ନୁହେଁ, ଏହା ସଞ୍ଜୀବନୀ ସଦୃଶ । ଏହା ଭିଟାମିନ୍- ବି୧, ବି୨, ବି୫ ଏବଂ ଭିଟାମିନ୍-ସିରେ ଭରପୂର । ଏଥିରେ କ୍ୟାଲ୍‌ସିୟମ, ଲୌହସାର, ମ୍ୟାଗ୍ନେସିୟମ୍ ଆଦି ରହିଛି । ଦୈନିକ ବଥୁଆ ଖାଇବା ଦ୍ୱାରା ଏହା ରକ୍ତକୁ ସଫା କରି ନାନା ରୋଗ ଦୂର କରେ ।**

ବଥୁଆ ସେବନ ଦ୍ୱାରା ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ । ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ । ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାରେ ବଥୁଆର ମୁଖ୍ୟ ଭୂମିକା ରହିଛି ।

**ମଧୁମେହ ପାଇଁ ବରଦାନ:** ବଥୁଆ ମଧୁମେହ ପାଇଁ ପ୍ରାକୃତିକ ଔଷଧ ରୂପେ କାମ କରେ । ରକ୍ତରେ ଇନସୁଲିନ୍‌ସ୍ତରକୁ ସନ୍ତୁଳିତ ରଖେ । ଚିକିତ୍ସକଙ୍କ ପରାମର୍ଶରେ ଏହାକୁ ବ୍ୟବହାର କଲେ ରକ୍ତଚାପ ସନ୍ତୁଳିତ ହୋଇଥାଏ । ତେଣୁ ଗିଲପତ୍ର, ଭୂର୍ସୁଙ୍ଗପତ୍ର, ବଥୁଆ, ଗୁଡ଼ୁମାରୀ, ଜାମୁକୋଳି ମଞ୍ଜି ୧୦ ଗ୍ରାମ୍‌କୁ ୨୦୦ ମିଲି ପାଣିରେ ସିଝାଇ ୫୦ ମିଲି ଅବଶେଷ ରଖି ସକାଳ ସନ୍ଧ୍ୟାରେ ଦୁଇବେଳା ସେବନ କଲେ ଏହା ହିତକର ହୋଇଥାଏ ।

**ଓଜନ ନିୟନ୍ତ୍ରଣକାରୀ:** ବଥୁଆରେ ଥିବା ଫାଇବର ପେଟକୁ ଦୀର୍ଘ ସମୟ ପୂରିଲା ରଖିବାରେ ସାହାଯ୍ୟ କରେ । ଏହା ଶରୀରର ଖରାପ କୋଲେଷ୍ଟ୍ରଲ୍‌କୁ କମ୍ କରି ହୃଦ୍‌ସ୍ୱାସ୍ଥ୍ୟ ଠିକ୍ ରଖିବାରେ ସାହାଯ୍ୟ କରେ । ତ୍ୱଚା ଏବଂ କେଶର ଚମକ ବୃଦ୍ଧି ପାଏ । ଯଦି ଚାହିଁବେ, ବଥୁଆରୁ ତିଆରି ପରଟା ଏବଂ ଶାଗ ଖାଇପାରିବେ । ଏହା ଶୀତଋତୁରେ ଶରୀରକୁ ଶକ୍ତି ଦେଇଥାଏ । ବଥୁଆ ରସ ୧୦ ମିଲିକୁ ମହୁ ସହିତ ମିଶାଇ ଦିନକୁ ଦୁଇଥର ସେବନ କରିପାରିବେ ।

## ହୃଦ୍‌ଘାତ ପୂର୍ବର ସୂଚନା ଦେବ ଏଆଇ



ହୃଦ୍‌ଘାତ ଏପରି ଏକ ସ୍ଥିତି ଯେଉଁଥିରେ ପ୍ରତିଟି ସେକେଣ୍ଡ ମୂଲ୍ୟବାନ୍ । ହୃଦ୍‌ରୋଗର ସାମାନ୍ୟ ଲକ୍ଷଣ ଦେଖିବା ମାତ୍ରେ, ତୁରନ୍ତ ଡାକ୍ତରୀ ସହାୟତାରେ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ । ହେଲେ ଏବେ ଏଆଇ ଭବିଷ୍ୟତରେ ଜଣେ ହୃଦ୍‌ଘାତର ଶିକାର ହେବ କି ନାହିଁ କହିପାରିବ । ଏନେଇ ନେଦରଲ୍ୟାଣ୍ଡ, ରେଡ୍‌ବୋର୍ଡ ବିଶ୍ୱବିଦ୍ୟାଳୟ ମେଡିକାଲ ସେଣ୍ଟରର ବୈଜ୍ଞାନିକମାନେ ନୂତନ ଏଆଇ କୌଶଳ ବିକଶିତ କରିଛନ୍ତି । ଏହି କୌଶଳ ରୋଗୀର ରକ୍ତ ନଳୀରେ ଅନ୍ତଃଆବରଣର ଦୁର୍ବଳତାକୁ ଚିହ୍ନଟ କରି ହୃଦ୍‌ଘାତ ଆଶଙ୍କା ସମ୍ବନ୍ଧରେ ଭବିଷ୍ୟବାଣୀ କରିପାରିବ । ଏନେଇ ବୈଜ୍ଞାନିକମାନେ କିଛି ଜଣଙ୍କ କ୍ଷେତ୍ରରେ ପରୀକ୍ଷା କରିଥିଲେ । ଏଥିପାଇଁ ରକ୍ତନଳୀରେ କ୍ଷୁଦ୍ର କ୍ୟାମେରାକୁ ପ୍ରୟୋଗ କରାଯାଏ । କ୍ୟାମେରାଟି ଧମନୀ ପଥରୁ ଅନେକ ଫଟୋ ନେଇ ଏଆଇକୁ ପଠାଇଥାଏ । ଏଆଇ ଫଟୋକୁ ସଠିକ୍ ଭାବେ ବିଶ୍ଳେଷଣ କରି ଧମନୀର କେଉଁ ଅଂଶ କମ୍‌ଜୋର ରହିଛି ଏବଂ ଭବିଷ୍ୟତରେ ହୃଦ୍‌ଘାତର ଆଶଙ୍କା କେଉଁଠି ସୃଷ୍ଟି ହେବ ତାହା ଜଣାଇଥାଏ । ଏନେଇ ଗବେଷକ କୁହନ୍ତି, ଏଆଇ ଦ୍ୱାରା ରୋଗର ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ ହୋଇପାରିଲେ, ଡାକ୍ତରଙ୍କ ପରାମର୍ଶ କ୍ରମେ ସଠିକ୍ ସମୟ ମଧ୍ୟରେ ଚିକିତ୍ସା ଯୋଗାଇ ଦିଆଯାଇପାରିବ । ଆବଶ୍ୟକସ୍ଥଳେ ଷ୍ଟେଣ୍ଟ ଲଗାଇ ସମ୍ଭାବିତ ହୃଦ୍‌ଘାତ ପୂର୍ବର ସୂଚନା ମିଳିପାରିବ । ଏହାଦ୍ୱାରା ଅନେକଙ୍କ ଜୀବନ ବଞ୍ଚି ପାରିବ ।



# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

# ଭାରତକୁ ଜିତାଇଲେ ସ୍ପିନର୍

## ଚତୁର୍ଥ ଟି-୨୦ରେ ଅକ୍ଷର ପଟେଲ୍ ଶ୍ରେଷ୍ଠ ଖେଳାଳି



ଗୋଲ୍ଡକୋଷ୍ଟ,୬।୧୧(ଏଜେନ୍ସି): ସ୍ପିନରଙ୍କ କଞ୍ଜୁସ ବୋଲିଂ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଚତୁର୍ଥ ଟି-୨୦ରେ ଭାରତ ୪୮ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ବ୍ୟାଟିଂ ଲାଗି କଷ୍ଟକର ହେଉଥିବା ଏହି ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୬୭ ରନ୍ କରିଥିଲା। ଜବାବରେ ଭାରତୀୟ ସ୍ପିନରଙ୍କୁ ଉଚିତ ମୁକାବିଲା କରି ନପାରି ଅଷ୍ଟ୍ରେଲିଆ ୧୮.୨ ଓଭରରେ ୧୧୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ଏହି ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ୪ ଓଭର ବୋଲିଂ କରି ୨୦ ରନ୍‌ରେ ୨ ୱିକେଟ ଓ ବ୍ୟାଟିଂରେ ୧୧ ବଲ୍‌ରୁ ଅପରାଜିତ ୨୧ ରନ୍ କରିଥିବା ବାମହାତୀ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ବିଜୟ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭ୍ରମଣକାରୀ ଭାରତ ୨-୧ରେ ଆଗୁଆ ରହିଛି। ସିରିଜ୍‌ର ୫ମ ତଥା ଶେଷ ମୁକାବିଲା ଶନିବାର ବ୍ରିସ୍‌ବେନ୍‌ରେ ଖେଳାଯିବ। ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷାଯୋଗୁ ବାତିଲ ହେବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଓ ତୃତୀୟ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲା। ଆଜିର ବିଜୟ ପରେ ଭାରତ ୨୦୦୮ ପରେ ଅଷ୍ଟ୍ରେଲିଆରେ ଦ୍ୱିପାକ୍ଷିକ ଟି-୨୦ ସିରିଜ୍ ହାରିବ ନାହିଁ ବୋଲି ସ୍ପଷ୍ଟ କରିଛି। ଏହି ସମୟ ମଧ୍ୟରେ ଖେଳାଯାଇଥିବା ୪ଟି ସିରିଜ୍ ମଧ୍ୟରୁ ୨ଟି ଡ୍ର ରହିଥିଲାବେଳେ ଅନ୍ୟ ୨ଟିରେ ଭାରତ ବିଜୟୀ ହୋଇଥିଲା। ଏଠାରେ ମଧ୍ୟ ଅଷ୍ଟ୍ରେଲିଆ ଘରୋଇ ମାଟିରେ ଦ୍ୱିତୀୟ ସର୍ବନିମ୍ନ ଟି-୨୦ ସ୍କୋର କରିଛି। ଦଳର ସର୍ବନିମ୍ନ ଟି-୨୦ ସ୍କୋର ହେଉଛି ୧୧୧। ୨୦୨୨ ନ୍ୟୁଜିଲାଣ୍ଡ ବିପକ୍ଷ ସିଡନୀ ମ୍ୟାଚ୍‌ରେ ଏହା ହୋଇଥିଲା। ଅଷ୍ଟ୍ରେଲିଆରେ ଅଷ୍ଟ୍ରେଲିଆ ବିପକ୍ଷରେ ଡିଫେଣ୍ଡ କରିବାରେ ମଧ୍ୟ ଏହା ଦ୍ୱିତୀୟ ସର୍ବନିମ୍ନ। ପୂର୍ବର ଭାରତ ୨୦୨୦ କାନବେରାରେ ଖେଳାଯାଇଥିବା ମ୍ୟାଚ୍‌ରେ ୧୬୨ ରନ୍ ସ୍କୋରକୁ ଡିଫେଣ୍ଡ କରିଥିଲା। ଏହି ସବୁ ସଫଳତା ଲାଗି ଭାରତ ୨୦୦୮ରୁ ଅଷ୍ଟ୍ରେଲିଆରେ ଟି-୨୦ ସିରିଜ୍‌ରେ ଅପରାଜେୟ ରହିଛି।

କାରାରା ଓଭାଲରେ ପ୍ରଥମକରି ଏକ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳାଯାଉଥିଲାବେଳେ ବ୍ୟାଟିଂ ଲାଗି ପିଚ୍ ଆଦୌ ସହଜ ନ ଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଅନଇଭିନ ବାଉନ୍ସ ଓ ଟର୍ଣ୍ଣର ମୁକାବିଲା କରିବାରେ ସଫଳ ହୋଇ ନ ଥିଲା। ଯାହା ଫଳରେ ବଡ ବଡ ସଟ୍ ଦେଖିବାକୁ ମିଳିଥିଲେ ମଧ୍ୟ ଦଳ କ୍ରମାଗତ ୱିକେଟ ହରାଇ ୧୬୭ ରନ୍‌ରେ ସୀମିତ ରହିଥିଲା। ଦଳ ପକ୍ଷରୁ ପ୍ରଥମ ୪ଜଣ ବ୍ୟାଟର ଭଲ ଆରମ୍ଭ ପାଇଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ରୂପାନ୍ତରିତ କରି ପାରି ନ ଥିଲେ। ସେମାନଙ୍କ ମଧ୍ୟରେ ଓପନର ଶୁବମନ ଗିଲ ୩୯ ବଲ୍‌ରେ ସର୍ବାଧିକ ୪୬, ଅଭିଷେକ ଶର୍ମା ୨୧ ବଲ୍‌ରୁ ୨୮ ରନ୍ ଉଠାଇଥିଲେ। ପରବର୍ତ୍ତୀ ଦୁଇ ବ୍ୟାଟର ଶିବମ ଦୁବେ ୨୨ ଓ ସୂର୍ଯ୍ୟକୁମାର ଯାଦବ ୨୦ ରନ୍ କରିଥିଲେ। ଅନ୍ୟ କୌଣସି ବ୍ୟାଟର ବେଶି ସମୟ ତିଷ୍ଠି ନ ଥିଲେ। ତିଳକ ବର୍ମା ୫, ଜିତେଶ ଶର୍ମା ୩, ୱାଶିଂଟନ ସୁନ୍ଦର ୧୨ ରନ୍ କରିଥିଲେ। ଅକ୍ଷର ପଟେଲ ୨୧ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆର ଫାଷ୍ଟ ବୋଲର ନାଥାନ ଏଲିସ ଓ ଲେଗ୍ ସ୍ପିନର ଆଦାମ ଜାମ୍ପା ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ଜବାବରେ ୧୬୮ ରନ୍‌ର ଟାର୍ଗେଟକୁ ପିଛା କରି ଅଷ୍ଟ୍ରେଲିଆର ଦୁଇ ଓପନର ମିଚେଲ ମାର୍ଶ (୨୪ବଲ୍‌ରେ ୩୦) ଓ ମାଥ୍ୟୁ ସର୍ଟ (୧୯ବଲ୍‌ରେ ୨୫) ଭଲ ଆରମ୍ଭ କରିଥିଲେ। ସର୍ଟଙ୍କୁ ୩୭ ରନ୍ ସ୍କୋରରେ ଆଉଟ କରି ଶିବମ ଦୁବେ ବ୍ରେକ୍ ଥ୍ରୁ ଦେଇଥିଲେ। ଏହି ସମୟରେ ଭାରତୀୟ ସ୍ପିନର ମିଡ୍‌ଲ ଓଭରରେ ଟାଇଟ ବୋଲିଂ କରି ଅଷ୍ଟ୍ରେଲିଆକୁ ଅଟକାଇଥିଲେ। ଏମାନେ ମିଳିତଭାବେ ୯.୨ ଓଭର ବୋଲିଂ କରି ୪୯ ରନ୍ ବିନିମୟରେ ୬ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ତୃତୀୟ ସ୍ପିନର ଭାବେ ବୋଲିଂ କରିଥିବା ୱାଶିଂଟନ ସୁନ୍ଦର ୧.୨ ଓଭରରେ ୩ ରନ୍ ଦେଇ ସର୍ବାଧିକ ୩ଜଣ, ଅକ୍ଷର ପଟେଲ ୨୦ ରନ୍‌ରେ ୨ଜଣ ଓ ବରୁଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଗ୍ଲେନ୍ ମ୍ୟାକ୍ସୱେଲଙ୍କ ୱିକେଟ ଅକ୍ତିଆର କରିଥିଲେ। ପେସ୍ ବୋଲରଙ୍କ ମଧ୍ୟରେ ସବୁଠାରୁ ମନ୍ଥର ବୋଲିଂ କରୁଥିବା ଶିବମ ଦୁବେ ମଧ୍ୟ ପିଚ୍‌ରୁ ଫାଇଦା ଉଠାଇ ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ଅନ୍ୟ ୩ଜଣ ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଏହାର ଅର୍ଥ ଭାରତ ପକ୍ଷରୁ ବୋଲିଂ କରିଥିବା ୬ଜଣ ବୋଲରଙ୍କୁ ୱିକେଟ ମିଳିଥିଲା। ଅନ୍ୟ ଅଷ୍ଟ୍ରେଲୀୟ ବ୍ୟାଟରଙ୍କ ମଧ୍ୟରେ ଜୋଶ ଇଂଲିଶ ୧୨, ଟିମ୍ ଡେଭିଡ୍ ୧୪, ଜୋଶ ଫିଲିପି ୧୦, ମାର୍କସ ଷ୍ଟୋଇନିସ ୧୭ ରନ୍ କରିଥିଲେ। ଏଠାରେ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳି ବୋଲିଂ କରି ନ ଥିବା ମ୍ୟାକ୍ସୱେଲ ମାତ୍ର ୪ଟି ବଲ୍ ଖେଳି ୨ ରନ୍ କରିପାରିଥିଲେ। ଦଳ ଶେଷ ୬ଟି ୱିକେଟ ମାତ୍ର ୨୧ ରନ୍‌ରେ ହରାଇଥିଲା।



## ରାଷ୍ଟ୍ରପତିଙ୍କୁ ଭେଟିଲେ ବିଶ୍ୱ ଚାମ୍ପିଅନ ଖେଳାଳି

ନୂଆଦିଲ୍ଲୀ,୬।୧୧(ଏଜେନ୍ସି): ଦକ୍ଷିଣ ଆଫ୍ରିକାକୁ ହରାଇ ଦିନିକିଆ ମହିଳା ବିଶ୍ୱକପ୍ କ୍ରିକେଟରେ ଚାମ୍ପିଅନ ହୋଇଥିବା ଭାରତର ଖେଳାଳିମାନେ ଆଜି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଆଶୀର୍ବାଦ ନେଇଛନ୍ତି। ମହିଳା ଖେଳାଳିଙ୍କ ଏହି ଚମତ୍କାର ପ୍ରଦର୍ଶନକୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବେଶ ପ୍ରଶଂସା କରିଛନ୍ତି। ଏଭଳି ଖେଳ ମାଧ୍ୟମରେ ଦେଶର ଗୌରବ ବଢ଼ାଇଥିବାରୁ ସମସ୍ତ ଖେଳାଳିଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ୍ ସମସ୍ତ ଖେଳାଳିମାନଙ୍କର ସ୍ୱାକ୍ଷର ଥିବା ଏକ ଜର୍ସି ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ। ବିଶ୍ୱକପ୍ ଟ୍ରଫିକୁ ମଧ୍ୟ ରାଷ୍ଟ୍ରପତିଙ୍କୁ କରକମଳରେ ପ୍ରଦାନ କରାଯାଇଥିଲା। ଖେଳାଳିମାନେ ଯେପରି ସାହସ, ଏକତା ଓ ଏକାଗ୍ରତା ଦେଖାଇ ଟାଇଟଲ ବିଜୟୀ ହୋଇଛନ୍ତି ତାହା ଭାରତର ଯୁବ ପିଢ଼ିକୁ ଅନୁପ୍ରାଣୀତ କରିବ ବୋଲି ଦ୍ରୌପଦୀ ମୁର୍ମୁ କହିଥିଲେ।

## ଚେସଷ୍ଟ୍ରଫ୍ ପକ୍ଷରୁ ଓଡ଼ିଶାରେ ବୃହତ ଚେସ୍ ପ୍ରତିଯୋଗିତା

ଭୁବନେଶ୍ୱର,୬।୧୧(ସମିସ): ରାପିଡ୍ ଓ ବ୍ଲିଜ୍ ଫର୍ମାଟରେ ଏକ ବୃହତ୍ ଚେସ୍ ପ୍ରତିଯୋଗିତା ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ନଭେମ୍ବର ୮ ଓ ୯ ତାରିଖ ଦୁଇଦିନ ଧରି ରାଜଧାନୀ ୟୁନିଟ୍-୩'ରେ ଥିବା ଓଏଏସ୍ ଭବନରେ ଅନୁଷ୍ଠିତ ହେବ। ଏଥିରେ ମୋଟ ପୁରସ୍କାର ରାଶି ରହିଛି ରେକର୍ଡ ୧ ଲକ୍ଷ ୭୫୦୦୦ ଟଙ୍କା। ଏହା ମଧ୍ୟରୁ ରାପିଡ୍ ଚାମ୍ପିଅନଙ୍କୁ ଟ୍ରଫି ସହ ନଗଦ ୨୧,୦୦୦ ଟଙ୍କା ଓ ବ୍ଲିଜ୍ ଚାମ୍ପିଅନଙ୍କୁ ଟ୍ରଫି ସହ ୭,୫୦୦ ଟଙ୍କା ପ୍ରଦାନ କରାଯିବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଆଇଏମ୍ ତଥା ଡାକ୍ତର ଅନ୍ୱେଷ ଉପାଧ୍ୟାୟ ଓ ସମ୍ବିତ ପଣ୍ଡାଙ୍କ ସମେତ ଏକାଧିକ ଶୀର୍ଷ ଖେଳାଳି ସ୍ୱୀକୃତି ପ୍ରଦାନ କରିଛନ୍ତି। ଇଣ୍ଟରନ୍ୟାସନାଲ ଆର୍ବିଟର ନିହାରରଞ୍ଜନ ସାସମଲ ଓ ତାଙ୍କ ଟିମ୍ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ। ଏଥିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ଖେଳାଳିମାନେ ନଭେମ୍ବର ୭ ବା ଶୁକ୍ରବାର ସୁଦ୍ଧା ଚିଫ୍ ଆର୍ବିଟର ନିହାର ସାସ୍‌ମଲଙ୍କୁ ଫୋନ ନଂ ୯୯୩୭୦-୦୭୯୪୫ କିମ୍ବା ଆୟୋଜକ ଚେସ୍‌ଷ୍ଟ୍ରଫ ଏକାଡେମୀ ନିର୍ଦ୍ଦେଶକ ସ୍ୱୟଂଶୁ ସତ୍ୟକାମଙ୍କୁ ଫୋନ୍ ନଂ ୮୨୪୯୬-୧୭୮୯୩ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

### ମହିଳା ପ୍ରିମିୟର ଲିଗ୍ ନିଲାମ

## ଲୌରା, ଦୀପ୍ତିଙ୍କୁ ଛାଡ଼ିଲା ଜ୍ୟାଣ୍ଟ୍ସ





ଅହମ୍ମଦାବାଦ୍, ୬।୧୧ (ଏଜେନ୍ସି): ମହିଳା ପ୍ରିମିୟର ଲିଗ୍‌ର ମେଗା ନିଲାମ ପୂର୍ବରୁ ଫ୍ରାଞ୍ଚାଇଜ୍‌ଗୁଡିକ କେଉଁର୍ ଖେଳାଳିଙ୍କୁ ରଖିବେ ଓ କାହାକୁ ଛାଡିବେ ତାହା ଘୋଷଣା କରିଛନ୍ତି। ସର୍ବଶେଷ ଟିମ୍ ଗୁଜରାଟ ଜ୍ୟାଣ୍ଟ୍ସ ଦିନିକିଆ ବିଶ୍ୱକପ୍ ରନର୍ସଅପ୍ ଦଳ ଦକ୍ଷିଣ ଆଫ୍ରିକାର ଅଧିନାୟକ ଲୌରା ୱଲଭାର୍ଟଙ୍କୁ ଛାଡ଼ିଦେଇଛି। ସେହିପରି ଦିନିକିଆ ବିଶ୍ୱକପ୍‌ର ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଦୀପ୍ତି ଶର୍ମାଙ୍କୁ ମଧ୍ୟ ତାଙ୍କ ଟିମ୍ ଛାଡିଦେଇଛି।

ରିଟେନ ହୋଇଥିବା ଖେଳାଳିଙ୍କ ମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସ ନାଟ-ସିଭର ବ୍ରଣ୍ଟ, ହରମନପ୍ରୀତ୍ କୌର, ହ୍ୟାଲି ମାଥ୍ୟୁସ, ଅମନଜ୍ୟୋତ କୌର ଓ ଜି କାମିନି ରହିଛନ୍ତି। ଆରସିବି ସ୍ମୃତି ମନ୍ଧାନା, ରିଚା ଘୋଷ, ଏଲିସେ ପେରୀ, ଶ୍ରେୟଙ୍କା ପାଟିଲ, ଗୁଜରାଟ ଜାଏଣ୍ଟ୍ସ ଆସ୍‌ଲେ ଗାର୍ଡନର ଓ ବେଥ ମୁନୀ ଓ ୟୁପି ୱାରିୟର୍ଜ ଶ୍ୱେତା ସେରାୱତଙ୍କୁ ରିଟେନ କରିଛି। ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ଜେମିମା ରୋଡ୍ରିଗ୍ସେଜ୍, ଶେଫାଳି ବର୍ମା, ଆନାବେଲ ସଦରଲାଣ୍ଡ, ମାରିଜାନ କାପ୍ ଓ ନିକି ପ୍ରସାଦଙ୍କୁ ନିଲାମି ପ୍ରକ୍ରିୟାର ବାଦ୍ ଦେଇଛି। ନଭେମ୍ବର ଶେଷ ସପ୍ତାହରେ ମହିଳା ପ୍ରିମିୟର ଲିଗ୍‌ର ମହାନିଲାମ ହେବ।

## ଆଜିଠୁ ରାଜ୍ୟ ଥ୍ରୋବଲ୍ ଚାମ୍ପିଅନସିପ୍



ଭୁବନେଶ୍ୱର,୬।୧୧(ସମିସ): ଓଡ଼ିଶା ଥ୍ରୋବଲ ଆସୋସିଏସନ ଏବଂ ସୋଆ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୩୩ତମ ରାଜ୍ୟ ଥ୍ରୋବଲ ଚାମ୍ପିଅନସିପ୍ ଆସନ୍ତାକାଲିଠାରୁ କ୍ୟାମ୍ପସ-୨ରେ ଥିବା ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହେବ। ଏଥିରେ ପୁରୁଷ ବିଭାଗରେ ୨୨ଟି ଓ ମହିଳା ବିଭାଗରେ ୨୦ଟି ଦଳ ଅଂଶଗ୍ରହଣ କରିବେ ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଥ୍ରୋବଲ ଆସୋସିଏସନ ସମ୍ପାଦକ ଜିତେନ୍ଦ୍ରନାଥ ଦାଶ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୋଆ କ୍ରୀଡ଼ା ଅଧିକାରୀ ସୁନିତା ବର୍ମା, ଯୁଗ୍ମ ସମ୍ପାଦକ ଯଶୋବନ୍ତ ପରମଗୁରୁ, ଟେକ୍ନିକାଲ ଅଫିସିଆଲ ଦୀପ୍ତିରଞ୍ଜନ ସାମନ୍ତରାୟ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା ଲିଗ୍ କମ୍ ନକ୍‌ଆଉଟ ଭିତ୍ତିରେ ଖେଳାଯିବ। ଅଂଶଗ୍ରହଣକାରୀ ଦଳଗୁଡିକୁ ୪ଟି ଗ୍ରୁପ୍‌ରେ ଭାଗକରାଯିବ। ଗ୍ରୁପ୍ ପର୍ଯ୍ୟାୟରେ ରାଉଣ୍ଡରବିନ ଲିଗ୍ ଭିତ୍ତିରେ ଖେଳାଯିବ। ପ୍ରତ୍ୟେକ ଗ୍ରୁପ୍‌ରୁ ୨ ଶ୍ରେଷ୍ଠ ଦଳ କ୍ୱାର୍ଟରଫାଇନାଲକୁ ଯିବେ। କ୍ୱାର୍ଟରଫାଇନାଲରୁ ନକ୍‌ଆଉଟ ପର୍ଯ୍ୟାୟ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟରୁ ଶ୍ରେଷ୍ଠ ୨୫ଜଣ ଲେଖାଏଁ ଖେଳାଳି ଚୟନ କରାଯିବ। ଏମାନଙ୍କୁ ଏକ ଶିବିରରେ ପ୍ରଶିକ୍ଷଣ ଦେବା ପରେ କେରଳରେ ଡିସେମ୍ବର ମାସ ଖେଳାଯିବାକୁ ଥିବା ଜାତୀୟ ଥ୍ରୋବଲ ଚାମ୍ପିଅନସିପ୍ ଲାଗି ଖେଳାଳି ଚୟନ କରାଯିବ।

### ଚାପ୍‌ମ୍ୟାନଙ୍କ ବିସ୍ଫୋରକ ଅର୍ଦ୍ଧଶତକ

## ଦ୍ୱିତୀୟ ଟି-୨୦ ସିରିଜ୍ ଜିତିଲା ନ୍ୟୁଜିଲାଣ୍ଡ

ଅକ୍‌ଲାଣ୍ଡ, ୬।୧୧ (ଏଜେନ୍ସି): ମାର୍କ ଚାପମ୍ୟାନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ନ୍ୟୁଜିଲାଣ୍ଡ ମାତ୍ର ୩ ରନ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ହରାଇଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି। ଇଡେନ ପାର୍କରେ ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଚାପ୍‌ମ୍ୟାନ୍ ୧୯ ବଲ୍‌ରୁ ଅର୍ଦ୍ଧଶତକ ଓ ୨୮ଟି ବଲ୍‌ରୁ ୬ ଚୌକା ଓ ୭ ଛକା ସହ ୭୮ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୦୭ ରନ୍ କରିଥିଲା। ଜବାବରେ ରୋଭମ୍ୟାନ୍ ପାୱେଲ, ରୋମାରିଓ ସେଫର୍ଡ ଓ ମାଥ୍ୟୁ ଫୋର୍ଡେଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ୱେଷ୍ଟଇଣ୍ଡିଜ୍ ୮ ୱିକେଟରେ ୨୦୪ ରନ୍ କରି ମାତ୍ର ୩ ରନ୍‌ରେ ହାରିଯାଇଥିଲା। ୨୦୮ ରନ୍‌ର ଟାର୍ଗେଟକୁ ପିଛା କରି ୱେଷ୍ଟଇଣ୍ଡିଜ୍ ୧୩ ଓଭର ସୁଦ୍ଧା ୯୩ ରନ୍‌ରେ ୬ ୱିକେଟ ହରାଇ ପରାଜୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ୭ମ ୱିକେଟରେ ପାୱେଲ ଓ ସେଫର୍ଡ ୨୪ ବଲ୍‌ରୁ ୬୨ ଓ ୮ମ ୱିକେଟରେ ପାୱେଲ ଓ ଫୋର୍ଡ ୧୮ ବଲ୍‌ରୁ ୪୭ ରନ୍ ଉଠାଇଥିଲେ ମଧ୍ୟ ଦଳ ଟାର୍ଗେଟରେ ପହଞ୍ଚିପାରି ନ ଥିଲା। ୮ମ ଖେଳାଳିଭାବେ ଆଉଟ ହୋଇଥିବା ପାୱେଲ ୧୬ ବଲ୍‌ରୁ ୧ଚୌକା ଓ ୬ଛକା ସହ ସର୍ବାଧିକ ୪୫, ୭ମ ଖେଳାଳି ଭାବେ ଆଉଟ ହୋଇଥିବା ସେଫର୍ଡ ୧୬ ବଲ୍‌ରୁ ୧ଚୌକା ଓ ୪ଛକା ସହ ୩୪ ଏବଂ ଫୋର୍ଡେ ୧୩ବଲ୍‌ରୁ ଅପରାଜିତ ୨୯ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ବିଜୟୀ ଦଳର ମିଚେଲ ସାଣ୍ଟନର ଓ ଇସ୍ ସୋଧି ୩ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଚାପମ୍ୟାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

### ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ



## ଜୁରେଲ-୧୩୨*, ଭାରତ ୨୫୫

ବେଙ୍ଗାଲୁରୁ,୬।୧୧(ଏଜେନ୍ସି): ୱିକେଟରକ୍ଷକ ବ୍ୟାଟର ଧ୍ରୁବ ଜୁରେଲଙ୍କ ଅପରାଜିତ ଶତକ ସହାୟତାରେ ଏଠାରେ ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ ବ୍ୟାଟିଂ ବିପର୍ଯ୍ୟୟରୁ ରକ୍ଷା ପାଇ ଏକ ସମ୍ମାନଜନକ ସ୍କୋର ସଂଗ୍ରହ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଏକଦା ୧୨୬ ରନ୍‌ରେ ୭ ୱିକେଟ ହରାଇ ବିପଦରେ ପଡ଼ିଥିଲା। କିନ୍ତୁ ଜୁରେଲ ୧୩୨ ରନ୍ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିବା ଫଳରେ ଭାରତ ପ୍ରଥମ ଇନିଂସରେ ୨୫୫ ରନ୍ କରିଅଲଆଉଟ ହୋଇଯାଇଥିଲା। ଜୁରେଲଙ୍କୁ ଉପଯୁକ୍ତ ସହାୟତା ଦେଇଥିବା କୁଲଦୀପ ଯାଦବ ୮୮ ବଲ୍‌ରେ ୨୦ ଓ ମହମ୍ମଦ୍ ସିରାଜ ୩୧ ବଲ୍‌ରୁ ୧୫ ରନ୍ ଉଠାଇଥିଲେ। ୮ମ ୱିକେଟରେ ଜୁରେଲ ଓ କୁଲଦୀପ ୧୭୩ ବଲ୍‌ରୁ ୭୯ ଏବଂ ୮ମ ୱିକେଟରେ ଜୁରେଲ ଓ ସିରାଜ ୫୫ ବଲ୍‌ରୁ ୩୪ ରନ୍ ଉଠାଇ ଦଳର ସମ୍ମାନ ରକ୍ଷା କରିଥିଲେ। ଶେଷଯାଏ ଆଉଟ ହୋଇ ନ ଥିବା ଜୁରେଲ ୧୭୫ ବଲ୍ ଖେଳି ୧୨ ଚୌକା ଓ ୪ ଛକା ସହ ୧୩୨ ରନ୍ କରିଥିଲେ। ଭାରତର ପ୍ରଥମ ୫ଜଣ ବ୍ୟାଟରଙ୍କ ମଧ୍ୟରୁ ଦୁଇ ଓପନର ଲୋକେଶ ରାହୁଲ ୧୦ ଓ ଅଭିମନ୍ୟୁ ଈଶ୍ୱରନ ଖାତା ଖୋଲି ପାରି ନ ଥିଲେ। ପରବର୍ତ୍ତୀ ୩ଜଣ ବ୍ୟାଟର ସାଇ ସୁଦର୍ଶନ ୧୭, ଦେବଦତ୍ତ ପଡ଼ିକାଲ ୫ ଓ ଅଧିନାୟକ ଋଷଭ ପନ୍ତ୍ ୨୪ ରନ୍ କରିବାକୁ ସମର୍ଥ ହୋଇଥିଲେ। ଏମାନଙ୍କ ପରେ ହର୍ଷ ଦୁବେ ୧୪ ଓ ଆକାଶଦୀପ ୦ରେ ଆଉଟ ହେବାରୁ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା।

ଦକ୍ଷିଣ ଆଫ୍ରିକା ପକ୍ଷରୁ ୨୪ ବର୍ଷୀୟ ବାମହାତୀ ଫାଷ୍ଟ ବୋଲର ତିଆନ ଭାନ୍ ଭୁରେନ ସର୍ବାଧିକ ୪ଟି ୱିକେଟ ପାଇଥିଲେ। ଅନ୍ୟତମ ଫାଷ୍ଟ ବୋଲର ସେପୋ ମୋରେକିଙ୍କୁ ୨ଟି, ଅଫ୍ ସ୍ପିନର ପ୍ରେନେଲାନ୍ ସୁବ୍ରାୟେନ୍‌ଙ୍କୁ ୨ଟି ୱିକେଟ ମିଳିଥିଲା। ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ ବିଜୟୀ ହୋଇଥିଲା। ଦୁଇ ଦେଶ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଇଡେନ ଗାର୍ଡେନ୍ସରେ ନଭେମ୍ବର ୧୪ରୁ ଆରମ୍ଭ ହେବ।

### ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬

## ଅହମ୍ମଦାବାଦ କିମ୍ବା ଶ୍ରୀଲଙ୍କାରେ ଫାଇନାଲ

ଦୁବାଇ,୬।୧୧(ଏଜେନ୍ସି): ଭାରତର ଛୋଟିଆ ସେଣ୍ଟରରେ ମହିଳା ବିଶ୍ୱକପ୍ କ୍ରିକେଟର ସଫଳ ଆୟୋଜନ ପରେ ଆସନ୍ତାବର୍ଷ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ପୁରୁଷ ଟି-୨୦ ବିଶ୍ୱକପ୍‌କୁ ଟପ୍ ସେଣ୍ଟରେ ଆୟୋଜନ କରିବାକୁ ଆଇସିସି ସ୍ଥିର କରିଛି। ଏଠାରେ ଅନୁଷ୍ଠିତ ଆଇସିସି ବୈଠକରେ ଏହା ଏକପ୍ରକାର ସ୍ଥିର ହୋଇଛି, କେବଳ ଔପଚାରିକ ଘୋଷଣାକୁ ବାକି ରହିଛି। ଟି-୨୦ ବିଶ୍ୱକପ୍‌କୁ ଭାରତ ଓ ଶ୍ରୀଲଙ୍କା ମିଳିତଭାବେ ଆୟୋଜନ କରିବେ। ପୂର୍ବ ରାଜିନାମା ଅନୁଯାୟୀ ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। ସେହିପରି ପାକିସ୍ତାନ କିମ୍ବା ଶ୍ରୀଲଙ୍କା ସେମିଫାଇନାଲକୁ ଗଲେ କଲମ୍ବୋରେ ଏହି ମ୍ୟାଚ୍ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଅହମ୍ମଦାବାଦ୍‌ରେ ଖେଳାଯିବାକୁ ସ୍ଥିର ହୋଇଛି। କିନ୍ତୁ ପାକିସ୍ତାନ ଯଦି ଫାଇନାଲକୁ ଯାଏ, ତେବେ ଏହି ମ୍ୟାଚ୍‌ଟି ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ଖେଳାଯିବ ବୋଲି ଆଇସିସି ଟୁର୍ ଆଣ୍ଡ ଫିକ୍‌ସଚର କମିଟି ପକ୍ଷରୁ ଖେଳସୂଚୀ ପ୍ରସ୍ତୁତ କରାଯାଇଛି। ଭାରତର ଟପ୍ ଭେନ୍ୟୁ ଯଥା ଅହମ୍ମଦାବାଦ୍, ମୁମ୍ବାଇ,





ଦିଲ୍ଲୀ, କୋଲକାତା ଓ ଚେନ୍ନାଇରେ ଖେଳାଯିବ। ନିକଟରେ ଶେଷ ହୋଇଥିବା ୫୦ ଓଭର ବିଶିଷ୍ଟ ମହିଳା ବିଶ୍ୱକପ୍ ଇନ୍ଦୋର, ବିଶାଖାପାଟଣା, ଗୌହାଟି, ନଭି ମୁମ୍ବାଇରେ ଖେଳାଯାଇଥିଲା। ସେହିପରି ଭାରତକୁ ଆସି ନ ଥିବାରୁ ପାକିସ୍ତାନ ତାହାର ମ୍ୟାଚ୍ ଗୁଡିକ ଶ୍ରୀଲଙ୍କାର କଲମ୍ବୋରେ ଖେଳିଥିଲା। ଟି-୨୦ ବିଶ୍ୱକପ୍ ଲାଗି ଶ୍ରୀଲଙ୍କାରେ ୨ କିମ୍ବା ୩ଟି ଭେନ୍ୟୁ ଚିହ୍ନଟ କରାଯାଇଛି। ବେଙ୍ଗାଲୁରୁ ଏହି ତାଲିକାରୁ ବାଦ୍ ପଡ଼ିଥିବା ଜଣାଯାଇଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବିଜୟ ଉତ୍ସବ ପାଳନବେଳେ ହୋଇଥିବା ଦଳାଚକଟା ଯୋଗୁଁ ଏହି ଷ୍ଟାଡିୟମ୍‌କୁ ଏବେ ବନ୍ଦ ରଖାଯାଇଛି। ଏପରିକି ଆଇପିଏଲ୍ ମ୍ୟାଚ୍ ମଧ୍ୟ ଆୟୋଜନ କରିବାକୁ ଅନୁମତି ମିଳିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ମହିଳା ବିଶ୍ୱକପ୍ ଲାଗି ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌କୁ ଭେନ୍ୟୁ ଚୟନ କରାଯାଇଥିଲା। କିନ୍ତୁ ସରକାର ସେଠାରେ ମ୍ୟାଚ୍ ଆୟୋଜନ କରିବାକୁ ଅନୁମତି ନ ଦେବାରୁ ଚିନ୍ନାସ୍ୱାମୀରେ ଖେଳାଯିବାକୁ ଥିବା ମ୍ୟାଚ୍ ଗୁଡିକୁ ନଭି ମୁମ୍ବାଇକୁ ସ୍ଥାନାନ୍ତରିତ କରାଯାଇଥିଲା।

ଏଥର ୨୦୨୬ ଟି-୨୦ ବିଶ୍ୱକପ୍‌ରେ ୨୦ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏଁ ଦଳ ଖେଳିବେ ଓ ଗ୍ରୁପ୍‌ରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ ସୁପର-୮'କୁ ଉନ୍ନୀତ ହେବେ। ସୁପର-୮'ରେ ଦଳଗୁଡିକୁ ଦୁଇଟି ଗ୍ରୁପରେ ଭାଗ କରାଯିବ। ଏଥିରେ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଆସନ୍ତାବର୍ଷ ଫେବୃଆରୀରେ ଏହି ବିଶ୍ୱକପ୍ ଖେଳାଯିବ। ଏଠାରେ ଦେଖିବାର କଥା ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଉଛନ୍ତି କି ନା। ଏହା ଯଦି ହୁଏ, ତେବେ ପାକିସ୍ତାନ ସହ ଖେଳିବାକୁ ଭାରତ ଶ୍ରୀଲଙ୍କା ଯିବ।



ଥାଇଲାଣ୍ଡରେ ଆୟୋଜିତ ବିଶ୍ୱ ଜୁ-ଜିତ୍‌ସୁ ଚାମ୍ପିଅନ୍‌ସିପ୍‌ରେ ରୌପ୍ୟ ପଦକ ଜିତିଥିବା ଓଡ଼ିଶାର ଅନୁପମା ସ୍ୱାଇଁ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS